


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୧୭ ମାର୍ଚ୍ଚ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 17 MARCH 2023
Vol.No. 34 ■ No. 71 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା


ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ତେଜସ୍ୱୀଙ୍କୁ ଗିରଫ କରିବ ନାହିଁ ବୋଲି ପ୍ରତିଶ୍ରୁତି ଦେଲା ସିବିଆଇ



ନୂଆଦିଲ୍ଲୀ, ୧୬/୦୩ : ଚାକିରି ପାଇଁ ଜମି ଦୁର୍ନୀତି ଘଟଣାରେ ୩ ଥର ସିବିଆଇ ସମନକୁ ଅଣଦେଖା କରିଥିବା ବିହାର ଉପ ମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବଙ୍କୁ ପୁଣି ଥରେ ଜେରା ପାଇଁ ଡାକିଛି ତଦନ୍ତକାରୀ ସଂସ୍ଥା। ତାଙ୍କୁ ମାର୍ଚ୍ଚ ୨୫ରୁ ପୂର୍ବରୁ ହାଜର ହେବାକୁ ଆଜି ସିବିଆଇ ସମନ କରିଛି। ଏଥିସହ ତାଙ୍କୁ ଚଳିତ ମାସରେ ଗିରଫ କରାଯିବ ନାହିଁ ବୋଲି ମଧ୍ୟ ସିବିଆଇ ପ୍ରତିଶ୍ରୁତି ଦେଇଛି । ତେଜସ୍ୱୀ ଯାଦବଙ୍କ ଓକିଲ କୋର୍ଟଙ୍କୁ କହିଛନ୍ତି ଯେ ଏହି ଆରଜେଡି ନେତା ଜଣଙ୍କ ମାର୍ଚ୍ଚ ୨୫ରେ ସିବିଆଇର ଦିଲ୍ଲୀ ମୁଖ୍ୟାଳୟରେ ପହଞ୍ଚି ତଦନ୍ତରେ ସହଯୋଗ କରିବେ। ଏହାପୂର୍ବରୁ ସିବିଆଇ ଲିଖିତ ଭାବେ ବର୍ତ୍ତମାନ ସମୟରେ ତେଜସ୍ୱୀଙ୍କୁ ଗିରଫ କରିବାକୁ କୌଣସି ଯୋଜନା ନଥିବା କୋର୍ଟଙ୍କୁ ଜଣାଇଥିଲା। ତେଜସ୍ୱୀ ବିହାରରେ ରହୁଥିବା ବେଳେ ତାଙ୍କୁ ସେଠାରେ ଜେରା ନ କରି ସିବିଆଇ ଦିଲ୍ଲୀ ମୁଖ୍ୟାଳୟରେ ହାଜର ହେବାକୁ ସମନ କରିଛି। ଏହା ବିରୋଧରେ ଗତକାଲି ସେ ଦିଲ୍ଲୀ ହାଇକୋର୍ଟରେ ଆବେଦନ କରିଥିଲେ। ସେ ତାଙ୍କ ଆବେଦନରେ କହିଥିଲେ ଯେ ବିହାର ବିଧାନସଭା ଅଧିବେଶ ଏପ୍ରିଲ ୫ ଯାଏ ଚାଲିବ। ତେଣୁ ସେ ଯାଏ ତାଙ୍କୁ ସମୟ ଦେବା ସହ ସିବିଆଇ ସମନକୁ ଖାରଜ କରାଯାଉ। କୋର୍ଟ ଏହାର ଶୁଣାଣି କରୁଥିବା ବେଳେ ଆଜି ଏପରି ଖବର ସାମ୍ନାକୁ ଆସିଛି। ଚଳିତ ସପ୍ତାହରେ ସିବିଆଇ ପକ୍ଷରୁ ତେଜସ୍ୱୀ ଦିଲ୍ଲୀ ସ୍ଥିତ ବାସଭବନରେ ରେଡ କରାଯାଇଥିଲା। ଇଡି ମଧ୍ୟ ତାଙ୍କ ଭଉଣୀ ରାଗଣୀ ଓ ଅନ୍ୟମାନଙ୍କ ଘରେ ଚଢ଼ଉ କରିଥିଲା। ୨୦୦୪ରୁ ୨୦୦୯ ଯାଏ ତେଜସ୍ୱୀଙ୍କ ବାପା ଲାଲୁ ପ୍ରସାଦ ଯାଦବ ରେଳମନ୍ତ୍ରୀ ଥିଲେ। ଏତିକି ବେଳେ ଚାକିରି ଆଶାୟୀଙ୍କ ଠାରୁ ସେ କମ ଦାମରେ ଜମି କିଣି ନିଯୁକ୍ତି ଦେଇଥିଲେ। ଚାକିରି ପାଇଁ ଜମି ମିଳିବା ପରେ ସେ ଏହାକୁ ନିଜ ପରିବାର ଲୋକଙ୍କ ନାଁରେ କରି ଦେଇଥିବା ଅଭିଯୋଗ ହୋଇଛି। ୨୦୧୭ରେ ସିବିଆଇ ଏହାର ତଦନ୍ତ ଆରମ୍ଭ କରିଥିବା ବେଳେ ଇଡି ମଧ୍ୟ ମନିଲଣ୍ଡରିଂ ମାମଲା ରୁଜୁ କରିଛି।

## କୋଭିଡ ଭଳି ମାଡୁଛି ଇନଫ୍ଲୁଏଞ୍ଜା: କୋଭିଡ ସହ 'ଏଚ୍‌୩ଏନ୨' ଲକ୍ଷଣରେ ସାମଞ୍ଜସ୍ୟ



ନୂଆଦିଲ୍ଲୀ, ୧୬/୦୩ : କୋଭିଡ ମହାମାରୀ ପରେ ଏବେ ଇନଫ୍ଲୁଏଞ୍ଜା-ଏର ସବ୍ ଭାରିଆଣ୍ଟ ଏଚ୩ଏନ୨କୁ ନେଇ ଚିନ୍ତା ବଢୁଛି । ଏହି ଭୂତାଣୁରେ ସଂକ୍ରମିତ ହୋଇ ଆକ୍ରାନ୍ତଙ୍କ ସଂଖ୍ୟା ବଢୁଥିବା ବେଳେ ମୃତ୍ୟୁସଂଖ୍ୟା ମଧ୍ୟ ବଢ଼ିବାରେ ଲାଗିଛି । ଗୋଟିଏ ପରେ ଗୋଟିଏ ରାଜ୍ୟକୁ ମାଡୁଛି ଏଚ୩ଏନ୨ । ଗୁରୁବାର ଆସାମରେ ପ୍ରଥମ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସବୁଠୁ ବଡ କଥା ହେଉଛି କୋଭିଡ୍-୧୯ ଭଳି ଏଚ୩ଏନ୨ ଆକ୍ରାନ୍ତଙ୍କ ମଧ୍ୟରେ ଅଧିକାଂଶ ଲକ୍ଷଣ ସମାନ ରହୁଛି । ଶୁଖିଲା କାଶ, ଥଣ୍ଡା, ଜ୍ୱର, ଛିଙ୍କ, ଶରୀର ଦରଜ, ଆଣ୍ଠୁ ବା ଜଏଣ୍ଟରେ ଯନ୍ତ୍ରଣା, ମୁଣ୍ଡବିନ୍ଧା, ଦୁର୍ବଳ ଅନୁଭବ କରିବା ଭଳି ଲକ୍ଷଣ ଉଭୟ କୋଭିଡ୍ ଏବଂ ଏଚ୍‌୩ଏନ୨ରେ ଦେଖିବାକୁ ମିଳୁଛି । ମାର୍ଚ୍ଚ ମାସର ପ୍ରଥମ ୧୦ ଦିନରେ ଇନଫ୍ଲୁଏଞ୍ଜା-ଏ'ର ସବ୍ ଭାରିଆଣ୍ଟ ଏଚ୩ଏନ୨ ସହ ଏଚ୧ଏନ୧ରେ ସଂକ୍ରମିତଙ୍କ ସଂଖ୍ୟା ୧ ଲକ୍ଷ ୪୦ ହଜାର ପହଞ୍ଚିଛି । ଏବେ ଦେଶରେ ଇନଫ୍ଲୁଏଞ୍ଜା ସଂକ୍ରମିତଙ୍କ ସଂଖ୍ୟା ପ୍ରାୟ ପାଞ୍ଚ ଲକ୍ଷ ପହଞ୍ଚିଛି । ଇନଫ୍ଲୁଏଞ୍ଜା-ଏ ସହ ବଢୁଛି କୋଭିଡ୍-୧୯ । ୧୦ ଦିନରେ ଦୈନିକ ସଂକ୍ରମଣ ୬୦% ବୃଦ୍ଧି । ଏବେ ଭାରତରେ ଇନଫ୍ଲୁଏଞ୍ଜା-ଏର ସବ୍ ଭାରିଆଂଟ ଏଚ୩ଏନ୨ ସହ ଏଚ୧ଏନ୧ (ସ୍ୱାଇନ ଫ୍ଲୁ) ବଢୁଥିବା ବେଳେ କୋଭିଡ ସଂକ୍ରମଣ ମଧ୍ୟ ପୁଣି ବଢ଼ିବାରେ ଲାଗିଲାଣି । ଗତ ୧୦ ଦିନ ମଧ୍ୟରେ ୬୦ ପ୍ରତିଶତ କୋଭିଡ ସଂକ୍ରମଣ ବଢ଼ିଛି । ଗତ ମାର୍ଚ୍ଚ ୧ ତାରିଖରେ ଭାରତରେ ଦୈନିକ ସଂକ୍ରମଣ ୨୦୦ ଥିବା ବେଳେ ଏବେ ୬୦୦ ଟପିଗଲାଣି । ଦେଶରେ କୋଭିଡ ସଂକ୍ରମଣ ବଢ଼ିବା ପଛରେ ରହିଛି କୋଭିଡର ନୂଆ ଭ୍ୟାରିଆଣ୍ଟ 'ଏକ୍ସବିବି.୧.୧୬'ପ୍ରଜାତି । ଭାରତ, ବ୍ରୁନେଇ, ଆମେରିକାରେ, ସିଙ୍ଗାପୁର ସହ ଅନ୍ୟ ଦେଶରେ ମଧ୍ୟ କୋଭିଡର ଏହି ନୂଆ ଭାରିଆଣ୍ଟରେ ଲୋକେ ସଂକ୍ରମିତ ହେଉଛନ୍ତି । ସବୁଠୁ ବଡ କଥା ହେଉଛି କୋଭିଡର ପୂର୍ବ ଭାରିଆଣ୍ଟ ଅପେକ୍ଷା ନୂଆ ପ୍ରଜାତି 'ଏକ୍ସବିବି.୧.୧୬' ଅଧିକ ଦ୍ରୁତ ଗତିରେ ବ୍ୟାପୁଛି । ମହାରାଷ୍ଟ୍ର, ଉତ୍ତରପ୍ରଦେଶ, ଗୁଜରାଟରେ କୋଭିଡର ଏହି ନୂଆ ଭାରିଆଣ୍ଟ ଚିହ୍ନଟ ହୋଇଛି । ଇନଫ୍ଲୁଏଞ୍ଜା ଏବଂ କୋଭିଡ ସଂକ୍ରମଣ ଯେଉଁଭଳି ଭାବେ ବଢୁଛି ଏହା ଉପରେ ସତର୍କ ରହିବାକୁ କେନ୍ଦ୍ର ସରକାର ପରାମର୍ଶ ଜାରି କରିଛନ୍ତି । ବିହାରରେ ହସ୍ପିଟାଲ ବେଡ ପ୍ରସ୍ତୁତ ରଖିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି । ଲୋକଙ୍କୁ ମାସ୍କ ପିନ୍ଧିବାକୁ କୁହାଯାଇଛି । ଯଦି ସଂକ୍ରମଣ ଅଧିକ ବଢେ ତେବେ ସରକାର କଣକଟା ଆହୁରି କଡାକଡି କରିପାରନ୍ତି ବୋଲି କୁହାଯାଉଛି ।

## ସୁଯୋଗ ଦେଲେ ସଂସଦରେ କହିବି : ରାହୁଲ ଗାନ୍ଧୀ



ନୂଆଦିଲ୍ଲୀ, ୧୬/୦୩ : ବିଦେଶ ଗସ୍ତରେ ଥିବା ବେଳେ ରାହୁଲ ଗାନ୍ଧୀଙ୍କ ବୟାନ ଦେଶ ବିରୋଧୀ ବୋଲି କହିଛି ଶାସକ ଦଳ ବିଜେପି । ରାହୁଲ ଦାୟିତ୍ୱହୀନ ମନ୍ତବ୍ୟ ଦେଇ ଦେଶକୁ ବଦନାମ କରିଥିବା କହି ବିଜେପି ପ୍ରସଙ୍ଗକୁ ଜୋରଦାର କରିଛି । ଯାହାର ପ୍ରଭାବ ସଂସଦରେ ମଧ୍ୟ ଦେଖିବାକୁ ମିଳିଛି । ବିବାଦ ଭିତରେ ରାହୁଲ ଗାନ୍ଧୀ ଗୁରୁବାର ସଂସଦରେ ପହଞ୍ଚିଛନ୍ତି । ବିଜେପି ରାହୁଲଙ୍କଠୁ କ୍ଷମା ପ୍ରାର୍ଥନା ଦାବି କରିଥିବା ବେଳେ କଂଗ୍ରେସ କହିଛି ଆଦାନୀ ପ୍ରସଙ୍ଗରୁ ନଜର ହଟାଇବାକୁ ବିଜେପି ରାହୁଲଙ୍କ ବୟାନକୁ ପ୍ରସଙ୍ଗ କରିଛି । ପୂର୍ବରୁ ମୋଦୀ ମଧ୍ୟ ବିଦେଶ ଗସ୍ତରେ ଯାଇ ଦେଶକୁ ବଦନାମ କରିଛନ୍ତି ବୋଲି କଂଗ୍ରେସ ଅଧ୍ୟକ୍ଷ କହିଛନ୍ତି । ରାହୁଲଙ୍କ ଏଭଳି ବୟାନ ଉପରେ କଡା ଜବାବ ରଖି କେନ୍ଦ୍ର ମନ୍ତ୍ରୀ କିରଣ ରିଜିଜୁ କହିଛନ୍ତି, ଯିଏ ଭାରତରେ ଅଧିକାଂଶ ସମୟରେ ଦିନରାତି ସରକାରଙ୍କୁ ଟାର୍ଗେଟ କରୁଛନ୍ତି, ହେଲେ ସେହି ନେତା ବିଦେଶ ଯାଇ କହୁଛନ୍ତି ତାଙ୍କୁ ଭାରତରେ କହିବାର ସ୍ୱାଧୀନତା ଦିଆଯାଉନାହିଁ । ଆଦାନୀ ମାମଲାରେ ବୁଧବାର ଜେପିସି ଗଠନ ଏବଂ ନିରପେକ୍ଷ ତଦନ୍ତ ଦାବିରେ ବୁଧବାର କଂଗ୍ରେସ ସମେତ ୧୭ ବିରୋଧୀ ଦଳ ସଂସଦ ଭବନରୁ ଇଡି କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାତ୍ରା କରିଥିଲେ । ପୁଲିସ ଅଟକାଇବାରୁ ସେମାନଙ୍କୁ ଅଧା ବାଟରୁ ଫେରିବାକୁ ପଡିଥିଲା । ଏହାପରେ ସଂସଦ ଭବନ ବାହାରେ ବିରୋଧୀ ଦଳଗୁଡିକ ମାନବଶୃଙ୍ଖଳ କରି ପ୍ରତିବାଦ କରିଛନ୍ତି । ହାତରେ ନରେନ୍ଦ୍ର ମୋଦୀ ଏବଂ ଅମିତ ଶାହାଙ୍କ ବିରୋଧରେ ଲେଖାଥିବା ପ୍ଲାକାର୍ଡ ଧରି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି ବିରୋଧୀ । ସେପଟେ କଂଗ୍ରେସ ମଧ୍ୟ ଏହାକୁ ନେଇ ରାଜଧାନୀ ଦିଲ୍ଲୀରେ ବିକ୍ଷୋଭ ପଦର୍ଶନ କରିଛି । ୧୧ଟା ଯାଏ ମୁଲତବୀ ଘୋଷଣା କରିଛନ୍ତି ବାଚସ୍ପତି । ହେଲେ ଗୃହ କିପରି ଚାଲିବ ଲୋକଙ୍କ ସମସ୍ୟା ଉପରେ ଆଲୋଚନା ହେବ ତାହା ଉପରେ କେହି ଗୁରୁତ୍ୱ ଦେଉନାହାଁନ୍ତି ।

## ଅଫିସରମାନଙ୍କ ଗୋଟିଏ ପଦରେ ଅନେକ ଦିନ ଧରି ରହିବା ଓ ଜଣେ ଅଧିକାରୀ ଅନେକ ଦାୟିତ୍ୱରେ ରହିବାକୁ ନେଇ ଜୟ ନାରାୟଣ କଲେ ଟାର୍ଗେଟ

ଭୁବନେଶ୍ୱର, ୧୬/୦୩ (ନି.ପ୍ର): ବିରୋଧୀ ଦଳର ନେତା ଜୟନାରାୟଣ ମିଶ୍ର ଆଜି ଅନେକ ବର୍ଷ ଧରି ସରକାରୀ ଅଧିକାରୀ ଗୋଟିଏ ପଦରେ ରହିବା ଓ ଜଣେ ଅଧିକାରୀ ଅନେକ ପଦ ଦାୟିତ୍ୱରେ ରହିବାକୁ ନେଇ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଛନ୍ତି । ଏହା କଣ ଫାଇଭ ଟି ବୋଲି ମଧ୍ୟ ସେ ପ୍ରଶ୍ନ କରିଛନ୍ତି । ଏ ସମ୍ପର୍କରେ ସାଧାରଣ ପ୍ରଶାସନ ବିଭାଗର ମନ୍ତ୍ରୀ ଗୃହରେ ଉତ୍ତର ଦେବାକୁ ନିର୍ଦ୍ଦେଶ ଦେବାକୁ ସେ ବାଚସ୍ପତିଙ୍କୁ ଅନୁରୋଧ କରିଥିଲେ । ଶୂନ୍ୟକାଳରେ ସେ ଓ ଏହି ପ୍ରସଙ୍ଗ ଉଠାଇ କହିଛନ୍ତି ଯେ ପ୍ରତ୍ୟେକ ଜିନିଷ ପାଇଁ ସରକାରଙ୍କ ଏକ ନିର୍ଦ୍ଦିଷ୍ଟ ନୀତି ରହିବା ଆବଶ୍ୟକ । ଟ୍ରାନ୍ସଫର ଏବଂ ପୋଷ୍ଟିଂ ପାଇଁ ଗୋଟେ ନିୟମ ରହିଛି । ଗୋଟେ ବିଭାଗ କି ଗୋଟେ ଜାଗା ରେ ଜଣେ ଅଫିସର ଅଧିକ ରହିବା କଥା ନୁହେଁ । ସେ କହିଛନ୍ତି ଯେ କେନ୍ଦୁଝର ଓ ମୟୁରଭଞ୍ଜ ଜିଲ୍ଲାପାଳ ସେହି ଜିଲ୍ଲାରେ ୬ ବର୍ଷ ରୁ ଅଧିକ ସମୟ ରହିଲେଣି । କେନ୍ଦୁଝର ଜିଲ୍ଲାପାଳ ପ୍ରଶାସନ ର କାମ ଛାଡି ଅନ୍ୟ ସବୁ କାମ କରିବାରେ ବ୍ୟସ୍ତ ଅଛନ୍ତି । ସେ କହିଛନ୍ତି ଯେ ନଗର ଉନ୍ନୟନ ବିଭାଗ ସଚିବ ଜି ମାଥିଭାଥନ ୨୦୧୪ ରୁ ୯ ବର୍ଷ ଧରି ଗୋଟିଏ ବିଭାଗ ରେ ରହିଛନ୍ତି । ଖାଦ୍ୟ ଯୋଗାଣ ସଚିବ ବୀ ର ବିକ୍ରମ ଯାଦବ ୨୦୧୭ ରୁ ଗୋଟେ ବିଭାଗରେ ରହିଛନ୍ତି । ଯିଏ କି ପୂର୍ତ୍ତ ଓ ଶ୍ରୀ ମନ୍ଦିର ପ୍ରଶାସନ ଦାୟିତ୍ୱରେ ରହିଛନ୍ତି । ▶▶ପୃଷ୍ଠା ୭

## ବିନା ୟୁନିଫର୍ମରେ ପାଠ ପଢାଇଲେ ଶିକ୍ଷକ

ଭୁବନେଶ୍ୱର, ୧୬/୦୩ (ନି.ପ୍ର): ଗତକାଲିର ନିଷ୍ପତିରେ ଅଟଳ ରହିଲେ ପ୍ରାଥମିକ ଶିକ୍ଷକ। ସରକାରଙ୍କ ଅନୁରୋଧ ସତ୍ତ୍ୱେ ଗୁରୁବାର ଦିନ ପ୍ରାଥମିକ ଶିକ୍ଷକ ଶିକ୍ଷୟିତ୍ରୀ ବିନା ୟୁନିଫର୍ମରେ ସ୍କୁଲରେ ଯୋଗଦେଇଛନ୍ତି। ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଶିକ୍ଷକ ଶିକ୍ଷୟିତ୍ରୀ ବିନା ୟୁନିଫର୍ମରେ ଶିକ୍ଷାଦାନ କରୁଥିବାର ଦେଖାଦେଇଛି । ୟୁନିଫର୍ମ ପାଇଁ ସରକାର ଭତା ଦେଉନଥିବାରୁ ଏହାକୁ ବର୍ଜନ କରିବାକୁ ଗତକାଲି ପ୍ରାଥମିକ ଶିକ୍ଷକ ଷ୍ଟିଅରିଂ କମିଟି ବୈଠକରେ ନିଷ୍ପତି ନିଆଯାଇଥିଲା। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଦାୟିତ୍ୱରେ ଥିବା ଶିକ୍ଷକ ଶିକ୍ଷୟିତ୍ରୀ ସେମାନଙ୍କ ପଦ ଛାଡିବେ। ମଧ୍ୟାହ୍ନ ଭୋଜନ ପରିଚାଳନା ଦାୟିତ୍ୱରୁ ଦୂରେଇ ରଖିବେ । ଯେଉଁମାନେ ସିଆରସିସି ପଦରେ ରହିଛନ୍ତି ସେମାନେ ଇସ୍ତଫା ଦେବେ । ୩ ଦଫା ଦାବି ପୂରଣ ନହେବା ପର୍ଯ୍ୟନ୍ତ ଶିକ୍ଷକ ଶିକ୍ଷୟିତ୍ରୀ ରାଜ୍ୟ ସରକାରଙ୍କୁ ସମସ୍ତ କ୍ଷେତ୍ରରେ ଅସହଯୋଗ କରିବେ ବୋଲି ନିଷ୍ପତି କରାଯାଇଥିଲା। ଲୋୟର ପିଏମଜିରେ ଆନ୍ଦୋଳନ ପାଇଁ ଅନୁମତି ନମିଳିବା ପରେ ପ୍ରଦର୍ଶନୀ ପଡିଆରେ ହଜାର ହଜାର ଶିକ୍ଷକ ଶିକ୍ଷୟିତ୍ରୀ ଏକାଠି ହୋଇଥିଲେ । ସେଠାରେ ବୈଠକ ପରେ ଗଣଶିକ୍ଷା ମନ୍ତ୍ରୀଙ୍କ ସହ ଆଲୋଚନା ହୋଇଥିଲା। ଆନ୍ଦୋଳନକୁ ସାମୟିକ ସ୍ଥଗିତ ରଖିବାକୁ ସେମାନେ ରାଜି ହୋଇଥିଲେ ହେଁ ୟୁନିଫର୍ମ ବର୍ଜନ କରିବା ନିଷ୍ପତିରେ ଅଟଳ ରହିଥିଲେ ।

## ୧୯ ଯାଏଁ ବର୍ଷା, ୧୮ରେ କୁଆପଥର ମାଡ



ଭୁବନେଶ୍ୱର, ୧୬/୦୩ (ନି.ପ୍ର): ପଶ୍ଚିମା-ଝଡ଼ ପ୍ରଭାବରେ ରାଜ୍ୟରେ କିଛି ଅଂଚଳରେ ମେଘୁଆ ପାଗ ରହିଛି। ଦକ୍ଷିଣ-ଓଡ଼ିଶାର କିଛି ଜିଲ୍ଲାରେ ବିଜୁଳି ଘଡଘଡି ଲାଗିରହିଛି। ଆଗାମୀ ୧୯ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲ୍ଲାରେ ବିଜୁଳି ଘଡଘଡି ସହ ବର୍ଷା ଲାଗି ରହିବ। ସେହିପରି ୧୮ ରେ ରାଜ୍ୟର ବର୍ଷାର ବିସ୍ତୃତି ବୃଦ୍ଧି ସହ କିଛି ଜିଲ୍ଲାରେ କୁଆପଥର (କରାମାଡ଼) ବର୍ଷା ସମ୍ଭାବନା ଥିବାରୁ କେନ୍ଦୁଝର, ▶▶ପୃଷ୍ଠା ୭

## ଆଶାକର୍ମୀଙ୍କ ଆନ୍ଦୋଳନ ସ୍ଥଗିତ

ଭୁବନେଶ୍ୱର, ୧୬/୦୩ (ନି.ପ୍ର): ଭୁବନେଶ୍ୱର ଲୋୟର ପିଏମଜି ଠାରେ ଗତକାଲି ଠାରୁ ଅହୋରାତ୍ର ଧାରଣାରେ ବସିଥିବା ଆଶାକର୍ମୀ ଗୁରୁବାର ଆନ୍ଦୋଳନରୁ ଓହରିଛନ୍ତି । ଆଶାକର୍ମୀ ୟୁନିୟନ୍ ସଂଯୁକ୍ତ ମୋର୍ଚ୍ଚାର ପ୍ରତିନିଧି ଦଳ ମହିଳା ଓ ଶିଶୁ ବିକାଶ ବିଭାଗର କମିଶନର୍ ତଥା ସଚିବ ଶ୍ରୀମତୀ ଶାଳିନୀ ପଣ୍ଡିତଙ୍କ ସହ ଆଲୋଚନା ପରେ ଏହି ନିଷ୍ପତି ନେଇଛନ୍ତି। ମୋର୍ଚ୍ଚାର ଆବାହକ ବିଜୟ ଜେନା, ନମିତା ସାହୁ, ମାତିଲଦା କୁଲୁ, ଉମି ଗୁପ୍ତା, ବିଜୟଲକ୍ଷ୍ମୀ ସିଂ, ମମତା ଖଣ୍ଡାୟତରାୟ, ଯାଜ୍ଞସେନୀ ପ୍ରଧାନ ପ୍ରମୁଖ କମିଶନରଙ୍କ ସହିତ ୧୩ ଦଫା ଦାବି ନେଇ ଆଲୋଚନା କରିଥିଲେ। ମାସିକ ଭତା ବୃଦ୍ଧି, ନିଶ୍ଚିତ ଇନ୍‌ସେଂଟିଭ୍ ଭତାରେ ସାମିଲ କରିବା, ବରିଷ୍ଠତା ଭିତିରେ ଏ.ଏନ୍.ଏମ୍. ପଦବୀକୁ ପଦୋନ୍ନତି ଇତ୍ୟାଦି ବିଷୟରେ ସକାରାତ୍ମକ ଆଲୋଚନା ସହ କମିଶନରଙ୍କ ସୁପାରିଶକ୍ରମେ ରାଜ୍ୟ ସରକାର ଖୁବ୍ ଶୀଘ୍ର ଘୋଷଣା କରିବେ ବୋଲି ପ୍ରତିଶ୍ରୁତି ପରେ ଆଜି ଦ୍ୱିତୀୟ ଦିନରେ ଚାଲିଥିବା ଏହି ଅହୋରାତ୍ର ଗଣଧାରଣା ସ୍ଥଗିତ ହୋଇଛି।

## ଆନ୍ଦୋଳନ କରିବାକୁ ଘରୋଇ ବସ୍ ମାଲିକ ସଂଘର ଚେତାବନୀ

ଭୁବନେଶ୍ୱର, ୧୬/୦୩ (ନି.ପ୍ର): ଆଜି ସନ୍ଧ୍ୟା ସୁଦ୍ଧା ସରକାର ଯଦି ଆନ୍ଦୋଳନକାରୀ ଡ୍ରାଇଭରଙ୍କ କବଳରୁ ରାସ୍ତାକୁ ମୁକ୍ତ ନ କରନ୍ତି, ତେବେ ବସ୍ ଚଳାଚଳ ବନ୍ଦ ରଖିବାକୁ ବାଧ୍ୟ ହେବୁ ବୋଲି ଘରୋଇ ବସ୍ ମାଲିକ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି । ଘରୋଇ ବସ୍ ମାଲିକ ସଂଘ ସଂପାଦକ ଦେବେନ୍ଦ୍ର ସାହୁ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି, ଆନ୍ଦୋଳନକାରୀ ରାସ୍ତାରେ ଆମ ଗାଡ଼ି ଚାଳକଙ୍କୁ ମାଡ଼ ମାରିବା ସହ ଦୁର୍ବ୍ୟବହାର ▶▶ପୃଷ୍ଠା ୭

## ଦ୍ୱିତୀୟ ଦିନରେ ଡ୍ରାଇଭର ସଂଘର ଷ୍ଟିୟରିଂ ଛାଡ଼ ଆନ୍ଦୋଳନ

### - ଯାତ୍ରୀ ଓ ମାଲ ପରିବହନ ପ୍ରଭାବିତ, ବଢ଼ିପାରେ ଦରଦାମ୍
### - ଡିଜିଙ୍କ ସହ ଆଲୋଚନା କରିବ ଘରୋଇ ବସ୍ ମାଲିକ ସଂଘ



ଭୁବନେଶ୍ୱର, ୧୬/୦୩ (ନି.ପ୍ର): ୧୦ ଦଫା ଦାବି ନେଇ ଡ୍ରାଇଭର ସଂଘର ଷ୍ଟିୟରିଂ ଛାଡ଼ ଆନ୍ଦୋଳନ ଗୁରୁବାର ଦ୍ୱିତୀୟ ଦିନରେ ପହଂଚିଛି। ଦ୍ୱିତୀୟ ଦିନରେ ମଧ୍ୟ ରାଜ୍ୟର ବିଭିନ୍ନ ସ୍ଥାନରେ ବସ୍ ଓ ଟ୍ରକ୍ ଚଳାଚଳ ପ୍ରଭାବିତ ହୋଇଛି। ଗତକାଲି ଭଳି ଆଜି ବି ଭୁବନେଶ୍ୱର ବରମୁଣ୍ଡା ବସଷ୍ଟାଣ୍ଡ ଓ କଟକ ବାଦାମବାଡି ବସଷ୍ଟାଣ୍ଡ ଖାଁ ଖାଁ ଲାଗୁଛି। ଆବଶ୍ୟକ ଯାତ୍ରୀ ଓ ବସ୍ ନଥିବାରୁ ବସ୍‌ଷ୍ଟାଣ୍ଡରୁ ଗଡୁନି ବସ୍। ବସ୍ ଚାଲୁନଥିବାରୁ ଯାତ୍ରୀ ମାନେ ଫେରିଯାଉଥିବାର ଦେଖିବାକୁ ମିଳିଛି। ଡ୍ରାଇଭର ସଂଘର କର୍ମକର୍ତାମାନେ ବିଭିନ୍ନ ସ୍ଥାନରେ ଏବେ ବି ଧାରଣାରେ ବସି ରହିଛନ୍ତି। ଡ୍ରାଇଭର ମାନଙ୍କ ଧାରଣା ଯୋଗୁଁ ମାଲ ପରିବହନ ବାଧାପ୍ରାପ୍ତ ହୋଇଛି। ଫଳରେ ପନିପରିବା, ପେଟ୍ରୋଲ ସମେତ ଅନେକ ଅତ୍ୟାବଶ୍ୟକୀୟ ସାମଗ୍ରୀର ଦରଦାମ ବଢ଼ିବା ଆଶଙ୍କା କରାଯାଉଛି। ଅପରପକ୍ଷରେ ଘରୋଇ ବସ୍ ମାଲିକ ସଂଘ ସମ୍ପାଦକ ଦେବେନ୍ଦ୍ର ସାହୁ ବସ୍ ଚଳାଚଳ ପ୍ରଭାବିତ ହେବା ପାଇଁ ପୋଲିସ ଦାୟୀ ବୋଲି କହିଛନ୍ତି। ସେ କହିଛନ୍ତି ପୋଲିସ ଉପସ୍ଥିତିରେ ଆମ ବସ୍ ଡ୍ରାଇଭରଙ୍କୁ ଅପମାନିତ କରାଯାଉଛି। ପୋଲିସ ସୁରକ୍ଷା ଦେବାକୁ କହି ଦେଉନି, ଆମେ କିପରି ବସ୍ ଚଳାଇବୁ। ସେମାନେ ରାସ୍ତାରେ ଗାଡ଼ିକୁ ଅଟକାଉଛନ୍ତି, ପୋଲିସ ଥାଇ କିଛି କରୁ ନାହିଁ। ଏନେଇ ପୋଲିସ ଡିଜିଙ୍କୁ ମଧ୍ୟ ଜଣାଇ ସାରିଛି।ଆଜି ବୈଠକ ଅଛି, ଅପରାହ୍ନ ୨ଟା ସୁଦ୍ଧା ନିଷ୍ପତି ଜଣାଇବୁ ବୋଲି ସେ କହିଛନ୍ତି। ସେହିପରି ଆନ୍ଦୋଳନକାରୀ ଡ୍ରାଇଭର ମାନେ ଅପମାନିତ କରିଛନ୍ତି ବୋଲି ଅଭିଯୋଗ କରି ଗୁରୁବାର ସ୍ମାର୍ଟସିଟି ଅନଲାଇନ ଅଟୋ ସଂଘ ପକ୍ଷରୁ ଭୁବନେଶ୍ୱରରେ ଧାରଣା ଦିଆଯାଇଥିଲା। ତେବେ ଡିଜିପିଙ୍କ ସହ ଆଲୋଚନା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିବା ସୂଚନା ମିଳିଛି।

## ବିଏସ୍ ୟେଦ୍ୟୁରପ୍ପାଙ୍କୁ ଘେରିଗଲେ ବିଜେପି କର୍ମୀ



ନୂଆଦିଲ୍ଲୀ, ୧୬/୦୩ : ବିଜେପିର ବରିଷ୍ଠ ନେତା ତଥା କର୍ଣ୍ଣାଟକାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଏସ୍ ୟେଦ୍ୟୁରପ୍ପା ଆଜି ଗୋଟିଏ ଅପ୍ରୀତିକର ପରିସ୍ଥିତିର ସମ୍ମୁଖୀନ ହୋଇଛନ୍ତି। ସେ ବିଜେପି ପାଇଁ ପ୍ରଚାର କରିବାକୁ ଯାଉଥିବା ବେଳେ ତାଙ୍କୁ ନିଜ ଦଳର କର୍ମୀ ଓ ନେତାମାନେ ବିରୋଧ କରିଛନ୍ତି। ବିଜେପିର ଶତାଧିକ କର୍ମୀ ତାଙ୍କୁ ଘେରାଉ କରିବାରୁ ସେ ବାଧ୍ୟ ହୋଇ ନିଜର ପ୍ରଚାର କାର୍ଯ୍ୟକ୍ରମକୁ ବାତିଲ କରି ଘରକୁ ଫେରି ଯାଇଛନ୍ତି। ଚିକ୍କାମାଗାଲୁରୁ ଜିଲ୍ଲାରେ ଏପରି ଘଟଣା ଘଟିଛି। କର୍ଣ୍ଣାଟକା ବିଧାନସଭା ନିର୍ବାଚନରେ ବିୱାଇ ବିଜୟେନ୍ଦ୍ର ଶିକାରିପୁରାରୁ ଲଢ଼ିବେ ବୋଲି ନିଜେ ୟେଦ୍ୟୁରପ୍ପା ଘୋଷଣା କରିଥିଲେ। ବିଜୟେନ୍ଦ୍ର ହେଉଛନ୍ତି ୟେଦ୍ୟୁରପ୍ପାଙ୍କ ପୁଅ। ତେବେ ପୁଅ ପାଇଁ ଲବି କରୁଥିବା ୟେଦ୍ୟୁରପ୍ପାଙ୍କ ଏପରି ଘୋଷଣାକୁ ବିଜେପିର ଜାତୀୟ ସାଧାରଣ ସମ୍ପାଦକ ସିଟି ରବି ଅଗ୍ରାହ୍ୟ କରି ଦେଇଥିଲେ। ତଥାପି ୟେଦ୍ୟୁରପ୍ପା ନିଜ ଘୋଷଣାରେ ଅଟଳ ରହିବାକୁ ବିଜେପିର ଗୋଟିଏ ଗୋଷ୍ଠୀ ତାଙ୍କୁ ବିରୋଧ କରିବା ଆରମ୍ଭ କରିଥିଲେ। ଆଜି ବିଜେପି ବନାମ ବିଜେପି କଳି ଦାଣ୍ଡରେ ପଡ଼ି ହାଟରେ ଗଡ଼ିଛି। ବିଜେପିର ବିଜୟ ସଂକଳ୍ପ ଯାତ୍ରାରେ ଯୋଗଦେବାକୁ ଆଜି ୟେଦ୍ୟୁରପ୍ପା ମୁଦିଗେରେ ନିର୍ବାଚନ ମଣ୍ଡଳୀରେ ପହଞ୍ଚିଥିଲେ। ଏତିକି ବେଳେ ସିଟି ରବିଙ୍କ ଗୋଷ୍ଠୀର ଶତାଧିକ ବିଜେପି କର୍ମୀ ଓ ସମର୍ଥକମାନେ ୟେଦ୍ୟୁରପ୍ପାଙ୍କୁ ଘେରି ଯାଇଥିଲେ। ସେମାନେ ତାଙ୍କ କାରକୁ ଘେରି ଯାଇ ମୁଦିଗେରେରରୁ ଯେମିତି ବିଧାୟକ ଏମପି କୁମାରାସ୍ୱାମୀଙ୍କୁ ବିଜେପି ଟିକେଟ ନ ଦେବ, ସେନେଇ ଦାବି କରିଥିଲେ। ଏହାକୁ ଦେଖି ୟେଦ୍ୟୁରପ୍ପା ଅସନ୍ତୋଷ ପ୍ରକାଶ କରିବା ସହ ରାଗରେ ଯାତ୍ରାରେ ଭାଗ ନ ନେଇ ସେଠାରୁ ଚାଲି ଯାଇଥିଲେ। ରାସ୍ତାର ଗୋଟିଏ ପାର୍ଶ୍ୱରେ ଏପରି ଘଟଣା ଘଟିଥିବା ବେଳେ ଅନ୍ୟ ପାର୍ଶ୍ୱରେ ସିଟି ରବି ନିଜ ସମର୍ଥକମାନଙ୍କ ସହ ଚାଲିଚାଲି ଯାଉଥିବା ଦେଖିବାକୁ ମିଳିଛି।

## ଡାକ ମେଳା ଅନୁଷ୍ଠିତ

ଜୟପୁର, ୧୬/୦୩ (ନି.ପ୍ର): ଜୟପୁର ବ୍ଲକ ଅନ୍ତର୍ଗତ ଉମୁରି ଠାରେ ଡାକ ମେଳା ଅନୁଷ୍ଠିତ ହୋଇଛି । କୋରାପୁଟ ଡାକ ମଣ୍ଡଳ ତରଫରୁ ଏହି ମେଳା ଆୟୋଜନ କରାଯାଇଥିଲା । ଏହି ମେଳାରେ ଜୟପୁର ବ୍ଲକ ଅଧକ୍ଷା ତିଲୋତମା ମୁଦୁଲି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଏସଏସପି ମନୋଜ ପ୍ରଗଡା, ବିଡିଓ ରାଜୀବ ଦାସ , ସରପଂଚ ଉପସ୍ଥିତ ଥିଲେ । ଏଠାରେ ଡାକ ବିଭାଗ ତରଫରୁ ଷ୍ଟଲ କରାଯାଇଥିଲା । ଏହି ମେଳାର ମୁଖ୍ୟ ଉଦ୍ଦେଶ୍ୟ ହେଲା ଲୋକମାନଙ୍କୁ ବିଭିନ୍ନ ଜିନିଷ ଉପରେ ସଚେତନ କରିବା । ଏହା ଛଡା ଆଧାର ସହ ମୋବାଇଲ ଲିଙ୍କ, ମାଗଣାରେ ୫ ବର୍ଷ ଶିଶୁର ଆଧାର କରିବା, ପାନ କାର୍ଡ ଆଦି ଉପରେ ସଚେତନ କରାଯାଇଥିଲା । ଉପସ୍ଥିତ ଅତିଥି ମାନେ ଯେପରି ଅଧିକରୁ ଅଧକ ସୁକନ୍ୟା ସମୃଦ୍ଧି ଖାତା ଖୋଲିବାକୁ ଲୋକ ଙ୍କୁ ସେଚେତନ କରିବାକୁ ଅନୁରୋଧ କରିଥିଲେ ।

## ସବୁ ବିପଦସଙ୍କୁଳ ସ୍କୁଲ ଭଙ୍ଗାଯିବ : ଗଣଶିକ୍ଷା ମନ୍ତ୍ରୀ



ଭୁବନେଶ୍ୱର , ୧୬/୦୩ (ନି.ପ୍ର): ରାଜ୍ୟରେ ୧୧୯୩୮ଟି ବିପଦସଙ୍କୁଳ ସ୍କୁଲ ଅଛି । ଏହାକୁ ଭାଙ୍ଗିବାକୁ ୨୦୧୪ ମସିହାରୁ ଜିଲ୍ଲା ପ୍ରକଳ୍ପ ଅଧିକାରୀମାନଙ୍କୁ ଚିଠି ଲେଖାଯାଇଛି । ହେଲେ ଏବେ ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ ହୋଇନଥିବାରୁ ଭଙ୍ଗାଯାଇନି । ଯଥାସମ୍ଭବ ଶୀଘ୍ର ସମସ୍ତ ବିପଦସଙ୍କୁଳ ସ୍କୁଲ ଭାଙ୍ଗିବାକୁ ନିର୍ଦ୍ଦେଶ ଜାରି କରିବୁ । ବୁଧବାର ଦିନ ବିଧାୟକ ଅମର ଶତପଥୀଙ୍କ ଅସୁରକ୍ଷିତ ଶ୍ରେଣୀଗୃହ ସମ୍ପର୍କିତ ଏକ ପ୍ରଶ୍ନର ଉତ୍ତର ଦେଇ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏହା କହିଛନ୍ତି ।

ହେଲେ ବିଧାୟକ ଶ୍ରୀ ଶତପଥୀଙ୍କ ମୂଳ ପ୍ରଶ୍ନ ଥିଲା, ୯ବର୍ଷ ଭିତରେ ବିପଦସଙ୍କୁଳ ଶ୍ରେଣୀ ଗୃହ ଭଙ୍ଗାନଯିବା କାରଣ କ'ଣ ? ଆହୁରି କେତେ ଦିନ ପିଲା ଅସୁରକ୍ଷିତ ହୋଇ ପାଠ ପଢ଼ିବେ ? ଯୁଦ୍ଧକାଳୀନ ଭିତ୍ତିରେ ପ୍ରାଥମିକ ସ୍କୁଲ ନିର୍ମାଣ ପାଇଁ ଅନୁଦାନ ଦିଆଯାଉ । ପଞ୍ଚାୟତିରାଜ ବିଭାଗକୁ ଯଦି ସ୍କୁଲର ରକ୍ଷଣାବେକ୍ଷଣ ପାଇଁ ଅର୍ଥ ଦିଆଯାଉଛି ତେବେ କେତେ ଅର୍ଥ ଶ୍ରେଣୀଗୃହ ନିର୍ମାଣ ପାଇଁ ଖର୍ଚ୍ଚ ହେବ ତାହା ଧାର୍ଯ୍ୟ କରି ଦିଆଯାଉ । ଉତ୍ତରରେ ମନ୍ତ୍ରୀ କହିଥିଲେ, ପୂର୍ବରୁ ସର୍ବଶିକ୍ଷା ଅଭିଯାନରେ ପ୍ରତିବର୍ଷ ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ ପାଇଁ ଅନୁଦାନ ଆସୁଥିଲା । ହେଲେ ସମଗ୍ର ଶିକ୍ଷା ଅଭିଯାନ ହେବା ପରେ ଅତିରିକ୍ତ ଶ୍ରେଣୀ ଗୃହ ପାଇଁ ଅଧିକ ଅନୁଦାନ ମିଳୁନି । ଆବଶ୍ୟକସ୍ଥଳେ ପଞ୍ଚାତିରାଜ ବିଭାଗ ଦ୍ୱାରା ସ୍କୁଲଗୁଡ଼ିକର ମରାମତି କରାଯିବ । ଏହାସହ ମନ୍ତ୍ରୀ କହିଥିଲେ ଯେ, ୨୦୨୨-୨୩ରେ ବିଭିନ୍ନ ପ୍ରାଥମିକ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୩୬୮୩ଟି ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ ନିମନ୍ତେ ପ୍ରସ୍ତାବ ଦିଆଯାଇଥିବାବେଳେ ୧୦୦୩ଟି ଶ୍ରେଣୀଗୃହ ନିମନ୍ତେ ୧୧୮୫୫.୪୬ଲକ୍ଷ ଅନୁମୋଦନ ହୋଇଛି । ଏହି କାର୍ଯ୍ୟ ତୁରନ୍ତ କରିବାକୁ ଜିଲ୍ଲା ପ୍ରକଳ୍ପ ସଂଯୋଜକଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

ସେହିପରି ବିଧାୟକ ସନାତନ ବିଜୁଳି କହିଥିଲେ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଶ୍ରୀ ଅରବିନ୍ଦ ସ୍କୁଲ, ବିବେକାନନ୍ଦ ସ୍କୁଲଗୁଡ଼ିକ ପରୀକ୍ଷାରେ ଭଲ ଫଳାଫଳ କରୁଛନ୍ତି । ସେମାନଙ୍କୁ ସରକାରୀ ସ୍କୁଲ ଭଳି ସମାନ ସାର୍ଟିଫିକେଟ୍ ମିଳୁଛି, ଏନ୍ଓସି ବି ମିଳୁଛି । ହେଲେ ସରକାରୀ ସ୍କୁଲ ପାଇଁ ୫ଟି, ଡିଏମ୍ଏଫ୍, ଓମବାଡକ୍ ପାଣ୍ଠିରୁ ଅର୍ଥ ମିଳୁଥିବାବେଳେ ଏହି ସ୍କୁଲଗୁଡ଼ିକର ଭିତ୍ତିଭୂମି ଉନ୍ନତି ପାଇଁ ସରକାର କାହିଁକି କିଛି ବ୍ୟବସ୍ଥା କରୁନାହାନ୍ତି । ବିଧାୟକମାନେ ସେମାନଙ୍କ ପାଣ୍ଠି ଦେବା ବ୍ୟବସ୍ଥା କରିବେ କି ?

ମନ୍ତ୍ରୀ ଏହାର ସ୍ପଷ୍ଟ ଉତ୍ତର ଦେଇନଥିଲେ । ଗତକାଲି ଗୃହରେ ଉଠିଥିବା ମାଟ୍ରିକ ଡ୍ରପଆଉଟ୍ ପ୍ରସଙ୍ଗ ଉଠାଇ କହିଥିଲେ, ଉତ୍ତରପ୍ରଦେଶରେ ୮୩୭୩ଟି ପରୀକ୍ଷା କେନ୍ଦ୍ରରେ ୧୪.୧୮ଲକ୍ଷ ପିଲା ପରୀକ୍ଷା ଦେଇନାହାନ୍ତି । ସେଠାରେ ଆମଠାରୁ ଅଧିକ ଡ୍ରପଆଉଟ୍ । ବିଧାୟକ ସିଏସ୍ ରାଜେନ ଏକ୍କା, ରମେଶ ଚନ୍ଦ୍ର ସାଏ, ପ୍ରକାଶ ସୋରେନ୍, ଅରବିନ୍ଦ ଢାଲି ଅତିରିକ୍ତ ପ୍ରଶ୍ନ କରିଥିଲେ ।

## ବରିଷ୍ଠ ନାଗରିକ ତୀର୍ଥଯାତ୍ରୀ ଯୋଜନାରେ ବଲାଙ୍ଗିର ଜିଲ୍ଲାର ୧୭୬ ଜଣ ବରିଷ୍ଠ ନାଗରିକଙ୍କ ଶିରିଡି ଓ ନାସିକ ଯାତ୍ରା

ବଲାଙ୍ଗିର , ୧୬/୦୩ (ନି.ପ୍ର): ବଲାଙ୍ଗିର ଜିଲ୍ଲା ବିଭିନ୍ନ ଅଞ୍ଚଳର ର ୧୭୬ ଜଣ ବରିଷ୍ଠ ନାଗରିକ ରାଜ୍ୟ ସରକାରଙ୍କ ବରିଷ୍ଠ ନାଗରିକ ତୀର୍ଥ ଯାତ୍ରୀ ଯୋଜନା ୨୦୨୨-୨୩ ଜରିଆରେ ସିରିଡି ଓ ନାସିକ ତୀର୍ଥ ଯାତ୍ରା ନିମନ୍ତେ ବଲାଙ୍ଗିର ଜିଲ୍ଲା ପର୍ଯ୍ୟଟନ କାର୍ଯ୍ୟାଳୟ ରୁ ବାହାରି ସମ୍ବଲପୁର ଯାଇଛନ୍ତି । ସମ୍ବଲପୁର ରୁ ଆସନ୍ତା କାଲି ସ୍ୱତନ୍ତ୍ର ତୀର୍ଥ ଯାତ୍ରୀ ଟ୍ରେନ ଯୋଗେ ସେମାନେ ସିରିଡି ଓ ନାସିକ ନିମନ୍ତେ ଯାତ୍ରା କରିବେ । ବଲାଙ୍ଗିର ଜିଲ୍ଲା ପର୍ଯ୍ୟଟନ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ଉତ୍ସବରେ ଏହି ବରିଷ୍ଠ ତୀର୍ଥ ଯାତ୍ରୀ ଙ୍କୁ ଜିଲ୍ଲାପାଳ ଚଞ୍ଚଳ ରାଣା ଓ ଅତିରିକ୍ତ ଜିଲ୍ଲାପାଳ ଲମ୍ବୋଦର ଧରୁଆ ଶୁଭ କାମନା ଜଣାଇବା ସହ ଯାତ୍ରା ର ମଙ୍ଗଳ କାମନା କରିଥିଲେ । ବଲାଙ୍ଗିର ଜିଲ୍ଲା ପର୍ଯ୍ୟଟନ କାର୍ଯ୍ୟାଳୟ ଠାରୁ ରାଜ୍ୟ ସଡକ ପରିବହନ ନିଗମ ର ଚାରି ଗୋଟି ସ୍ୱତନ୍ତ୍ର ବସ ଯୋଗେ ଏହି ବରିଷ୍ଠ ନାଗରିକ ତୀର୍ଥ ଯାତ୍ରୀ ସମ୍ବଲପୁର ଯାତ୍ରା କରିଛନ୍ତି । ଜିଲ୍ଲାପାଳ ଚଞ୍ଚଳ ରାଣା ,ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଧରୁଆ, ସବୁଜ ପତାକା ଦେଖାଇ ତୀର୍ଥ ଯାତ୍ରୀ ବସ ର ଯାତ୍ରା ଶୁଭାରମ୍ଭ କରିଥିଲେ । ଏହି କାର୍ଯକ୍ରମ ରେ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ରବୀନ୍ଦ୍ର କୁମାର ଦଲାଇ , ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜୟଦେବ ପାଣିଗ୍ରାହୀ ,ରାଜ୍ୟ ହୋଟେଲ ପରିଚାଳନା ଅନୁଷ୍ଠାନ ,ବଲାଙ୍ଗିର ର ଅଧକ୍ଷ୍ୟ ଡ଼ ସୁରେଶ କୁମାର ଏକନାଥ ପ୍ରମୁଖ ଉପସ୍ଥିତ ଥିଲେ । ବଲାଙ୍ଗିର ଠାରୁ ବାହାରିଥିବା ସମସ୍ତ ୧୭୬ ଜଣ ତୀର୍ଥ ଯାତ୍ରୀ ଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ତୀର୍ଥଯାତ୍ରୀ ଙ୍କୁ ଜିଲ୍ଲା ପ୍ରସାଶନ ପକ୍ଷରୁ ଆବଶ୍ୟକୀୟ ମେଡ଼ିସିନ କିଟ ପ୍ରଦାନ କରାଯାଇଛି ।ଭୀମ ଭୋଇ ମେଡିକାଲ କଲେଜ ଓ ହସ୍ପିଟାଲ ର ଭେଷଜ ବିଶେଷଜ୍ଞ ଡା ଶ୍ରୀନିବାସ ସାହୁ ଓ ଡା ଅଶୋକ କୁମାର ମିଶ୍ର ଉପସ୍ଥିତ ରହି ତୀର୍ଥଯାତ୍ରୀ ମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ତୀର୍ଥଯାତ୍ରୀ ମାନଙ୍କ ମଧ୍ୟରେ ୯୮ ଜଣ ପୁରୁଷ ବରିଷ୍ଠ ନାଗରିକ ଓ ୭୮ ଜଣ ମହିଳା ବରିଷ୍ଠ ନାଗରିକ ଅଛନ୍ତି । ବଲାଙ୍ଗିର ଜିଲ୍ଲା ର ତୀର୍ଥ ଯାତ୍ରୀ ଙ୍କ ସହ ପାଞ୍ଚ ଜଣ ଏସ୍କର୍ଟ ଅଫିସର ଙ୍କୁ ଜିଲ୍ଲା ପ୍ରସାଶନ ପକ୍ଷରୁ ପଠାଯାଇଛି । ସେମାନେ ହେଲେ ଜିଲ୍ଲା କାର୍ଯାଳୟ ରାଜସ୍ୱ ଉପବିଭାଗ ର ବରିଷ୍ଠ ରାଜସ୍ୱ ସହାୟକ ଦୟାନନ୍ଦ ମହାପାତ୍ର , ଆଗଲପୁର ବ୍ଲକ ର ସେକ୍ସନ ଅଫିସର ସୁବଳ ଖରସେଲ ,ଗୁଡଭେଲା ବ୍ଲକ ର ପ୍ରୋଗେସିଭ ଆସିଷ୍ଟାଣ୍ଟ ଚିତ୍ତରଞ୍ଜନ ସାହୁ ,ବଲାଙ୍ଗିର ବ୍ଲକ ପ୍ରୋଗେସିଭ ଆସିଷ୍ଟାଣ୍ଟ ତରୁଣକାନ୍ତି ପ୍ରଧାନ ଓ ବଲାଙ୍ଗିର ଉପ ଜିଲ୍ଲାପାଳ ଙ୍କ କାର୍ଯାଳୟ ର ସନକ ମିଶ୍ର । ଏହି ବରିଷ୍ଠ ନାଗରିକ ତୀର୍ଥଯାତ୍ରୀ ଆସନ୍ତା କାଲି ସମ୍ବଲପୁର ରୁ ବାହାରି ସିରିଡି ଓ ନାସିକ ତୀର୍ଥ ଯାତ୍ରା ସମାପ୍ତ କରି ୨୧ ତାରିଖରେ ବଲାଙ୍ଗିର ଫେରିବେ । ଏହି ତୀର୍ଥ ଯାତ୍ରା ର ସୁଯୋଗ ପାଇଥିବାରୁ ସମସ୍ତ ତୀର୍ଥ ଯାତ୍ରୀ ଖୁସି ବ୍ୟକ୍ତ କରିଛନ୍ତି ।

## ନିଶ୍ଚିନ୍ତକୋଇଲି ବ୍ଲକରେ ଗୋରୁ ଗାଈଙ୍କ ଅଚିହ୍ନା ରୋଗ

ସାଲେପୁର, ୧୬/୦୩ (ନି.ପ୍ର): ସରକାରଙ୍କ ପକ୍ଷରୁ ପଶୁପକ୍ଷୀଙ୍କ ସୁରକ୍ଷା ପାଇଁ ବିଭାଗୀୟ କର୍ମଚାରୀ ଓ ଔଷଧ ବାବଦରେ ବର୍ଷକୁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଥିଲା ବେଳେ ବିଭାଗୀୟ କର୍ମଚାରୀଙ୍କ ବେପରୁଆ ମନୋଭାବ ପାଇଁ ଗାଁ ଗହଳିରେ ଗୋପାଳକମାନେ ନାନା ପ୍ରକାର ହଇରାଣ ହରକତ ହେବା ସହ ଗୋରୁ ଗାଇମାନେ ମଧ୍ୟ ମୃତ୍ୟୁ ମୁଖରେ ପଡୁଥିବା ଦେଖିବାକୁ ମିଳୁଛି ।

ପ୍ରାପ୍ତ ଖବରରୁ ପ୍ରକାଶ ଯେ ନିର୍ଶ୍ଚିନ୍ତକୋଇଲି ବ୍ଲକ ଅଂଚଳର ୪୧ଟି ପଂଚାୟତରେ ପ୍ରାୟ ୯୯ ଭାଗ ପରିବାର ଗାଇ, ଛେଳି, ମେଣ୍ଢା, ପାଳନ କରି ନିଜ ପରିବାର ପ୍ରତିପୋଷଣ କରିଥାଆନ୍ତି । ଗୋରୁ ଗାଇଙ୍କର ନାନା ସମୟରେ ହେଉଥିବା ଅଚିହ୍ନା ରୋଗର ପ୍ରତିକାର ପାଇଁ ନିର୍ଶ୍ଚିନ୍ତକୋଇଲି ପ୍ରାଣୀ ଚିକିତ୍ସାଧିକାରୀ ଓ ସହାୟକ ଚିକିତ୍ସକ ରହିଥିଲେ ମଧ୍ୟ ଅଧିକାଂଶ ସମୟରେ ଗୋରୁ ଗାଇଙ୍କର ସେବା ନକରିବାରୁ ଅଚିହ୍ନା ରୋଗରେ (କୁହାଯାଉଛି ବସନ୍ତ ରୋଗ)ରେ ସାନ୍ତପୁର ପଂଚାୟତର କାର୍ତିକ ଦାସଙ୍କର ଏକ ମୂଲ୍ୟବାନ ଗାଇ ମୃତ୍ୟୁବରଣ କରିଥିବା ବେଳେ ବହୁ ପରିବାରର ଗାଈ ଓ ବାଛୁରୀଙ୍କ ଦେହରେ ରୋଗ ବ୍ୟାପୁଥିବା ଦେଖିବାକୁ ମିଳିଛି । ଏପରିକି ଏହି ରୋଗର ପ୍ରତିକାର ପାଇଁ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ କର୍ମଚାରୀଙ୍କର ଦେଖାମିଳୁନଥିବା ଜାଣିବାକୁ ମିଳିଛି । ସୂଚନାଯୋଗ୍ୟ ଯେ ସରକାରଙ୍କଠାରୁ ବହୁ ଗୋଚାଷୀ ଋଣ ନେଇ ଗୋରୁ ଗାଇ ପାଳିଥିଲେ ମଧ୍ୟ ସେମାନଙ୍କ ପ୍ରତି କର୍ମଚାରୀଙ୍କ ବୈମାତୃକ ମନୋଭାବ ଯୋଗୁ ନିର୍ଶ୍ଚିନ୍ତକୋଇଲି ପ୍ରାଣୀ ଚିକିତ୍ସକଙ୍କ ଉପରେ ଆସ୍ଥାତୁଟିଯାଉଛି । ଉପରିସ୍ଥ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ ବ୍ୟାପୁଥିବା ଅଚିହ୍ନା ରୋଗର ନିରାକରଣ ବ୍ୟବସ୍ଥା କରିଲେ ଲୋକମାନେ ଉପକୃତ ହୋଇପାରିବେ ।

## ବନ୍ଦ ହୋଇଛି ୫ ସହରାଞ୍ଚଳ ସମବାୟ ବ୍ୟାଙ୍କ




ଭୁବନେଶ୍ୱର , ୧୬/୦୩ (ନି.ପ୍ର): ରାଜ୍ୟରେ ୫ଟି ସହରାଞ୍ଚଳ ସମବାୟ ବ୍ୟାଙ୍କ ଲିକ୍ୱିଡେସନ୍ (ସମାପିତ) ଅବସ୍ଥାରେ ରହିଛି । ଏଥିରେ ଭୁବନେଶ୍ୱର, ଛତ୍ରପୁର, ଢେଙ୍କାନାଳ, ଆସ୍କା ଓ ଭଞ୍ଜନଗର କୋ-ଅପରେଟିଭ୍ ବ୍ୟାଙ୍କ ରହିଛି । ଏହି ସମାପିତ ବ୍ୟାଙ୍କଗୁଡ଼ିକରେ ୨୮,୦୩୩ ଜମାକାରୀ ଥିବା ବେଳେ ୨୭୬୫.୩୬ଲକ୍ଷ ଟଙ୍କା ଫେରସ୍ତ ଦିଆଯିବ । ସେହିପରି ୩୫,୧୫୫ ଅଂଶୀଦାରଙ୍କୁ ୧୩୯.୭୪ ଲକ୍ଷ ଟଙ୍କା ସେୟାର ପୁଞ୍ଜି ବାବଦରେ ଫେରସ୍ତ ଦିଆଯିବ ବୋଲି ସୂଚନା ଦେଇଛନ୍ତି ରାଜ୍ୟ ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ।

ବିଧାୟକ ସୌମ୍ୟରଂଜନ ପଟ୍ଟନାୟକଙ୍କ ଏକ ପ୍ରଶ୍ନର ଉତ୍ତରରେ ଶ୍ରୀ ନାୟକ କହିଛନ୍ତି ଯେ ଏହି ବ୍ୟାଙ୍କଗୁଡ଼ିକରେ ସମାପନ ଆଦେଶ ପରେ ଭାରତୀୟ ରିଜର୍ଭ ବ୍ୟାଙ୍କର ନିର୍ଦ୍ଦେଶକ୍ରମେ ରିଜର୍ଭ ବ୍ୟାଙ୍କର ନିଜସ୍ୱ ସହଯୋଗୀ ସଂସ୍ଥା ଡିପୋଜିଟ୍ ଇନ୍ସ୍ୟୁରାନ୍ସ ଓ କ୍ରେଡିଟ୍ ଗ୍ୟାରେଣ୍ଟି କୋପରେସନ୍ (ଡିଆଇସିଜିସି)ର ନିୟମାବଳୀ ଅନୁଯାୟୀ ଏହି ବ୍ୟାଙ୍କଗୁଡ଼ିକରେ ଜମାକାରୀମାନଙ୍କ ଜମାରାଶି ଫେରସ୍ତ ପ୍ରକ୍ରିୟା ଚାଲୁ ରହିଛି । ଏହି ବ୍ୟାଙ୍କଗୁଡ଼ିକରେ ଥିବା ଅନାଦେୟ ଋଣ ଆଦାୟ ପାଇଁ ଆବଶ୍ୟକ ପଦକ୍ଷେପ ନିଆଯାଉଛି । ଖାଲାପି ଋଣ ଆଦାୟ ପରେ ଓଡ଼ିଶା ସମବାୟ ସମିତ ଆଇନ ଅନୁଯାୟୀ ଅବଶିଷ୍ଟ ଜମାକାରୀଙ୍କ ଜମାରାଶି ଓ ସଭ୍ୟମାନଙ୍କ ଅଂଶଧନ ଫେରସ୍ତ କରାଯିବ ।

## ଲୋଇସିଂହାରେ ବ୍ଲକସ୍ତରୀୟ ଶିଶୁ ସୁରକ୍ଷା କମିଟିର ତାଲିମ

ବଲାଙ୍ଗିର, ୧୬/୦୩ (ନି.ପ୍ର): ଲୋଇସିଂହା ବ୍ଲକ ସଭାଗୃହରେ ବ୍ଲକ ସ୍ତରୀୟ ଶିଶୁ ସୁରକ୍ଷା କମିଟିର ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ଅରୁଣ ଖୁଆସ ଉପସ୍ଥିତ ବିଡିଓ, ସିଡିପିଓ, ସମସ୍ତ ସରପଂଚ, ଅଙ୍ଗନୱାଡି ସୁପରଭାଇଜରମାନଙ୍କୁ ସ୍ୱାଗତ ଜଣାଇ ଶିଶୁ ସୁରକ୍ଷା ଆଇନ ଓ ଶିଶୁ ସୁରକ୍ଷା ପାଇଁ ଜିଲ୍ଲାରେ ଚାଲିଥିବା ବ୍ୟବସ୍ଥା ସମ୍ପର୍କରେ ବିଷଦ୍ ଭାବରେ ବୁଝାଇ କହିଥିଲେ । ବିଡିଓ ଲୋଇସିଂହା ତାଙ୍କ ପରାମର୍ଶ ଛଳରେ କହିଥିଲେ ଯେ ଦେଶର ଭବିଷ୍ୟତ ଶିଶୁମାନଙ୍କୁ ସୁନାଗରିକ ଭାବେ ଗଢି ତୋଳିବା ପାଇଁ ଯାହା ସବୁ ବ୍ୟବସ୍ଥା ଅଛି ତାକୁ ସୁନିଶ୍ଚିତ କରିପାରିଲେ ଶିଶୁମାନଙ୍କର ସୁରକ୍ଷା ଆପେ ଆପେ ହୋଇପାରିବ । ସେହିଭଳି ପ୍ରଶିକ୍ଷକ ବିରଞ୍ଚ ବହିଦାର ବ୍ଲକ ସ୍ତରୀୟ ଶିଶୁ ସୁରକ୍ଷା କମିଟିର ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ ସମସ୍ତ ଅଂଶଗ୍ରହଣକାରୀଙ୍କୁ ବୁଝାଇ ଦେଇଥିଲେ । ସିଡିପିଓ ଲୋଇସିଂହା ବ୍ଲକରେ ଚାଲିଥିବା ବାଲ୍ୟ ବିବାହ ମୁକ୍ତ ପଂଚାୟତ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରି ବ୍ଲକ କୁ ବାଲ୍ୟ ବିବାହ ମୁକ୍ତ ବ୍ଲକ ଭାବେ ଘୋଷଣା ପାଇଁ ଜିଲ୍ଲାପାଳଙ୍କୁ ପ୍ରସ୍ତାବ ରଖାଯିବ ବୋଲି କହିଥିଲେ । ପ୍ରଶିକ୍ଷଣ ଶେଷରେ ସୁପରଭାଇଜର ଶ୍ରୀମତୀ ମେହେର ଧନ୍ୟବାଦ ଦେଇଥିବା ବେଳେ ତାଲିମ ଶିବିରକୁ ଜିପିଇଓ ଲୋଇସିଂହା ପରିଚାଳନା କରିଥିଲେ ।


## ଗ୍ଲୁକୋମା ସପ୍ତାହ ପାଳନ : କରୋନାରେ ଚିକିତ୍ସା ଅଭାବ, ଦୃଷ୍ଟିଶକ୍ତି ହରାଇଲେ ୪୦ ରୋଗୀ

### ଓପିଡିକୁ ଆସୁଥିବା ୧୦୦ରୁ ୫ ଜଣଙ୍କଠାରେ ଗ୍ଲୁକୋମା ଚିହ୍ନଟ




ଭୁବନେଶ୍ୱର , ୧୬/୦୩ (ନି.ପ୍ର): କରୋନା ଏବଂ ଲକ୍ଡାଉନ ଯୋଗୁଁ ଉପଯୁକ୍ତ ଚିକିତ୍ସା ପାଇନପାରି ଏମ୍ସକୁ ଆସିଥିବା ପ୍ରାୟ ୪୦ ଜଣ ରୋଗୀ ଦୃଷ୍ଟିଶକ୍ତି ହରାଇଛନ୍ତି । ଏପରିକି ବର୍ତ୍ତମାନ ମଧ୍ୟ ଏହାର ପ୍ରଭାବ ଦେଖିବାକୁ ମିଳୁଛି । ଏହି ସମୟ ମଧ୍ୟରେ ଗ୍ଲୁକୋମା ଜଟିଳ ଆକାର ଧାରଣ କରିଛି । ପ୍ରତିଦିନ ଓପିଡିକୁ ଆସୁଥିବା ୧୦୦ ଜଣଙ୍କ ମଧ୍ୟରୁ ୪ରୁ୫ ଜଣଙ୍କ ଠାରେ ଗ୍ଲୁକୋମା ଚିହ୍ନଟ ହୋଇଛି । ଅର୍ଥାତ ମାସକୁ ପ୍ରାୟ ୧୦୦ରୁ ୧୫୦ ଜଣଙ୍କ ଠାରେ ଗ୍ଲୁକୋମା ଦେଖାଯାଉଛି । ଏମାନଙ୍କ ମଧ୍ୟରୁ ଅଧିକାଂଶ ଶେଷ ସମୟରେ ପହଞ୍ଚୁଥିବା ନେଇ ସୂଚନା ଦେଇଛନ୍ତି ଏମ୍ସ ଚକ୍ଷୁ ରୋଗ ବିଶେଷଜ୍ଞ ଡାକ୍ତର ଭାଗବତ ନାୟକ । ଏମ୍ସ ଭୁବନେଶ୍ୱରରେ ଆୟୋଜିତ ଗ୍ଲୁକୋମା ସପ୍ତାହ ଅବସରରେ ସେ କହିଛନ୍ତି, ଦୁଇ ବର୍ଷ ମଧ୍ୟରେ ଦେଶର ବିଭିନ୍ନ ସ୍ଥାନରୁ ଏମ୍ସକୁ ଆସୁଥିବା ଗ୍ଲୁକୋମା ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି । ପ୍ରାଥମିକ ପର୍ଯ୍ୟାୟରେ ରୋଗୀ ଡାକ୍ତରଙ୍କୁ ଦେଖାଇଲେ ଆଖିର ଉପଯୁକ୍ତ ଚିକିତ୍ସା ହୋଇ ପାରୁଛି । ତେଣୁ ୪୦ ବର୍ଷ ପରେ ପ୍ରତ୍ୟେକ ବ୍ୟକ୍ତି ଆଖି ପରୀକ୍ଷା କରିବା ଉଚିତ । ଉଚ୍ଚ ପାୱାରର ଚଷମା ପିନ୍ଧୁଥିଲେ, ମଧୁମେହ, ହାଏପରଟେନସନରେ ପୀଡ଼ିତ ଥିବା ବ୍ୟକ୍ତି କିମ୍ବା ଘରେ ଗ୍ଲୁକୋମା ଥିଲେ ଆଖିର ସ୍ନାୟୁ ଏବଂ ପ୍ରେସରର ପରୀକ୍ଷଣ କରାଇ ନେବା ଉଚିତ । ଏମ୍ସରେ ସବୁ ବୟସର ଗ୍ଲୁକୋମା ରୋଗୀଙ୍କ ଚିକିତ୍ସା ପାଇଁ ଲେଜର, ସର୍ଜରି ବ୍ୟବସ୍ଥା ଏବଂ ଆଖି ପରୀକ୍ଷା ସୁବିଧା ରହିଛି । ଏମ୍ସ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଫେସର ଆଶୁତୋଷ ବିଶ୍ୱାସ କହିଛନ୍ତି, ବିଶ୍ୱର ୭.୮ କୋଟି ଗ୍ଲୁକୋମା ରୋଗୀଙ୍କ ମଧ୍ୟରୁ ୧.୬ କୋଟି କେବଳ ଭାରତର ଅଟନ୍ତି । ଚକ୍ଷୁ ବିଭାଗ ଏଚଓଡି ସୁଚେତ ପରିଜା ଗ୍ଲୁକୋମା ବିଷୟରେ ବିସ୍ତୃତ ସୂଚନା ଦେଇଥିଲେ । ଡାକ୍ତର ସନ୍ଦୀପ ସାହୁ, ଏମ୍?ସ ପକ୍ଷରୁ ବିଭିନ୍ନ ସ୍ଥାନରେ ଗୋଷ୍ଠୀ ପରୀକ୍ଷଣ କରାଯାଉଥିବା ସୂଚନା ଦିଆଯାଇଛି । ଶେଷରେ ଡାକ୍ତର ପ୍ରିୟଦର୍ଶୀ ମିଶ୍ର ଧନ୍ୟବାଦ ଦେଇଥିଲେ । କାର୍ଯ୍ୟକ୍ରମରେ ଡା. ପ୍ରଭାସ ତ୍ରିପାଠୀ, ଡା. ବିନୟ ପଣ୍ଡା, ଡା. ବୃତାନ୍ଧୁ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ ।

## ଆଇଏଏସ୍ କୋଚିଂ ପାଇଁ ଖର୍ଚ୍ଚ ହେବ ୪ କୋଟି



ଭୁବନେଶ୍ୱର , ୧୬/୦୩ (ନି.ପ୍ର): ସର୍ବଭାରତୀୟ ପ୍ରଶାସନିକ ସେବା ପରୀକ୍ଷା ପାଇଁ ରାଜ୍ୟର ୨ଶହ ପ୍ରାର୍ଥୀଙ୍କୁ ନିପୁଣ କରାଇବା ଲକ୍ଷ୍ୟ ରାଜ୍ୟ ସରକାର କୋଚିଂ ବ୍ୟବସ୍ଥା କରିଛନ୍ତି । ଆସନ୍ତା ଆର୍ଥିକ ବର୍ଷରେ ଏଥିପାଇଁ ୪ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଥିବା ସୂଚନା ଦେଇଛନ୍ତି ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀ । ବିଧାୟକ ସୌମ୍ୟରଂଜନ ପଟ୍ଟନାୟକଙ୍କ ଏକ ପ୍ରଶ୍ନର ଉତ୍ତରରେ ଶ୍ରୀ ପୂଜାରୀ କହିଥିଲେ, କୋଚିଂ ଅନୁଷ୍ଠାନ ଚୟନ ଟେଣ୍ଡର ପ୍ରକ୍ରିୟା ମାଧ୍ୟମରେ ତଥା ଯୋଗ୍ୟତା ଆଧାରରେ ଚୂଡ଼ାନ୍ତ କରାଯାଇଛି । ଅଧିକ ପ୍ରାର୍ଥୀଙ୍କୁ ଏହି ଯୋଜନାରେ ସାମିଲ କରିବାର ଯୋଜନା ରାଜ୍ୟ ସରକାରଙ୍କ ପାଖରେ ନ ଥିବା ସେ କହିଛନ୍ତି ।

## ଜିଲ୍ଲାସ୍ତରୀୟ ବିଶ୍ୱ ଖାଉଟି ଅଧିକାର ପାଳନ

ବଲାଙ୍ଗିର, ୧୬/୦୩ (ନି.ପ୍ର): ସକାଳ ଘ.୧୦ ସମୟରେ ଜିଲ୍ଲା ସ୍ତରୀୟ ବିଶ୍ୱ ଖାଉଟି ଅଧିକାର ଦିବସ ପାଳନ ଅବସରରେ ଉପ ନିର୍ଦ୍ଦେଶକ ବୈଧମାପ ବିଜ୍ଞାନ ବିଭାଗ, ବଲାଙ୍ଗିର ଆନୁକୁଲ୍ୟରେ ଏବଂ ଆଦିତ୍ୟ ଏଜୁକେଶନାଲ ଓ ଚେରିଟେବୁଲ ଟ୍ରଷ୍ଟ ସହଯୋଗ ରେ "ସ୍ୱଚ୍ଛ ଶକ୍ତି ପରିବର୍ତ୍ତନ" ବିଷୟକୁ ନେଇ ଏକ କର୍ମଶାଳା ଯାଦବ ଭବନ, ବଲାଙ୍ଗିର ଠାରେ ଆୟୋଜିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି କର୍ମଶାଳାଟିକୁ ଉଦ୍ଘାଟନ କରିଥିଲେ ବଲାଙ୍ଗିର ମ୍ୟୁନିସିପାଲିଟିର ଉପାଧକ୍ଷା ଗାୟତ୍ରୀ ଭୋଇ । ଏହି କର୍ମଶାଳାରେ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ ତୁଳସୀନଗର କାଉନସିଲର ଗଙ୍ଗାରାମ ଚାନ୍ଦ ଏବଂ ଜନ ଶିକ୍ଷଣ ସଂସ୍ଥା ବଲାଙ୍ଗିର ନିର୍ଦ୍ଦେଶକ ସୁଶ୍ରୀ ସଂଘମିତ୍ରା ଜେନା । ସାଧନ କର୍ମୀ ଭାବରେ ଯୋଗଦାନ କରିଥିଲେ ବିଜ୍ଞାନ ସାହିତ୍ୟ ପରିଷଦର ସମ୍ପାଦକ ରାଜେନ୍ଦ୍ର କୁମାର ଶର୍ମା, ବିଣାପାଣି ଶିକ୍ଷା ସୌଧର ପରିଚାଳନା ନିର୍ଦ୍ଦେଶକ ଅଶୋକ କୁମାର ମେହେର, ବୈଧ ମାପ ବିଜ୍ଞାନ ବିଭାଗର କ୍ଷୀତିଶ ରଞ୍ଜନ ଦାଶ, ସୁବାଷ ଚନ୍ଦ୍ର ଭୋଇ ଏବଂ ମାର୍କେଟିଂ ଇଣ୍ଟେଲିଜେନସ୍ ର ଜ୍ୟୋତି ପ୍ରକାଶ ଦାଶ । ଉପସ୍ଥିତ ଅତିଥି ଓ ସାଧନକର୍ମୀବୃନ୍ଦ ଅଂଶଗ୍ରହଣକାରୀଙ୍କ ଖାଉଟି କିଏ, ଖାଉଟିର ଅଧିକାର ଏବଂ ତାର ଦାୟିତ୍ୱ ଓ କର୍ତ୍ତବ୍ୟ ଉପରେ ବୁଝାଇଥିଲେ । ସାଧନକର୍ମୀ ଶ୍ରୀ ଶର୍ମା ଅଂଶଗ୍ରହଣକାରୀଙ୍କୁ ସ୍ୱଚ୍ଛ ଶକ୍ତି ପରିବର୍ତ୍ତନ ବିଷୟରେ ଅବଗତ କରାଇଥିଲେ । ଏତଦ୍ ବ୍ୟତିତ ଶ୍ରୀ ମେହେର ସେମାନଙ୍କୁ ସଠ ବ୍ୟବସାୟୀଙ୍କ ଠାରୁ ସତର୍କ ରହି କିଣା ବିକା ସମୟରେ ନିଜକୁ ସୁରକ୍ଷିତ ରଖିବା ପାଇଁ ଆହ୍ୱାନ ଦେଇଥିଲେ । ଶ୍ରୀ ଦାଶ ବୈଧ ମାପ ବିଜ୍ଞାନ ବିଭାଗର କାର୍ଯ୍ୟ ପରିସର, ପରିଚାଳନା ଏବଂ କର୍ମଚାରୀମାନଙ୍କ ଦାୟିତ୍ୱ ଉପରେ ଆଲୋଚନା କରି ବିଭିନ୍ନ ମାପର ଏକକ ଗୁଡାକୁ ପ୍ରଦର୍ଶିତ କରିଥିଲେ । ଜ୍ୟୋତି ପ୍ରକାଶ ସେମାନଙ୍କୁ ସରକାରଙ୍କ ଖାଉଟୀ ବିଭାଗର କାର୍ଯ୍ୟକାରିତା ଉପରେ ବୁଝାଇଥିଲେ । କର୍ମଶାଳାରେ ବଲାଙ୍ଗିର ତଥା ଏହାର ଆଖ ପାଖ ଅଂଚଳର ପ୍ରାୟ ୬୦ ରୁ ଉର୍ଦ୍ଧ୍ୱ ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟା ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ସଂଚାଳନ କରିଥିଲେ ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ଡଲି ମିଶ୍ର ଏବଂ ଏଥିରେ ସହଯୋଗ କରିଥିଲେ ଶଙ୍କର୍ଷଣ ତ୍ରିପାଠୀ, ବିଭୁଦତ୍ତ ଶତପଥି ଇତ୍ୟାଦି । ଧନ୍ୟବାଦ ଅର୍ପଣ କରିଥିଲେ ସ୍କୋପ ଅନୁଷ୍ଠାନର ସଂପାଦକ ଏସ୍. କିରନ୍ ।

## ଯୋଗାଣ ସହାୟକ ନିଯୁକ୍ତିରେ ଅନିୟମିତତା ଅଭିଯୋଗ

ନୂଆପଡ଼ା, ୧୬/୦୩ (ନି.ପ୍ର): ନୂଆପଡା ଜିଲ୍ଲା ବୋଡ଼େନ ବ୍ଲକ ଅନ୍ତର୍ଗତ ପଲସଦା ଗ୍ରାମ ପଂଚାୟତରେ ବେନିୟମରେ ଯୋଗାଣ ସହାୟକ ନିଯୁକ୍ତି ଦିଆଯାଇଥିବା ଅଭିଯୋଗ ହୋଇଅଛି ।ଏହାକୁ ରଦ୍ଦ କରି ପୂର୍ବରୁ ୫ ବର୍ଷ ଧରି କାର୍ଯ୍ୟ କରି ଆସୁଥିବା ସେଲସ ମ୍ୟାନଙ୍କୁ ଯୋଗାଣ ସହାୟକ ନିଯୁକ୍ତି ଦେବାକୁ ପଲସଦା ସରପଂଚ ଚାତୁରୀ ବେହେରା ଦାବି କରିଛନ୍ତି । ସୂଚନାଯୋଗ୍ୟ ଯେ ଏହି ଗ୍ରାମ ପଂଚାୟତର ଯୋଗାଣ ସହାୟକ ପଦବୀ ପାଇଁ ଗତ ତାରିଖ ୧୮/୧୦/୨୨ ରେ ବିଜ୍ଞାପନ ପ୍ରକାଶ ପାଇଥିଲା । ତାରିଖ ୧୫/୧୧/୨୦୨୨ରେ ଆବେଦନ ପତ୍ର ସବୁ ଯାଂଚ କରାଯାଇଥିଲା । ଏହି ପଦବୀ ପାଇଁ ସାତ ଜଣ ଆବେଦନକାରୀ ଥିବାବେଳେ ଛଅ ଜଣ ବନ୍ଦ ଲଫାଫାରେ ଆବେଦନ କରିଥିବା ବେଳେ ଜଣକର ଲଫାଫା ଚିରି ଯାଇଥିଲା । ଏନେଇ ଚୟନ ପ୍ରକ୍ରିୟାରେ ଅନିୟମିତତା ଅଭିଯୋଗ କରି ଏହାର ତଦନ୍ତ କରିବାକୁ ସରପଂଚ ପଲସଦା ନୂଆପଡା ଜିଲ୍ଲାପାଳଙ୍କୁ ଅନୁରୋଧ କରିଥିଲେ । ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଏକ ତିନିଜଣିଆ କମିଟି ଏହାର ତଦନ୍ତ କରିଥିଲେ । ଜନସମ୍ପର୍କ ସମ୍ପ୍ରସାରଣ ଅଧିକାରୀ ହିମାଂଶୁ ଶେଖର କୁମ୍ଭାର, ବିତରଣ ଅଧିକାରୀ ଅଲେଖ ମହିମା ଭୋଇ ଓ ପଲସଦା ସରପଂଚ ଚାତୁରୀ ବେହେରା ଏହି କମିଟିରେ ସ୍ଥାନ ପାଇଥିଲେ । ତଦନ୍ତ କମିଟି ଆବେଦନକାରୀ ଲକ୍ଷ୍ମୀକାନ୍ତ ଜଗତଙ୍କ ଲଫାଫା ଚିରି ଯାଇଥିବା ଦେଖିବାକୁ ପାଇଥିଲେ ଓ ଏନେଇ ରିପୋର୍ଟ ପ୍ରଦାନ କରିଥିଲେ । କିନ୍ତୁ ପରବର୍ତୀ କାଳରେ ତାଙ୍କୁ ହିଁ ନିଯୁକ୍ତି ଦିଆଯାଇଥିଲା । ଫଳରେ ନିଯୁକ୍ତି ପାଇଁ ଥିବା ଗାଇଡ୍ ଲାଇନକୁ ବେଖାତିର କରାଯାଇଛି ଓ କିଛି ଅଧିକାରୀଙ୍କ ଶଳାସୁତୁରା ଉଦ୍ଦେଶ୍ୟ ଜଳଜଳ ହୋଇ ଦିଶୁଛି । ଏହାକୁ ବିରୋଧ କରି ସରପଂଚ ପଲସଦା ଲକ୍ଷ୍ମୀକାନ୍ତଙ୍କ ନିଯୁକ୍ତିକୁ ରଦ୍ଦ କରି ଦ୍ୱିତୀୟ ସ୍ଥାନରେ ଥିବା ଧର୍ମେନ୍ଦ୍ର ବେହେରା ଯିଏ ପୂର୍ବରୁ ୫ ବର୍ଷ ଧରି ଏହି ପଦବୀରେ ରହି ସୁଚାରୁ ରୂପେ କାର୍ଯ୍ୟ କରି ଆସୁଛନ୍ତି ତାଙ୍କୁ ନିଯୁକ୍ତି ଦେବାକୁ ଦାବି କରିଛନ୍ତି । ସରପଂଚଙ୍କ ଏହି ଦାବିକୁ ଅଣଦେଖା କରାଗଲେ ଆଗାମୀ ଦିନରେ ଗ୍ରାମ ପଂଚାୟତବାସୀ ତରଫରୁ ଖଡ଼ିଆଳ ବୋଡ଼େନ ରାସ୍ତା ଅବରୋଧ କରାଯିବା ସହ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଚେତାବନୀ ଦିଆଯାଇଛି ।

## ଚଟପଟା ଫ୍ରାଏଡ୍ ମୋମୋଜ୍



**ଆବଶ୍ୟକ ସାମଗ୍ରୀ:**
ମଇଦା, ବନ୍ଧା କୋବି, ଗାଜର, କ୍ୟାପ୍‌ସିକମ୍, ଧନିଆ ପତ୍ର, ତେଲ, କଞ୍ଚା ଲଙ୍କା, ଅଦା, ଲୁଣ, ଦହି, ବେସନ, ହଳଦୀ ଗୁଣ୍ଡ, ଧନିଆ ଗୁଣ୍ଡ, ଗରମ ମସଲା ଓ ବଟର।

**ପ୍ରସ୍ତୁତି ପ୍ରଣାଳୀ:**
ପ୍ରଥମେ ଏକ ପାତ୍ରରେ ମଇଦାରେ ଅଳ୍ପ ତେଲ ଓ ପାଣି ମିଶାଇ ଭଲକରି ଦଳି ଦିଅନ୍ତୁ। ନରମ ହେବା ଲାଗି ଏହାକୁ ୨୦ ରୁ ୨୫ ମିନିଟ୍ ଓଦା କପଡ଼ାରେ ଘୋଡ଼ାଇ ରଖନ୍ତୁ। ଏବେ ବନ୍ଧା କୋବି, ଗାଜର, କ୍ୟାପ୍‌ସିକମ୍, ଅଦା ଓ ଧନିଆ ପତ୍ରକୁ ଛୋଟ ଛୋଟ କାଟି ଏକ ପାତ୍ରରେ ରଖନ୍ତୁ। ଲୁଣ ଓ କଟା କଞ୍ଚା ଲଙ୍କାକୁ ଏହି ପରିବାରେ ମିଶାନ୍ତୁ।

ଏହାପରେ ଚକଟା ହୋଇ ରଖା ଯାଇଥିବା ମଇଦାରେ ଛୋଟ ଛୋଟ ଗୁଳା ତିଆରି କରି ବେଲନ୍ତୁ ଓ ପରିବାକୁ ଏହା ଭିତରେ ପୂର ଭଳି ଦିଅନ୍ତୁ। ଏହାକୁ ନିଜ ମନ ପସନ୍ଦର ଆକୃତି ଦେଇ ଚାରିପଟୁ ବନ୍ଦ କରି ଦିଅନ୍ତୁ।

ଏବେ ଆଉ ଏକ ପାତ୍ରରେ ଦହି ଓ ବେସନର ଘୋଳ ପ୍ରସ୍ତୁତ କରନ୍ତୁ। ଏହି ଘୋଳରେ ହଳଦୀ ଗୁଣ୍ଡ, ଧନିଆ ଗୁଣ୍ଡ, ଗରମ ମସଲା ଓ ଲହୁଣୀ ପକାଇ ଭଲ ଭାବେ ଗୋଳାନ୍ତୁ। ଏହାପରେ ମୋମୋ ଗୁଡ଼ିକୁ ଏହି ଘୋଳରେ ବୁଡ଼ାନ୍ତୁ ଓ କଡ଼େଇରେ ତେଲ ଗରମ କରି ଛାଣନ୍ତୁ। ଗୋଲଡେନ ବ୍ରାଉନ୍ ହେବା ଯାଏ ମୋମୋଗୁଡ଼ିକୁ ତେଲରେ ରଖନ୍ତୁ। ତା'ପରେ ଛାଣନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ଚଟପଟା ଫ୍ରାଏଡ୍ ମୋମୋଜ୍। ଏହାକୁ ଲଙ୍କା ଚଟଣୀ ଓ ମେଓନିଜ୍ ସହିତ ଗରମ ଗରମ ପରଷନ୍ତୁ।



## କେଶ ଝଡ଼ିବା କମ୍ କରେ ପେଜ

ଭାତ ଗାଳି ସାରିବା ପରେ ଏହାର ପେଜକୁ ଅଦରକାରୀ ଭାବି ଆମେ ଫିଙ୍ଗି ଦେଇଥାଉ। ଏହାକୁ ନଫିଙ୍ଗି ଘରୋଇ ଉପଚାର ଭାବରେ ଆପଣ ବ୍ୟବହାର କରିପାରିବେ। ତ୍ୱଚା ଓ କେଶକୁ ସୁନ୍ଦର କରିବା ପାଇଁ ପେଜକୁ ବ୍ୟବହାର କରାଯାଇଥାଏ। ଚାଉଳ ପାଣି ବା ପେଜ ଆପଣଙ୍କ ତ୍ୱଚାକୁ ଟାଇଟ୍ କରି କେଶକୁ ସୁସ୍ଥ ରଖିଥାଏ। କେବଳ ଏତିକି ନୁହେଁ, ପେଜ ଆପଣଙ୍କ ଶରୀରରେ ବ୍ଲଡ୍ ସର୍କୁଲେସନକୁ ବୃଦ୍ଧି କରିଥାଏ।



- ଗୋଟିଏ ଗ୍ଲାସ୍ ପେଜରେ କିଛି ବୁନ୍ଦା ଗୋଲାପ ଜଳ, ଲାଭେଣ୍ଡର ଓ ଏସେନସିଆଲ୍ ଅଏଲ୍ ମିଶାନ୍ତୁ।
- ଏହାପରେ କେଶରେ ଶାମ୍ପୁ ଲଗାଇ ପେଜ ପାଣିରେ ଧୁଅନ୍ତୁ। କେଶରେ ଏହି ପାଣିକୁ ୨୦ ମିନିଟ୍ ପର୍ଯ୍ୟନ୍ତ ରହିବାକୁ ଦିଅନ୍ତୁ।
- କେଶରେ ପେଜ ପାଣି ଲଗାଇ ଭଲ ଭାବରେ ମାଲିସ କରନ୍ତୁ।
- ଏହାପରେ କେଶକୁ ଧୋଇ ଦିଅନ୍ତୁ। ଏହିପରି ସପ୍ତାହକୁ ଥରେ କେଶରେ ପେଜ ପାଣି ଲଗାନ୍ତୁ। ଦେଖିବେ କେଶ ଝଡ଼ିବା କମ୍ ହୋଇଯିବ।

## ଘର ସଫା କରିବା ପାଇଁ ଆପଣାନ୍ତୁ ୪ଟି ସହଜ ଟିପ୍ସ

ସମସ୍ତେ ନିଜ ଘରକୁ ସଫାସୁତୁରା ରଖିବାକୁ ଚାହିଁଥା'ନ୍ତି। କିନ୍ତୁ ବ୍ୟସ୍ତବହୁଳ ଜୀବନରେ ସମୟ ବାହାର କରିବା କଷ୍ଟକର ହୋଇପଡ଼େ। ଏଣୁ ଅଧିକାଂଶ ଲୋକ ସପ୍ତାହକୁ ଥରେ ଘର ସଫା କରିଥା'ନ୍ତି। ତେବେ ଆଜି ଆମେ ଆପଣଙ୍କୁ ଘର ସଫା କରିବା ପାଇଁ କିଛି ସହଜ ଉପାୟ ବତାଇବୁ। ଏହା ଦ୍ୱାରା ଆପଣ ଖୁବ୍ କମ୍ ସମୟରେ ଘର ସଫା କରିପାରିବେ।

- ସର୍ବଦା ଗୋଟିଏ ରୁମ୍‌ରୁ ହିଁ ସଫା କରିବା କାର୍ଯ୍ୟ ଆରମ୍ଭ କରନ୍ତୁ। ପ୍ରଥମେ ଝରକା ଓ କବାଟରେ ଥିବା ଧୂଳିକୁ ସଫା କରିନିଅନ୍ତୁ। ଏହାପରେ ଘରର ଚଟାଣ ସଫା କରିନିଅନ୍ତୁ। ୩୦ ମିନିଟ୍ ମଧ୍ୟରେ ଏସବୁ କରିବା ପାଇଁ ଚେଷ୍ଟା କରନ୍ତୁ।
- ଡଷ୍ଟବିନ୍ ଭିତରେ ପୁରୁଣା ନ୍ୟୁଜ୍ ପେପର୍ସ ରଖନ୍ତୁ। ଏହାଦ୍ୱାରା ଡଷ୍ଟବିନ୍‌ରେ କୌଣସି ଅଳିଆ ଲାଗିବ ନାହିଁ। ଏଣୁ ତାହା ଅସନା ହେବ ନାହିଁ କି ସେଥିରୁ ଦୁର୍ଗନ୍ଧ ବାହାରିବ ନାହିଁ।
- ଯଦି ପାଖରେ ଓ୍ୱିଣ୍ଡୋ




ଭାକ୍ୟୁମ୍ କ୍ଲିନର ନାହିଁ, ତେବେ ବାସନ ଧୋଉଥିବା ଲିକ୍ୱିଡ୍‌ରେ ପାଣି ମିଶାଇ ଝରକା ସଫା କରନ୍ତୁ। ଦେଖିବେ ଝରକା ପୂର୍ବ ପରି ଚମକି ଉଠିବ।
- ଟବ୍ ଓ ବେସିନ୍‌କୁ ଭଲ ଭାବରେ ସଫା କରିବା ପାଇଁ ବାଥରୁମ୍ କ୍ଲିନର ପକାଇ ୧୦ ମିନିଟ୍ ଛାଡ଼ି ଦିଅନ୍ତୁ। ଏହାପରେ ସଫା କରିନିଅନ୍ତୁ।


## ଘରେ ଔଷଧ ଖାଇବା ପୂର୍ବରୁ....

■ଘରେ ରହି ଯଦି କୌଣସି ରୋଗ ପାଇଁ ନିୟମିତ ଔଷଧ ସେବନ କରିବାକୁ ପଡୁଛି ତେବେ ସାମାନ୍ୟ ସତର୍କ ରୁହନ୍ତୁ । ଔଷଧ ମନଇଚ୍ଛା ବ୍ୟବହାର କରନ୍ତୁ ନାହିଁ ।

■ପ୍ରଥମତଃ ଔଷଧ ସର୍ବଦା ଠିକ୍ ସମୟରେ ନିଅନ୍ତୁ । ଯେତିକି ଘଣ୍ଟା ଅନ୍ତରରେ ଔଷଧ ଓ ଯେତିକି ପରିମାଣରେ ନେବାକୁ କୁହାଯାଇଛି ଠିକ ସେତିକି ମାତ୍ରାରେ ଓ ସେତିକି ସମୟ ଅନ୍ତରାଳୀରେ ନିଅନ୍ତୁ । ଅଧିକ ବା କମ୍ ଖାଆନ୍ତୁ ନାହିଁ ।



## ପ୍ରାଚୀନ ସଭ୍ୟତାର ସ୍ମାରକୀ: ବିକ୍ରମଖୋଲ



ରାଜ୍ୟର ପର୍ଯ୍ୟଟନ ଇତିହାସରେ ଏକ ପରିଚିତ ନାମ 'ବିକ୍ରମଖୋଲ'। ଏଠାରୁ ଆବିଷ୍କୃତ ଶିଳାଲିପି ଐତିହାସିକ, ଗବେଷକଙ୍କୁ ଆକର୍ଷିତ କରୁଥିବା ବେଳେ ବିକ୍ରମ ପାହାଡ଼ ଓ ଗୁମ୍ଫାର ପ୍ରାକୃତିକ ମନୋରମ ଦୃଶ୍ୟ ପର୍ଯ୍ୟଟନ କେନ୍ଦ୍ରର ବିଶେଷତ୍ୱକୁ ବୃଦ୍ଧି କରୁଛି। ଝାରସୁଗୁଡ଼ା ଜିଲ୍ଲାର ବେଲପାହାଡ଼ ସହରଠାରୁ ମାତ୍ର ୧୨ କିଲୋମିଟର ଦୂରେ ଅବସ୍ଥିତ ବିକ୍ରମ ପାହାଡ଼। ପାହାଡ଼ର ଏକ ଗୁମ୍ଫାରେ ଖୋଦିତ ପ୍ରାଚୀନ ଶିଳାଲିପି ସର୍ବପ୍ରଥମେ ୧୯୨୪ ମସିହାରେ ଆବିଷ୍କୃତ ହୋଇଥିଲା। ପରେ ୧୯୭୨ମସିହାରେ ପ୍ରଖ୍ୟାତ ଭାରତୀୟ ଲିପିତତ୍ତ୍ୱବିତ୍ ଗବେଷକ କେ.ପି ଜୟଶ୍ୱାଲ ଏହାକୁ ଲୋକଲୋଚନକୁ ଆଣିବାରେ ପ୍ରୟାସ କରିଥିଲେ।

■ ପ୍ରସ୍ତର ଦେହରେ ଖୋଦିତ ଏହି ଲିପି କେଉଁ କାଳରୁ, ତାହା ଏଯାଏଁ ସ୍ପଷ୍ଟ ହୋଇନଥିଲେ ହେଁ ଏହା ସିନ୍ଧୁ ସଭ୍ୟତାକାଳୀନ ଲିପି ଏବଂ ପରିବର୍ତ୍ତୀ କାଳରେ ବିକଶିତ ବ୍ରାହ୍ମୀଲିପିର ମଧ୍ୟବର୍ତ୍ତୀ ଯୁଗର ବୋଲି ବିଶ୍ୱାସ କରାଯାଏ। ବେଲପାହାଡ଼ଠାରୁ ଲଖନପୁର ପର୍ଯ୍ୟନ୍ତ ଲମ୍ବିଥିବା ବିକ୍ରମ ପାହାଡ଼ର ମଧ୍ୟବର୍ତ୍ତୀ ସ୍ଥଳରୁ ସୃଷ୍ଟି ହୋଇଥିବା ଶାଖା ପାହାଡ଼ରୁ ବହିଯାଉଛି ଆମ୍ବଝରଣା ନାମକ ଏକ ସୌନ୍ଦର୍ଯ୍ୟଭରା ଝରଣା। ବିକ୍ରମଖୋଲ ଗୁମ୍ଫାର ଦୈର୍ଘ୍ୟ ପ୍ରାୟ ୧୧୫ ମିଟର ଓ ପ୍ରସ୍ଥ ୨୮ ଫୁଟ୍। ଗୁମ୍ଫା ଦେହରେ ଖୋଦିତ ଶିଳାଲିପି ବ୍ୟତୀତ ରହିଛି ବନ୍ୟଜନ୍ତୁଙ୍କ ଅସ୍ପଷ୍ଟ ଚିତ୍ର।

■ ଗୁମ୍ଫାର ଶୀର୍ଷରେ ପ୍ରାୟ ୮ଫୁଟ ଓସାର ଓ ୩୫ଫୁଟ ଲମ୍ବର ବିସ୍ତୃତ ପ୍ରସ୍ତର ଖଣ୍ଡେ ରହିଛି। ଏହା ଗୁମ୍ଫାର ଛାତ ସଦୃଶ ଦୃଶ୍ୟମାନ ହୋଇଥାଏ। ଗୁମ୍ଫାର ଏହି ପ୍ରାକୃତିକ ଛାତ ତଳେ ସେ ସମୟରେ ଲୋକମାନେ ବାସପୋଯୋଗୀ ସୁରକ୍ଷା ପାଉଥିବା ଅନୁମାନ କରାଯାଏ। ଗୁମ୍ଫାର ପ୍ରସ୍ତର ଚଟାଣ ଶଯ୍ୟାରେ ରହିଥିବା କେତେକ ବର୍ଗାକାର ଗର୍ତ୍ତ ଖାଦ୍ୟଶସ୍ୟ ରଖିବା, କୁଟିବା ଆଦିରେ ବ୍ୟବହୃତ ହେଉଥିବା ବିଶ୍ୱାସ କରାଯାଏ।

■ ବିକ୍ରମଖୋଲ ଗୁମ୍ଫାର ଅନତି ଦୂରରେ ମହେଶ୍ୱର ପାହାଡ଼ରେ 'ଉଷାକୁଟୀ' ନାମକ ପର୍ବତ୍ୟ ଗୁମ୍ଫା ରହିଛି। ଯେଉଁଥିରେ କେତେକ




ପ୍ରାଚୀନ ଶିଳାଲିପି ଓ ଅସ୍ପଷ୍ଟ ଚିତ୍ର ଦୃଶ୍ୟମାନ। ଏହାକୁ ଲାଗି ଉଲାପଗଡ଼ ପ୍ରାଚୀନ ଦୁର୍ଗର ଭଗ୍ନାବଶେଷ ରହିଛି। ମାଳିକଗୁଣ୍ଡା, ଚିତରାଖୋଲ ପ୍ରଭୃତ ଗୁମ୍ଫା ଗୁଡିକରେ ବନ୍ୟଜନ୍ତୁଙ୍କ ଚିତ୍ର ଦେଖିବାକୁ ମିଳେ।


■ ଝାରସୁଗୁଡ଼ା ଜିଲ୍ଲାର ଏହି ବଣପର୍ବତ ଘେରା ଦୁର୍ଗମ ଅଞ୍ଚଳରେ ଅତୀତର କୃଷି କର୍ମ, ପଶୁ ଶିକାର ସହ ଯୁଦ୍ଧ ବିଦ୍ୟାରେ ପାରଙ୍ଗମ ଏକ ସମୃଦ୍ଧ ମଣିଷ ସମାଜ ବସବାସ କରି ରହିଥିବା ଏଠାରୁ ଆବିଷ୍କୃତ ଶିଳାଲିପି ଓ ଚିତ୍ରରୁ ସୁସ୍ପଷ୍ଟ। ଏକ ସ୍ୱତନ୍ତ୍ର ଭାଷା ଓ ଲିପି ସେ ସମୟରେ ବ୍ୟବହୃତ ହେଉଥିଲା, ଯାହାକି ବର୍ତ୍ତମାନ ସୁଦ୍ଧା ଐତିହାସିକ ଓ ଗବେଷକମାନେ କେଉଁ କାଳର ତାହା ସ୍ପଷ୍ଟ କରି ନାହାନ୍ତି।

■ ଐତିହାସିକ ସ୍ୱାକ୍ଷର ବହନ କରି ଆସୁଥିବା ଏହି ବିକ୍ରମଖୋଲ ଗୁମ୍ଫା ୧୯୫୮ ମସିହାରେ କେନ୍ଦ୍ର ସରକାରଙ୍କ ଦ୍ୱାରା ଜାତୀୟସ୍ତରରେ ପର୍ଯ୍ୟଟନ କେନ୍ଦ୍ରର ମାନ୍ୟତା ଲାଭ କରିଛି।



## ତ୍ୱଚାର ଚମକ ଫେରାଇ ଆଣିବାର ଉପାୟ

ପ୍ରାୟ ସମସ୍ତେ ଚାହାନ୍ତି ଯେ ତାଙ୍କ ତ୍ୱଚାରେ ସବୁବେଳେ ଚମକ ରହୁ। ହେଲେ ବଦଳୁଥିବା ଋତୁର ପ୍ରଭାବରେ ଆମ ତ୍ୱଚାର ନମନୀୟତା ନଷ୍ଟ ହୋଇଥାଏ। ଫଳରେ ସୁନ୍ଦର ଚେହେରା ସ୍ୱପ୍ନ ପାଲଟିଯାଏ। ଆଜି ଆମେ ଆପଣଙ୍କୁ ଏପରି କିଛି ଉପାୟ କହିବୁ ଯାହାକୁ ଆପଣେଇଲେ ଆପଣଙ୍କ ଚେହେରା ଜହ୍ନ ପରି ଚମକିବ।



**ପାଣି ପିଅନ୍ତୁ:**
ଅନେକ ସମୟରେ ପର୍ଯ୍ୟାପ୍ତ ପରିମାଣରେ ଶୋଇବା ପରେ ମଧ୍ୟ ଆପଣଙ୍କ ଚେହେରାରେ କ୍ଲାନ୍ତପଣ ଦେଖାଯାଏ। ତେଣୁ ଯଦି ଆପଣ ସକାଳରୁ ସନ୍ଧ୍ୟା ପର୍ଯ୍ୟନ୍ତ ଆପଣଙ୍କ ତ୍ୱଚାରେ ଏକ ପ୍ରାକୃତିକ ଚମକ ଚାହୁଁଛନ୍ତି, ତେବେ ଆପଣଙ୍କୁ ରାତିରେ ବହୁତ ଛୋଟ କାମ କରିବାକୁ ପଡ଼ିବ। ପ୍ରତ୍ୟେକଦିନ ରାତିରେ ଶୋଇବାର ଅଧ ଘଣ୍ଟା ପୂର୍ବରୁ ୧ଗ୍ଲାସ ପାଣି ପିଅନ୍ତୁ।

**ଗାଜର ଖାଆନ୍ତୁ:**
ଖାଦ୍ୟରେ ଗାଜରକୁ ସାମିଲ କରନ୍ତୁ। ଏଥିରେ ଭିଟାମିନ୍ କେ, ସି, ଇ, ଏ ଏବଂ ବି ପ୍ରଚୁର ପରିମାଣରେ ରହିଥାଏ। ଯାହା ଫଳରେ ଏହାକୁ ଖାଇଲେ ଚର୍ମରେ ଥିବା ମୃତ କୋଷଗୁଡିକ ଦୂର ହୋଇଯାଏ।

**ହଳଦି କ୍ଷୀର ପିଅନ୍ତୁ:**
ପ୍ରତ୍ୟେକ ରାତିରେ ଶୋଇବା ପୂର୍ବରୁ ହଳଦି କ୍ଷୀର ପିଅନ୍ତୁ। ଏହା ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରି ରକ୍ତ ସଫା କରି ଦେଇଥାଏ। ଏହାକୁ ନିୟମିତ ପିଇବା ଦ୍ୱାରା ସ୍କିନ୍ ?ରେ ଗ୍ଲୋ ଆସିଥାଏ।

**କ୍ଷୀର ଲଗାନ୍ତୁ:**
କ୍ଷୀର ଆମ ଶରୀରକୁ ପୋଷକ ତତ୍ତ୍ୱ ଯୋଗାଇବା ସହ ଏଥିରେ ଥିବା ଲାକ୍ଟିକ ଏସିଡ୍ ଆମ ଚିହେରାରେକୁ ଉଜ୍ଜ୍ୱଳ କରିଥାଏ। ଅଳ୍ପ କଞ୍ଚା କ୍ଷୀରରେ ମହୁ ମିଶାଅ ଏହାକୁ ମୁହଁରେ ଫେସପ୍ୟାକପରି ଲଗାନ୍ତୁ। ୧୫ ମିନିଟ୍ ପରେ ଧୋଇଦିଅନ୍ତୁ। ଏହାଦ୍ୱାରା ବ୍ରଣର ସମସ୍ୟା ସଂପୂର୍ଣ୍ଣ ଦୂର ହୋଇଥାଏ।

**ଆଭୋକାଡୋ ଖାଆନ୍ତୁ:**
ତ୍ୱଚା ପାଇଁ ଆଭୋକାଡୋ ହେଉଛି ସର୍ବୋତ୍ତମ ଖାଦ୍ୟ, କାରଣ ଏହା ତ୍ୱଚାକୁ ସୁସ୍ଥ ଏବଂ ଚିକ୍କଣ ରଖିବାରେ ସାହାଯ୍ୟ କରେ। ଏଥିରୁ ଅନେକ ପ୍ରକାରର ପ୍ରାକୃତିକ ଫେସ୍‌ପ୍ୟାକ୍ ଏବଂ ମାସ୍କ ତିଆରି କରାଯାଇପାରିବ। କେବଳ ଏତିକି ନୁହେଁ, ଆପଣ ଏହାକୁ ନିଜ ଖାଦ୍ୟରେ ମଧ୍ୟ ସାମିଲ୍ କରିପାରିବେ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ଅଧିକ ଶକ୍ତିଶାଳୀ ହେଉଛି ଚୀନ୍...

ଆମ ପ୍ରତିବେଶୀ ରାଷ୍ଟ୍ର ଚୀନ୍ ଦିନକୁ ଦିନ ଅଧିକ ଶକ୍ତିଶାଳୀ ହେବାରେ ଲାଗିଛି । ତାହାକୁ ଅଧିକ ଶକ୍ତିଶାଳୀ କରିବା ସକାଶେ ରାଷ୍ଟ୍ରପତି ସି. ଜିନ୍‌ପିଙ୍ଗ୍ ଶପଥ ନେଇଛନ୍ତି । ତିନିଦିନ ତଳେ ତାଙ୍କୁ ତୃତୀୟ ଥର ପାଇଁ କରିଆସୁଥିବା କମ୍ୟୁନିଷ୍ଟ ପାର୍ଟିର ସର୍ବକ୍ଷମତାଶାଳୀ ନେତା ରୂପେ ସି' ପୁନଃନିର୍ବାଚିତ ହୋଇଛନ୍ତି । ତାଙ୍କୁ ପାର୍ଟିର ତୃତୀୟ ବାର ପୁନଃନିର୍ବାଚିତ କରିବାକୁ ଏକ ସର୍ବସମ୍ମତ ପ୍ରସ୍ତାବ ପାରିତ ହୋଇଛି ମୋଟ୍ ୨,୯୫୨ ଭୋଟ୍‌ରେ । ତାଙ୍କ ବିରୋଧରେ ଗୋଟିଏ ହେଲେ ଭୋଟ୍ ଯାଇନାହିଁ । ଏହା ସୂଚାଉଛି କି, ସର୍ବକ୍ଷମତାଶାଳୀ ଜିପିଙ୍ଗ୍ କିଭଳି ଏକଛତ୍ରବାଦୀ ନେତୃତ୍ୱ ଚାହୁଁ ଛନ୍ତି । କିଛି ବର୍ଷ ପୂର୍ବରୁ ଜଣାଯାଇଥିଲା ଯେ, ରାଷ୍ଟ୍ରପତି ଜିନ୍ ପିଙ୍ଗ୍ ଯାବଜ୍ଜୀବନ ରାଷ୍ଟ୍ରପତି ରହିବେ । ତାଙ୍କ ନେତୃତ୍ୱକୁ ଚାଲେଞ୍ଜ କରିବାକୁ ସାମ୍ପ୍ରତିକ ଚୀରେ କାହାରି ଶକ୍ତି ନାହିଁ । ସେ ମାଓ ଜେ-ଦୁଙ୍ଗ୍ ଓ ଡେଙ୍ଗ୍ ଜିଆଓ- ପିଙ୍ଗଙ୍କ ପରେ ଏଭଳି ଜଣେ ନେତା ଯାହାଙ୍କର କଥା ହିଁ ଆଇନ । ତାଙ୍କ ନେତୃତ୍ୱରେ ଅଧିକ ଶକ୍ତିଶାଳୀ ହେବ । ପ୍ରତିବେଶୀ ଇଲାକା ଉପରେ ପିଏଲ୍‌ଏ ପୂର୍ବଠାରୁ ଅଧିକ ଉଗ୍ର ଆଚରଣ ଦେଖାଇବ । ତେଣୁ ଭାରତ ଭଳି ପଡ଼ୋଶୀ ଦେଶ ପ୍ରତି ଚୀନ୍‌ର ନରମ-ଗରମ ଆଚରଣ କିଭଳି ହେବ, ତାହା କେବଳ କଳନାସାପେକ୍ଷ । ଗଲୱାନ୍ ସୀମାନ୍ତ, ଅକ୍‌ସାଇ ଚୀନ୍ ଭଳି ଇଲାକା ଉପରେ ଚୀନ୍ ତାର ଦଖଲ ଜାରି ରଖିଛି । କେତେବେଳେ ଆମ ଦେଶର ସୀମାନ୍ତ ଭିତରକୁ ମାଡ଼ିଆସି ହାକିମାତି ଦେଖାଉଛି ତ' ଆଉ କେତେବେଳେ ଛଦ୍ମ-ମିତ୍ର ଭଳି ଆଚରଣ ଦେଖାଉଛି । ବିସ୍ତାରବାଦ ହେଉଛି ଚୀନ୍ ବୈଦେଶିକ ନୀତିର ମୁଖ୍ୟ ଆଧାରଶୀଳା । ଏବେ ନୁହେଁ, ଭାରତ ସହ ଯୁଦ୍ଧ ସମୟରୁ ଅରୁଣାଚଳ ପ୍ରଦେଶର ବିସ୍ତୃତ କ୍ଷେତ୍ର ଉପରେ ଜବରଦଖଲ କରି ଚୀନ୍ ଚାଓ-ଏନ୍ ଲାଇଙ୍କ ପ୍ରଧାନମନ୍ତ୍ରୀତ୍ୱ ସମୟରେ ଯେମିତି ଭାରତକୁ ଚରମ ସନ୍ଦେଶ ଦେଇଥିଲା ତାହା ବର୍ଣ୍ଣନାର ବାହାରେ । ସେହି ସମୟରେ ପଞ୍ଚଶୀଳ ନୀତି ଆଧାରରେ ଭାରତ 'ହିନ୍ଦି- ଚୀନି ଭାଇ-ଭାଇ' ନାରା ଦେଇ ପ୍ରକରଣକୁ ସମ୍ଭଳା ଯାଇଥିଲା । କିନ୍ତୁ ଚୀନା ନେତୃତ୍ୱର ଗତିବିଧିରେ ସେଭଳି କିଛି ପରିବର୍ତ୍ତନ ଆସିଲା ନାହିଁ, ବରଂ ଅଧିକ ଉଗ୍ରତା ପ୍ରକଟିତ ହେଲା । ଚୀନ୍ ଯୁକ୍ତରାଷ୍ଟ୍ର ଆମେରିକା ସହିତ ସମ୍ପର୍କରେ ବର୍ଷ ବର୍ଷ ଧରି ଭଲ ସମ୍ପର୍କ ରଖିବାକୁ ଚାହିଁ ନାହିଁ । କେଇ ସପ୍ତାହ ତଳେ ଚୀନ୍‌ର ବେଲୁନ୍ କୂଟନୀତି ଆମେରିକାକୁ କ୍ଷୁବ୍ଧ କରିଛି । ତାହାର ଜବାବ ଦେବାକୁ ମଧ୍ୟ ଆମେରିକା ପଛାଇନାହିଁ । ଏବେ ୟୁକ୍ରେନ୍- ରୁଷ ଯୁଦ୍ଧ ବର୍ଷାଧିକ କାଳ ଚାଲିଲାଣି । ଉଭୟ ପକ୍ଷର ଧନ-ଜୀବନ ହାନି ହୋଇଛି । ମିଳିତ ଜାତିସଂଘର ସାଧାରଣ ପରିଷଦରେ ମଧ୍ୟ ଚୀନ୍ ରୁଷ୍ ସପକ୍ଷରେ ଭୋଟ୍ ଦେଇଛି । ଭାରତ ଯଦିଓ ଯୁଦ୍ଧର ଅବସାନ ପାଇଁ କହୁଛି, ରୁଷବିରୋଧୀ ପ୍ରସ୍ତାବ ବେଳେ ଏଭଳି ଆଚରଣ କଲା, ଯାହା ମସ୍କୋକୁ ସୁହାଇଲା ଭଳି ହେଲା । ଯୁକ୍ତରାଷ୍ଟ୍ର ଆମେରିକା ଓ ଭାରତ ପାଇଁ ଚୀନ୍ ନେତୃତ୍ୱ ଆହ୍ୱାନ ସଦୃଶ ହୋଇଛି । ଭାରତ ଓ ଆମେରିକା ସି. ଜିନ୍‌ପିଙ୍ଗ୍‌ଙ୍କ ପୁନଃନିର୍ବାଚନକୁ କିଭଳି ଦୃଷ୍ଟିରେ ଦେଖୁବେ, ବୁଝିପାରୁ ନାହାଁନ୍ତି । ଚୀନ୍‌କୁ ଅଧିକ ଶକ୍ତିଶାଳୀ ରାଷ୍ଟ୍ର ରୂପେ ଉଭା କରିବାକୁ ସଂକଳ୍ପ ନେବାର ସିଧା ଅର୍ଥ ହେଉଛି, ପ୍ରମୁଖ ରାଷ୍ଟ୍ରନୀତି ବିସ୍ତାରବାଦକୁ ଅଧିକ ବଳ ଦେବା । ତାଇୱାନ୍‌କୁ ଚୀନ୍ କେଉଁ ନ୍ୟାୟରେ ତାର ବୋଲି କହୁଛି, ତାହା କୂଟନୀତିଜ୍ଞ ମହଲକୁ ବିସ୍ମିତ କରୁଛି । ଆମେରିକାର ପ୍ରତିନିଧି ସଭାର ଅଧ୍ୟକ୍ଷା ତାଇପେ ଗସ୍ତ କରିଥିବାରୁ ତାହା ଚୀନ୍ ପାଇଁ ପ୍ରରୋଚନାର କାରଣ ବନିଥିଲା । ସେହି ବାହାନାରେ ଚୀନ୍ ମାର୍କିନ୍ ନେତୃତ୍ୱ ସହ ସମ୍ପର୍କ ତିକ୍ତ କରିଛି । ମହାସାଗରରେ ସମରାଭ୍ୟାସ କରିବାଠାରୁ ଆରମ୍ଭ କରି କ୍ଷେପଣାସ୍ତ୍ର ପରୀକ୍ଷା ଚଳାଇ ବିଶ୍ୱ ଶାନ୍ତି ପାଇଁ ବିପଦ ସୃଷ୍ଟି କରିଛି । ବାଘର ଫାଘକୁ ଭୟ ଭଳି ନ୍ୟାୟରେ ପରମାଣୁ ଶକ୍ତିଧର ଚୀନ୍‌କୁ ଆମେରିକାର ଭିତରେ ଡର ରହୁଛି । ସେପଟେ ରୁଷ ଘନଘନ ଡରାଉଛି ଯେ, ପରମାଣୁ କ୍ଷେପଣାସ୍ତ୍ରର ପ୍ରୟୋଗ କରିବ । ବିଶ୍ୱ ଧ୍ୱଂସମୁଖୀ ହେବାର ଲକ୍ଷଣ ଦେଖାଯାଇଥିବା ପରିପ୍ରେକ୍ଷୀରେ ରୁଷ, ଚୀନ୍, ଆମେରିକା ସେମାନଙ୍କ ଭୂମିକା ଭୁଲିଗଲା ଭଳି ପ୍ରତୀତ ହେଉଛି । ଭାରତ ଭଳି କେତେକ ଦେଶ ପଞ୍ଚମହାଶକ୍ତି ହେବାର ପ୍ରୟାସ କରୁଛନ୍ତି । ବହୁ ବିଶିଷ୍ଟ ଦେଶ ମଧ୍ୟ ଭାରତର ସ୍ଥାୟୀ ସଦସ୍ୟତା ସପକ୍ଷରେ ମତ ଦେଉଛନ୍ତି । ମାତ୍ର ତାହା ଫଳପ୍ରଦ ହେଉଥିବା ଭଳି ଦିଶୁନାହିଁ । ସୁତରାଂ ଚୀନ୍ ଓ ରୁଷ ଭଳି ପ୍ରଭାବଶାଳୀ ଦେଶର ସମତୁଲ୍ୟ ହେବାରେ ବାଧକ ରହୁଛି । ଚୀନ୍‌ର ବିସ୍ତାରବାଦୀ ନୀତି ସାଙ୍ଗକୁ ଆମେରିକା-ବ୍ରିଟେନ୍ ଭଳି ନାଟୋ ନେତୃତ୍ୱ ନେଉଥିବା ଦେଶଗୁଡ଼ିକର ଅଜବ ମତିଗତି ଦିନେ ମହାଯୁଦ୍ଧର କାରଣ ନହେବ, କିଏ କହିପାରେ ?

# ବିମାତା, କୁମାତା ନୁହେଁ

### ଅଲେଖ ଚନ୍ଦ୍ର ସାମଲ



ସାମାଜିକ ଚଳଣି ଭିତରେ ମାଆ ଚରିତ୍ରକୁ ନେଇ ଏବେବି ମତଭେଦ ରହିଛି । ମା' ଓ ସାବତମାଆର ଭୂମିକାକୁ ସମଭାବରେ ଗ୍ରହଣ କରିପାରୁନାହିଁ ସମାଜ । ପୌରାଣିକ ଯୁଗରୁ ସାବତ ମା'କାହାଣୀ ମନଗଢ଼ା ହେଲେ ବି ଲୋକ ଚକ୍ଷୁରେ ଏହା ଜୀବନ୍ତ ଥିବା ଲକ୍ଷ୍ୟ କରାଯାଏ । ସାବତମାଆ ଯେ ମାଆର ସ୍ନେହ, ମମତାଠାରୁ ସନ୍ତାନମାନଙ୍କୁ କମ୍ ସ୍ନେହ ଦିଏନାହିଁ, ତାହା ଅନେକ କ୍ଷେତ୍ରରେ ଉପଲବ୍ଧି କରାଯାଉଥିଲେ ମଧ୍ୟ ପ୍ରଚଳିତ ବ୍ୟବସ୍ଥା ଓ ପାରିପାର୍ଶ୍ୱିକ ଅବସ୍ଥା ଏହି ସାବତ ମାଆର ଚିତ୍ରକୁ ବଦଳାଇବାରେ ସକ୍ଷମ ହୋଇପାରିନାହିଁ । ଛୋଟ ଛୋଟ ଶିଶୁ ସନ୍ତାନଙ୍କ ଲାଳନପାଳନର ଆବଶ୍ୟକତା ପୂରଣ କରିବା ପାଇଁ ପରିବାରର ଚାପରେ ଅନେକ ଦ୍ୱିତୀୟ ବିବାହ କରିବାକୁ ବାଧ୍ୟ ହୁଅନ୍ତି । ନବବଧୂଟି ପରିବାରକୁ ଆସିବା ପରେ ପିଲାଙ୍କୁ ଯେତେ ସ୍ନେହ ମମତା ଅଜାଡ଼ି ଦେଲେବି ସାହି ପଡ଼ୋଶୀ ତା'ର ଆତ୍ମୀୟତାକୁ ସହଜରେ ଗ୍ରହଣ କରିପାରନ୍ତି ନାହିଁ । ମାଆର ଆକଟ ହିଁ ଦୁର୍ବିସହ ହୋଇପଡ଼େ ଅନ୍ୟମାନଙ୍କ ପାଇଁ । ସାବତ ମାଆର ଚରିତ୍ର ମୃତ୍ୟୁ ପର୍ଯ୍ୟନ୍ତ ନଭେଇବାକୁ ପଡ଼ିଥାଏ ତାକୁ ।

ପ୍ରାଚୀନ କାଳରେ ପତ୍ନୀ ଥାଇ ମଧ୍ୟ ଦ୍ୱିତୀୟ ପତ୍ନୀ ଗ୍ରହଣ କରିବା ସଂଭ୍ରାନ୍ତ ପରିବାରର ଏକ ପରମ୍ପରା ଥିଲା । ପ୍ରଥମ ପତ୍ନୀର ସନ୍ତାନଙ୍କୁ ନିଜ ସନ୍ତାନ ସଦୃଶ ଦେଖୁଥିଲେ ମଧ୍ୟ ଦୁଇ ପତ୍ନୀଙ୍କ ପାରିବାରିକ କଳହ ଓ ଉଭୟଙ୍କ ମନାନ୍ତର ବହୁ ପରିମାଣରେ ପ୍ରଭାବିତ କରୁଥିଲା ପିଲାମାନଙ୍କୁ । ସେମାନଙ୍କ କୋମଳ ମନ ଭିତରେ ସାବତମାଆର କାହାଣୀକୁ ଜୋରଜବରଦସ୍ତ ଲଦି ଦେଉଥିଲା ସମାଜ । ଅତ୍ୟାଧୁନିକ ସମାଜରେ ସାବତମାଆର ଭୂମିକା ଯଥେଷ୍ଟ ଗୁରୁତ୍ୱପୂର୍ଣ୍ଣ ମନେହୁଏ । ପିଲାଙ୍କ ଲାଳନପାଳନ, ଶିକ୍ଷାଦାନ ବ୍ୟବସ୍ଥାରେ ବ୍ୟାପକ ପରିବର୍ତ୍ତନ ମାଆ ପାଇଁ କଷ୍ଟସାଧ୍ୟ ହୋଇପଡ଼ିଛି । ଅଧିକ ପରିଶ୍ରମ ମଧ୍ୟ କରିବାକୁ ହେଉଛି ସେମାନଙ୍କୁ । ମାଆ ଭୂମିକାରେ ଥିବା ସାବତମାଆ ମଧ୍ୟ ଏଥିରୁ ନିଜକୁ ନିବୃତ୍ତ ରଖିପାରୁନାହାନ୍ତି । ସାବତମାଆର ଲାଳନ ପାଳନ ସ୍ନେହ, ଶ୍ରଦ୍ଧା ଅନେକ ମାତୃହୀନ ନବଜାତଙ୍କୁ ମଣିଷ କରି ଗଢ଼ି ତୋଳିବାରେ ସହାୟକ ହୋଇ ପାରିଛି ।

ଯେଉଁଠି ମାଆ ଥାଇ ସାବତ ମାଆ ଆସୁଛି ସେ ପରିବାରରେ ଦୁଇ ମହିଳାଙ୍କ ମଧ୍ୟରେ ମନାନ୍ତର ଦେଖାଯାଉଛି । ପିଲାମାନେ ଉଭୟ ମାଆଙ୍କ ସାନିଧ୍ୟ ଲାଭ କରୁଛନ୍ତି । କୌଣସି ମହିଳା ସନ୍ତାନମାନଙ୍କ ପ୍ରତି ଅସୂୟା ମନୋଭାବ ରଖିବା ଦେଖାଯାଏ ନାହିଁ । ପ୍ରାଚୀନକାଳର କିଛି କାହାଣୀ ଓ ପରମ୍ପରା ସାବତ ମାଆ ଚରିତ୍ରକୁ ବିଶୃଙ୍ଖଳିତ ବ୍ୟବସ୍ଥା ଭିତରକୁ ନେଇ ଆସିଛି ଯାହା ଏବେବି ଲୋକଙ୍କ ମନଭିତରୁ ସେ ବ୍ୟକ୍ତିତ୍ୱ ବାହାରି ଆସିପାରୁନାହିଁ । ଗାଁ ଗହଳିରେ ସାବତମାଆ, ମାଆଠାରୁ ଅଧିକ ମମତା ଦେଇଥାଏ । ଲୋକକଥା ଓ ପଡ଼ୋଶୀଙ୍କ ଈର୍ଷାଭାବ ହିଁ ତାକୁ ବାଧ୍ୟ କରିଥାଏ ପିଲାମାନଙ୍କର ଠିକ୍‌ଭାବେ ଯତ୍ନନେବା ପାଇଁ । ସହରାଞ୍ଚଳରେ ଅତ୍ୟାଧୁନିକ ଚାଲି ଚଳଣି ଭିତରେ ସାବତମାଆର ଆତ୍ମୀୟତା ପିଲାମାନଙ୍କ ଉପରୁ ଊଣାହେବା ଦେଖାଯାଏ ନାହିଁ । ସାବତମାଆଟିଏ ସବୁବେଳେ ମାନସିକ ଚାପର ବଶବର୍ତ୍ତୀ ହୋଇଥାଏ । ସବୁ ସମୟରେ ତାକୁ ଯେଉଁ ସମ୍ବୋଧନ କରାଯାଇଥାଏ ତାହା ତା ମନଭିତରେ ଗଭୀର ଆଘାତ ସୃଷ୍ଟି କରିଥାଏ । ବିଳାସ ବ୍ୟସନରେ ରହୁଥିବା ଧନାଢ୍ୟ ପରିବାରରେ ପିଲାମାନେ ମାଆ ଓ ସାବତମାଆର ପାର୍ଥକ୍ୟ ସେଭଳି ଅନୁଭବ କରନ୍ତି ନାହିଁ । ସେମାନେ ଯେଉଁ ଧାରାରେ ପ୍ରତିପାଳିତ ହୋଇଥାଆନ୍ତି ସେଥିରୁ ଅଚାନକ ବିଚ୍ୟୁତ ଘଟିଲେ ମାନସିକ ଆଘାତ ପାଆନ୍ତି । ମାଆ ସହ ସେମାନଙ୍କର ଥିବା ସମ୍ପର୍କର ରଜ୍ଜୁ ବିଚ୍ଛିନ୍ନ ହେଲେ ମମତାରେ ଏକ ବ୍ୟତିକ୍ରମ ଲକ୍ଷ୍ୟ କରାଯାଇଥାଏ । ଜନ୍ମରୁ ଯେଉଁ ଆତ୍ମୀୟତା ସେମାନଙ୍କ କଅଁଳ ମନକୁ ବାନ୍ଧି ରଖିଥାଏ ସେଥିରେ ପରିବର୍ତ୍ତନ, ସ୍ୱାଭାବିକଭାବେ ସେମାନଙ୍କୁ ଆଘାତ ଦେଇଥାଏ । ସହଜରେ ସେମାନେ ଆଉଜଣେ ମାଆର ଆତ୍ମୀୟତାକୁ ଗ୍ରହଣ କରିପାରିନଥାନ୍ତି । ସମୟକ୍ରମେ ଅଭ୍ୟସ୍ତ ହୋଇପଡ଼ିଲେ ଏହି ବ୍ୟବଧାନ ଦୂରେଇ ଯାଇଥାଏ । ଅନ୍ୟମାନଙ୍କ ଆଖିରେ ସାବତମାଆ ସବୁବେଳେ ସାବତମାଆର ପାରମ୍ପରିକ ଚରିତ୍ର ହୋଇ ରହିବା ଦେଖାଯାଏ ଯାହା ବାସ୍ତବ କ୍ଷେତ୍ରରେ ଯଥେଷ୍ଟ ପରିବର୍ତ୍ତନ ଆଣିଥାଏ ସେ କଥା କେହି ସହଜରେ ବୁଝିବାକୁ ଚେଷ୍ଟା କରନ୍ତି ନାହିଁ ।

ସମାଜରେ ଅନେକ ସାବତମାଆ ଅଛନ୍ତି ଯେଉଁମାନଙ୍କ ଜୀବନ ପିଲାଙ୍କ ପାଇଁ ସମର୍ପିତ । ସନ୍ତାନପ୍ରସବ କ୍ଷମତା ଉପରେ ସ୍ୱଇଚ୍ଛାରେ ସେମାନେ ପ୍ରତିବନ୍ଧକ ଲଗାଉଥିବା ଦେଖାଯାଏ । ନିଜ ସନ୍ତାନ ପାଇଁ ବ୍ୟାକୁଳତା ପ୍ରକାଶ କରନ୍ତି ନାହିଁ; ଛୋଟ ଛୋଟ ପିଲାଙ୍କୁ ଛାଡ଼ି ଇହଲୀଳା ସମ୍ବରଣ କରୁଥିବା ମହିଳାଙ୍କ ପ୍ରତି ଏମାନଙ୍କ ମନୋଭାବ ସ୍ୱତଃ ଏକ ନୂଆ ଚେତନା ଆଣିଦେଇଥାଏ । ଯେଉଁ ପରିବାରରେ ପିଲାମାନେ ବଡ଼ ହେବାପରେ ପୁରୁଷଟିଏ ଦ୍ୱିତୀୟ ବିବାହ କରେ, ସେଠି ପିଲାମାନେ ବାପା, ମାଆଙ୍କ ସ୍ନେହଠାରୁ ନିଜକୁ ଦୂରେଇ ରଖନ୍ତି । ସାବତମାଆ ଯେତେ ଚେଷ୍ଟା କଲେବି ସେମାନଙ୍କ ମନରେ ପରିବର୍ତ୍ତନ ଆଣିବାରେ ସକ୍ଷମ ହୁଏନାହିଁ । ମାଆ ଓ ସନ୍ତାନଙ୍କ ବୟସର ତାରତମ୍ୟ, ସ୍ନେହ ଶ୍ରଦ୍ଧା ଅପେକ୍ଷା ଈର୍ଷା ଓ ଅସ୍ପଷ୍ଟ ମନୋଭାବ ସୃଷ୍ଟି କରିଥାଏ । ଅନେକ କ୍ଷେତ୍ରରେ ପୁଅ ଝିଅଙ୍କ ବିବାହ ପରେ ବି ଅସହାୟ ବୟସ୍କ ବାପାମାନେ ଦ୍ୱିତୀୟ ବିବାହକୁ ବାଛି ନେଇଥାଆନ୍ତି । ଏଭଳି କ୍ଷେତ୍ରରେ ସାବତମାଆଙ୍କ ଠାରୁ ସେଭଳି ସ୍ନେହ ମିଳିନଥାଏ । ପିଲାମାନେ ସବୁବେଳେ ଏହି ପାରିବାରିକ ବଳୟ ଭିତରୁ ନିଜକୁ ଦୂରେଇ ରଖିଥାଆନ୍ତି । ଯେଉଁଠି ଆତ୍ମୀୟତା ସେମାନଙ୍କୁ ସ୍ପର୍ଶ କରିଥାଏ ସେ କ୍ଷେତ୍ରରେ ସାବତମାଆ ହୋଇପଡ଼େ ମାଆଠାରୁ ଅଧିକ ମମତା ପ୍ରଦାୟିନୀ । ଏବେ ମାଆ ଥିଲେ ସାବତମାଆ ଘରକୁ ଆସିବା ପରମ୍ପରା ଧୀରେ ଧୀରେ ଲୋପ ପାଇବାକୁ ବସିଲାଣି । ସାବତମାଆ ଅପେକ୍ଷା ଅତ୍ୟାଧୁନିକ ସମାଜରେ ରକ୍ଷିତାମାନଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ଗୋଟିଏ ପରିବାରରେ ପତ୍ନୀ ଓ ଦ୍ୱିତୀୟ ପତ୍ନୀଙ୍କୁ ରଖିବା ବ୍ୟବସ୍ଥାଠାରୁ ଦୂରେଇ ରହୁଛନ୍ତି ପୁରୁଷମାନେ । ପରିବାର ବାହାରେ ରକ୍ଷିତାମାନଙ୍କ ପାଇଁ ସ୍ଥାନ ବାଛୁଛନ୍ତି । ଘରଭିତରେ ଦୁଇ ମହିଳାଙ୍କ ବିବାଦର ଆଶଙ୍କା ଓ ଲୋକଲଜ୍ଜାକୁ ଭୟକରି ଅନେକ ଶିକ୍ଷିତ ବ୍ୟକ୍ତି, ରକ୍ଷିତାକୁ ସମ୍ପର୍କୀୟ ମାନଙ୍କଠାରୁ ଦୂରରେ ରଖୁଛନ୍ତି । ନାରୀ ସ୍ୱାଧୀନତା ସାବତମାଆ ପରମ୍ପରାରେ ଘୋର ପ୍ରତିବନ୍ଧକ ସୃଷ୍ଟି କରିଛି । ସାବତମାଆର ସ୍ୱଭାବ ଓ ମାନସିକତାକୁ ନେଇ ଯେଉଁସବୁ ଚର୍ଚ୍ଚା ଏବେବି ସାମାଜକ ଚଳଣି ଭିତରେ ପରମ୍ପରା ହୋଇ ରହିଯାଇଛି, ତାହା ବାସ୍ତବତାଠାରୁ ସମ୍ପୂର୍ଣ୍ଣ ଭିନ୍ନ । ସାବତମାଆ କୋଳରେ ବଢ଼ିଥିବା ପିଲାମାନେ ଜୀବନସାରା ଏଇ ମାଆମାନଙ୍କୁ ଭୁଲିପାରନ୍ତି ନାହିଁ । ନାରୀ ମାନସିକତା ଭିତରେ ଯେଉଁ ମାଆର ହୃଦୟ ରହିଛି, ତାହା ଜନ୍ମିତ ମାଆଠାରୁ ଯେତିକି ପରିମାଣରେ ମିଳିଥାଏ ଠିକ୍ ସେତିକି ମିଳେ ସାବତମାଆଠାରୁ । ଭୁଲ ବୁଝାମଣା, ଅସୂୟା ମନୋଭାବ ରଖୁଥିବା ମହିଳାଙ୍କ ଆଲୋଚନା ଏବଂ ସାଧାରଣ ତ୍ରୁଟି ବିଚ୍ୟୁତିକୁ ନେଇ ସାବତମାଆ ଉପରେ ଯେଉଁ ଧାରଣା ତିଆରି କରାଯାଇଛି ସେସବୁ ଠିକ୍ ନୁହେଁ ପ୍ରମାଣିତ କରିଛନ୍ତି ସାବତମାଆମାନେ । ଏହି ବ୍ୟବସ୍ଥା ଏବେବି ପ୍ରଚଳିତ ଅଛି । ମାଆ ଓ ସାବତମାଆ ଚରିତ୍ରକୁ ନେଇ ରହିଛି ଭିନ୍ନମତ ।

♥ପୂର୍ବତନ ଡିଏଫଓ, ପଲାଇ,
ବାଲିଚନ୍ଦ୍ରପୁର, ଯାଜପୁର,
ମୋ : ୯୪୩୭୨୫୭୧୨୩

# ଶୋଷଣ ମୁକ୍ତ ସମାଜର ଆବଶ୍ୟକତା

### ବିଷ୍ଣୁ ପ୍ରସାଦ ଦାସ



(ପୂର୍ବ ପ୍ରକାଶିତ ଉତ୍ତାରୁ...)ଏହି ନିର୍ମାୟା, ଅଶିକ୍ଷିତ, ସରଳ ଅସହାୟ ଗୋଷ୍ଠୀଙ୍କୁ କେବେ ନ୍ୟାୟ ମିଳିବ ? ହଁ, ହୁଏତ କାଗଜପତ୍ରରେ ମିଳୁଛି କିନ୍ତୁ ପ୍ରକୃତ କ୍ଷେତ୍ରରେ ଏହା ଶୂନ୍ୟ ଓ ଏହା କ'ଣ ଗରିବକୁ ଶୋଷଣ/ ନିର୍ଯାତନାର ଏକ ଜ୍ୱଳନ୍ତ ଉଦାହରଣ ନୁହେଁ ? ବିଶ୍ୱରେ ସର୍ବବୃହତ ଗଣତନ୍ତ୍ର ରାଷ୍ଟ୍ର, ଚତୁର୍ଥ ଶକ୍ତି, ମଙ୍ଗଳ ଯାନ ପଠାଇବାରେ ଅନ୍ୟତମ ଦେଶ ତେବେ ଆମ ଦେଶରେ ମାନବ ସମ୍ବଳର ବିକାଶ ବଦଳରେ ଅପରାଧ କାହିଁକି ବଢି ବଢି ଚାଲିଛି ? ଛୋଟ ଛୋଟ ଅପରାଧୀ ମାନଙ୍କୁ କ'ଣ ବର୍ଷ ବର୍ଷ ଜେଲର ଚାରିକାଂଥ ଭିତରେ ରଖି ସରକାର କ୍ଷତିର ସମ୍ମୁଖୀନ ହେଉ ନାହାନ୍ତି ? ମାନବିକତାକୁ ନଜରରେ ରଖି ବର୍ତ୍ତମାନ ସମୟ ଆସିଛି ଜେଲ ସୁଧାର କାର୍ଯ୍ୟକ୍ରମ କରି ଅପରାଧ କମାଇବା ତଥା ଅପରାଧୀମାନଙ୍କୁ ତୃଣମୂଳରୁ ସୁଧାରିବା ।

ବିଚାରାଧୀନ କଏଦୀମାନେ ଦୋଷୀ ସାବ୍ୟସ୍ତ ନ'ହେବ ପର୍ଯ୍ୟନ୍ତ ଅପରାଧୀ ବୋଲି ବିବେଚିତ ହେବେ ନାହିଁ ବୋଲି ଅଦାଲତ ମତ ଦେଇଛନ୍ତି ଓ ବିଚାରାଧୀନ କଏଦୀମାନଙ୍କୁ ଦଣ୍ଡିତ କଏଦୀଙ୍କଠାରୁ ସମ୍ପୂର୍ଣ୍ଣ ଅଲଗା ରଖିବାର ଆବଶ୍ୟକତା ଅଛି ଫଳରେ ସେମାନେ ଦୁର୍ଦ୍ଧାନ୍ତ ଅପରାଧୀ ମାନଙ୍କ ସଂସ୍ପର୍ଶରେ ଆସି ପାରିବେ ନାହିଁ ଓ ସେହି ଅଲଗା ଗୃହ ଟିର ନାମ ଜେଲ / କାରାଗାର ନ'ଦେଇ ଅନ୍ୟ କିଛି ଦିଆଗଲେ ଭଲ ହୁଅନ୍ତା, କାରଣ ସେମାନେ ଯଦି ଭବିଷ୍ୟତରେ ଅଦାଲତ ଦ୍ୱାରା ନିର୍ଦ୍ଦୋଷ ବୋଲି ସାବ୍ୟସ୍ତ ହୁଅନ୍ତି ତେବେ ସେମାନେ ସମାଜକୁ ଫେରି ସାମାଜିକ ବାଛନ୍ଦରୁ ମୁକ୍ତି ପାଇବେ ଏବଂ ନିଜ ଜୀବନ ଜୀବିକାକୁ ସୁଚାରୁ ରୂପେ ଆଗେଇ ନେବେ ଓ ନିର୍ଦ୍ଦୋଷୀ ମଣିଷ ଟିଏ ଯଦି ଥରେ ଜେଲ ଗଲା ତେବେ ଆମ ସମାଜ ତା'କୁ ଘୃଣା ଚକ୍ଷୁରେ ଦେଖେ, ଫଳରେ ସେ ଜେଲ ଭିତରର ନିର୍ଯାତନାଠାରୁ ସମାଜରେ ବେଶୀ ନିର୍ଯାତିତ ହୁଏ ତା'ର ମନରେ ସମାଜ ପ୍ରତି ଘୃଣା ଭାବ ଉଦ୍ରେକ ହୋଇଥାଏ ଯାହାକି ତା'କୁ ବଡ଼ ଅପରାଧୀ କରିବାରେ ସହାୟତା ଯୋଗାଇଥାଏ ବା ନିଜ ଜୀବନକୁ ଆତ୍ମହତ୍ୟାର ରୂପ ଦେଇଥାଏ, କୁହନ୍ତୁ ତ' ସେହି ବ୍ୟକ୍ତିଟିର ପରିବାର ସମାଜରେ ବଂଚିବ କିପରି ? ଏହି ବିଷୟରେ ସରକାର ହୃଦୟରୁ ଚିନ୍ତା କରିବା ସହିତ ଗୁଣି, ଜ୍ଞାନୀ ତଥା ମନସ୍ତତ୍ୱବିତ ମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କରିବା ସମାଜର ମଙ୍ଗଳ ପାଇଁ ଉପଯୁକ୍ତ ପଦକ୍ଷେପ ହେବ ଓ ଘୃଣା ଦ୍ୱାରା ଆମେ ସମାଜର ଉନ୍ନତି ସାଧିତ କରିପାରିବା ନାହିଁ, ସ୍ନେହ ପ୍ରେମ ଏବଂ ଆନ୍ତରିକତାର ଆବଶ୍ୟକତା ଜରୁରୀ ବୋଲି ମୋର ମନେହୁଏ ।

ପ୍ରଶାସନ ଚାହିଁଲେ ସେହି ବ୍ରିଟିଶ ଯୁଗରୁ ଚାଲି ଆସିଥିବା କାରାଗାରର ଅମାନୁଷିକତା /ନିର୍ଯାତନାର କିଛିଟା ପରିବର୍ତ୍ତନ ହୁଏତ ସମ୍ଭବ ହୋଇ ପାରିବ ଓ ସ୍ୱାଧୀନତାର ୭୬ ବର୍ଷ ପରେ ମଧ୍ୟ ଆମେ ସେହି ବ୍ରିଟିଶ ଯୁଗର ମାନସିକତାକୁ ଧରି ବସିଛୁ ଓ ଆମେମାନେ ହିଂସ୍ର ଜୀବ ଜନ୍ତୁମାନଙ୍କୁ ବର୍ତ୍ତମାନ ଆଉ ଚିଡିୟା ଖାନରେ ନ'ରଖି ବିରାଟ ଜଙ୍ଗଲକୁ ଆବଦ୍ଧ କରି ଅଭୟାରଣ୍ୟ କରି ପାରୁଛୁ ଏହାର କାରଣ ହେଲା ଯେ ସେମାନେ ସ୍ୱାଧୀନ ଭାବେ ବିଚରଣ କରିବା ସହିତ ମନୁଷ୍ୟମାନଙ୍କର କିଛି କ୍ଷତି କରିପାରିବେ ନାହିଁ, ତେବେ ଆମ ବିଚାରାଧୀନ କଏଦୀ ମାନଙ୍କ ପାଇଁ କଣ ସହରଠାରୁ ଟିକେ ଦୂରରେ ଆଶ୍ରମ ଗୃହ ଖୋଲି ପରିବା ନାହିଁ ? ସେଠାରେ ବହୁତଳ ଜେଲ ଗୃହ ନିର୍ମାଣ ନ'କରି ଛୋଟ ଛୋଟ ଚାଳ/ ଆଜବେଷ୍ଟସ ଘର କରି ବିସ୍ତୀର୍ଣ୍ଣ ସ୍ଥାନକୁ ସୁରକ୍ଷିତ ବାଡ଼ ଦେଇ ଆବଦ୍ଧ କରି ପାରିବା, ଖାଲି ସ୍ଥାନରେ କୃଷି କାର୍ଯ୍ୟ ମଧ୍ୟ କରାଯାଇପାରେ ବା ଯେ କୌଣସି କୁଟୀରଶିଳ୍ପ କରାଯାଇ ପାରେ ଠିକ ଉନ୍ମୁକ୍ତ କାରାଗାର ପରି ଓ ସେଠାରୁ କେହି ଯେପରି ବିନା ଅନୁମତିରେ ପଳାଇଯାଇ ନ'ପାରିବେ ତାହାର ସୁରକ୍ଷା ପାଇଁ ଦକ୍ଷ ସୁରକ୍ଷା କର୍ମୀ ମୁତୟନ, ସି : ସି କ୍ୟାମେରା ସ୍ଥାପନ ସହିତ ଦକ୍ଷ ଅଧିକାରୀ, ମନସ୍ତତ୍ୱବିତମାନେ ସେମାନଙ୍କର ଦେଖା ଶୁଣାର ଦାୟିତ୍ୱ ନେଇ ପାରନ୍ତେ ଓ ବିଚାର ବିଭାଗୀୟ ଅଧିକାରୀ ମାନେ ପ୍ରତି ସପ୍ତାହରେ କ୍ୟାମ୍ପ କୋର୍ଟ କରି ଅନେକ ଛୋଟ ଛୋଟ ମକଦ୍ଦମାର ଫଇସଲା ତୁରନ୍ତ କରିଦେଇ ପାରନ୍ତେ ଫଳରେ ବିଚାରାଧୀନ ଅପରାଧୀମାନେ ତୁରନ୍ତ ନ୍ୟାୟ ପାଇବାରେ ସକ୍ଷମ ହୁଅନ୍ତେ ଏବଂ ସେଠାରୁ ପୁଣି ସମାଜକୁ ଫେରିଆସି ପାରନ୍ତେ, ଯଦିଓ ନ୍ୟାୟିକ ପ୍ରକ୍ରିୟା ଏତେ ସରଳ ନୁହେଁ ତେବେ ବି ଚେଷ୍ଟା କରାଯାଇପାରେ ଓ ଛୋଟ ଛୋଟ ଅପରାଧ ପାଇଁ ପୋଲିସ ବିଭାଗ ମଧ୍ୟ ଯଦି ଟିକେ ହୃଦୟରୁ ଚିନ୍ତା କରନ୍ତେ ତେବେ ଅପରାଧୀମାନଙ୍କୁ କୋର୍ଟ ଫରୱାର୍ଡ଼ ନ'କରି ଥାନାରେ ସମାଧାନ କରିଦେଇ ପାରନ୍ତେ ଫଳରେ ଅଦାଲତ ଗୁଡିକର ସମୟ ବଞ୍ଚି ପାରନ୍ତା, ଏଥିପାଇଁ ହୁଏତ ସରକାରଙ୍କୁ କିଛି ଦାୟିତ୍ୱବାନ କର୍ମଚାରୀଙ୍କୁ ନିଯୁକ୍ତି ଦେବାକୁ ପଡିବ, ଫଳରେ ଅଦାଲତ/ଜେଲ ଉପରେ ଅନେକଟା ଚାପ କମିଯାଇପାରେ ଓ ଶିକ୍ଷାର ଅଭାବ ତଥା ଆମଦେଶର ଆଇନ କାନୁନ, ବିଧି ବ୍ୟବସ୍ଥା ଉପରେ ଗରିବ, ଆଦିବାସୀ, ଜନଜାତିର ୭୦ ପ୍ରତିଶତ ନାଗରିକ ସମ୍ପୂର୍ଣ୍ଣ ଜାଣି ନାହାନ୍ତି ତେଣୁ ତୃଣମୂଳ ସ୍ତରରୁ ଆଇନ ଉପରେ ଜନ ସାଧାରଣକୁ ବିଭିନ୍ନ ଉପାୟରେ ପ୍ରଚାର ପ୍ରସାର ଦ୍ୱାରା ଜଣାଇବା ତଥା ଅଜ୍ଞ ବ୍ୟକ୍ତିମାନଙ୍କୁ ଆଇନ୍‌କୁ ସମ୍ମାନ ଜଣାଇବାକୁ ଶିକ୍ଷା ଦେବା ଦ୍ୱାରା ମଧ୍ୟ ଅପରାଧ ଅନେକାଂଶରେ କମିବ ବୋଲି ଆଶା କରୁଛି ଓ ସ୍କୁଲ ଶିକ୍ଷା ସହିତ ଆଇନ ପାଠ୍ୟକ୍ରମକୁ ସରଳ ଭାବରେ ଯଦି ସାମିଲ କରାଯାଇ ପାରନ୍ତା ତେବେ ଉଚ୍ଛୃଙ୍ଖଳିତ ଛାତ୍ର ଛାତ୍ରୀମାନେ ଆଇନ୍‌କୁ ସମ୍ମାନ ଜଣାଇବାକୁ ଏକ ସାମାଜିକ ଦାୟିତ୍ୱ ବୋଲି ମନେ କରିବେ । ଅପରାଧ, ଅପରାଧୀ ଏବଂ ଅପରାଧ ନିରୋଧ ନାମରେ ଅକଥନୀୟ ଅତ୍ୟାଚାର/ଶୋଷଣ ବର୍ତ୍ତମାନ ଆମ ସମାଜକୁ ଖୁବ ନକାରାତ୍ମକ ସନ୍ଦେଶ ଦେଉଛି ଓ ଏହି ସମସ୍ୟା ଉପରେ ଗୁରୁତ୍ୱ ଦେଇ ଯଥା ସମ୍ଭବ ପଦକ୍ଷେପ ନିଆଗଲେ ସମାଜର ନିଶ୍ଚିତ ପରିବର୍ତ୍ତନ ହେବ ବୋଲି ମୁଁ ଅନୁଭବ କରୁଛି । (ସମାପ୍ତ)

♥(ବରିଷ୍ଠ ନାଗରିକ)
ସ୍ନେହ କୁଟୀର, ଝାଞ୍ଜିରୀ ମଙ୍ଗଳା
କଟକ ୭୫୩୦୦୯
ମୋ: ୯୯୩୭୧୭୪୦୯୭




## ଧରାକୁ ଖରା ଆସିଲା ମାଡ

### ନଳିନୀ ଦାଶ

ମାଆ କହିଲେ କୁନାକୁ ଡାକି
କଥା ମାନି ମୋର ଆ
ଧରାକୁ ଖରା ଆସିଲା ମାଡ଼ି
ଛତା ତୁ ନେଇ ଯାଆ ।

ପାଣି ବୋତଲ ପାଦେ ଚପଲ
ତିଆରି ଖାଦ୍ୟ ନେଇ
ବିଦ୍ୟାଳୟକୁ ଯାଆ ରେ ଧନ
ଅଂଶୁଘାତ ହେବ ନାହିଁ ।

ଗରମ ଖାଦ୍ୟ ମସଲା ଯୁକ୍ତ
ଖାଦ୍ୟ ଖାଇବୁ ନାହିଁ
ପାଣି ଅଧିକ ପିଇବୁ ଯଦି
ଝାଳ ବୋହିବ ନାହିଁ ।

ଝାଳ ଦେହରେ ଗାଧୋଇଲେ ତୁ
ଦେହ ଖରାପ ହେବ
ତେଲ ଜିନିଷ ଖାଇବୁ ନାହିଁ
ଶରୀର ଭଲ ଥିବ ।

ଖରା ଦିନରେ ପଖାଳ ଭାତ
ଖାଇଲେ ଲାଗେ ମଜା
ଗଛ ଦିଅଇ ପବନ ବିଞ୍ଚି
ଲାଗଇ ଭାରି ତାଜା ।

ଆଖୁରସ ଓ ବେଲ ପଣାଟି
ଦେହକୁ ଭାରି ହିତ
ଫଳ ରସକୁ ପିଇବ ନୀତି
ସତେଜ ଲାଗେ ସତ ।

ଗରମ ଦିନେ ସଫା ସୁତୁରା
ରଖିବୁ ଦେହ ତୋର
ହେବନି କେବେ ଥଣ୍ଡା କାଶ ଓ
ଧରିବ ନାହିଁ ଜର
ଖରାରେ ଜମା ବୁଲିବୁ ନାହିଁ
ଘର ଭିତରେ ରହି
ବାହାରକୁ ତୁ ଜିବୁରେ ଧନ
ଆସିଲେ ଟିକେ ଛାଇ ।

♥ଭିକାରିପଡା,
ଶରଣକୁଳ, ନୟାଗଡ଼
ମୋ: ୬୩୭୦୦୯୫୨୪୧

## ଅବୁଝା ଅଙ୍କ

### ଜୁମର ନାଥ ପାତ୍ର

ବାପା କହୁଥିଲେ
ହରଣ ଗୁଣନ ଫେଡ଼େ ମିଶା
ଆଉ ସବୁ ପାଠ ଫସର ଫସା
କିଛି ବୁଝି ହେଉଥିଲା ତ
ଆଉ କିଛି ରହିଯାଉଥିଲା ଅବୁଝା
ସବୁ ଅଙ୍କ ଭୁଲ୍ ହେଇଗଲା ଯେବେ
ଏକ ଏକ ମିଶି ପୁଣି ଏକ ହୁଏ
ତା' ପୁଣି ହୋମ ନିଆଁକୁ ସାକ୍ଷୀ ରଖି
ପୁଣି ଅଙ୍କ ବଦଳିଗଲା
ଆମେ ଦୁଇ ଆମର...ରେ
ପେମେଣ୍ଟ ପେକେଟ ଟା ବଦଳିଗଲା
ଅନଲାଇନ ଢାଞ୍ଚାରେ
ବାର୍ଷିକ ଫି କଟିଲା
ନିଜ ଅର୍ଜିତ ଧନରୁ
ସବୁ ଗୋଳମାଳ ଅଙ୍କ ଭିତରେ
ରାଜତ୍ୱ କଲା ଆସି ବିରାଟ ଶୂନ
ଆଉ ଆଜି ସମସ୍ତଙ୍କ ଅଙ୍କ ସଜାଡୁ
ସଜାଡୁ
ମୋ ଆକାଉଣ୍ଟ ବାଲାନସ୍ ଶୂନ
ହଁ ହଁ ଶୂନ...ଜିରୋ
ସତରେ ଆଉରି ବାକି ଅଛି ଜୀବନ
ଆଉରି ବଦଳିବ ଅଙ୍କ
ନାଇଁ ନାଇଁ ଏଇ ଅବୁଝା ଅଙ୍କ...।

♥ବାଲେଶ୍ୱର

## ଅବଶୋଷ କଣ ପାଇଁ ?

### ବିବୁଲ ମହାକୁର



ଆଜି ଶବ୍ଦ ସବୁ ନୀରବ
ଭାବନା ମାନ ଗୁପ୍ତଗଙ୍ଗା ପରି,
ବହିଯାଆନ୍ତି ଆଖି ଦେଇ
କୂଳରେ ଘଷି ହୋଇ ହୋଇ ।

ପୁନର୍ଜନ୍ମରେ ଆଜି ପୁଣି ମୃତ୍ୟୁ
ଅଭିଶାପର ଛାଇ ତଳେ
ବାରମ୍ବାର କଚାଡି ହେଲାପରେ ବି
ଅକ୍ଷତ ଶବ ।


ଶବ ଗୁରୁଣ୍ଡି ଗୁରୁଣ୍ଡି ଚେଷ୍ଟାକରେ
ସ୍ପର୍ଶ କରିବାକୁ
ସେ ଚଳନ୍ତି ଠାକୁରଙ୍କ
ଦୁର୍ଲଭ ପାପନାଶିନୀ ପଦଯୁଗଳ କୁ
କ୍ଷମା ଚାହେଁନି
ଚାହେଁ କେଇ ମୁହୂର୍ତ୍ତର ଶୀତଳ ସ୍ପର୍ଶ ।

ପୀଡ଼ା ଅବଶୋଷ କାନ୍ଧେଇ ନିଅନ୍ତି
ଶବକୁ ପାପ ଓ ଅଭିଶାପ ସହ
କାହା ଆଖିର ଲୁହ ଝରେ ଆଜି
କୋକେଇ ଆଗରେ ପୁଷ୍ପହୋଇ ।
କ୍ଷମା ବୋଧେ ପ୍ରଯୁଜ୍ୟ ନୁହଁ
ସବୁ ଅପରାଧ ପାଇଁ,
ସ୍ୱର୍ଗ ହେଉ ଅବା ମର୍ତ୍ତ୍ୟ ହେଉ
ଅବଶୋଷ କଣ ପାଇଁ ?

♥ଗ୍ରାମ/ପୋଷ୍ଟ - ବୁର୍ଡ଼ା
ଥାନା - ଲୋଇସିଂହା
ଜିଲ୍ଲା - ବଲାଙ୍ଗୀର
ମୋ: ୮୨୪୯୭୦୨୨୫୨

## ବହୁ ଅଖାଦ୍ୟକୁ ଖାଦ୍ୟ ଭାବିକି

### ପ୍ରଦୀପ୍ତ କୁମାର ଦାସ



ବହୁ ଅଖାଦ୍ୟକୁ ଖାଦ୍ୟ ଭାବିକି ଖାଆନ୍ତି ଅନେକ ଲୋକ
କିଏ ମାଛ ମାଂସ ଅଣ୍ଡା ଖାଏତ କିଏ ଗୋଧି ସାପ ପୋକ,
କଇଁଛ କଙ୍କଡ଼ା ଅସରପା ବେଙ୍ଗ ଝିଟିପିଟି କିଏ ଖାଏ
ନର ରାକ୍ଷସର ପେଟ ପୂଜା ପାଇଁ କେତେ ଜୀବ ଲୋପ ପାଏ ,
ଶାକାହାରୀ କରି ଗଢ଼ିଛନ୍ତି ତାକୁ ସୃଷ୍ଟିକର୍ତ୍ତା ଭଗବାନ
ନମାନିକି ନର ପ୍ରଭୁଙ୍କର ଗିର ଜୀବ ମାରେ ପ୍ରତିଦିନ,
ଜୀବ ମାଂସ ଖାଇ ନରକ ପଥରେ ହୁଏ ସେତ ଅଗ୍ରସର
ବହୁ ଦୁରାରୋଗ୍ୟ ବ୍ୟାଧିରେ ତା ଦେହ ହୋଇଯାଏ ଭରପୁର,
ମାଂସାସି ପ୍ରାଣୀଙ୍କ ପରି ଜୀବ ମାରି ହିଂସ୍ର ପାଲଟଇ ସିଏ
ଶ୍ରେଷ୍ଠ ଜୀବର ଧରମକୁ ଭୁଲି ଜାଣି ଜାଣି ନଷ୍ଟ ହୁଏ,
ଶରୀର ଗଠନ ହୋଇଛି ତାହାର ସାତ୍ତ୍ୱିକ ଭୋଜନ ଲାଗି
ସେଶୁଦ୍ଧ ଭୋଜନ ଭଜନ ଭୁଲିକି ସାଜିଛି ପରମ ଭୋଗୀ,
ଆର୍ଯ୍ୟଋଷିଙ୍କ ବୀର୍ଯ୍ୟ ଧାରାରେ ଧରି ସିଏ ଶ୍ରେଷ୍ଠ ତନୁ
ଦେବଭାବ ଭରା ମାନବିକତାକୁ ପାଶୋରି ଦେଇଛି ମନୁ,
ଧରମକୁ ଆଖି ଠାର ମାରି ସିଏ କାର୍ତ୍ତିକେ ଆମିଷ ଛାଡ଼ି
ଛାଡ଼ଖାଇ ଦିନ ଆମିଷ ନିମନ୍ତେ ଦିଏ ଭଇରବ ରଡ଼ି,
ମଣିଷ ମନରୁ ଅସୁର ସ୍ୱଭାବ ନିଅ ପ୍ରଭୁ ତମେ ହରି
ପ୍ରତିଟି ଅନ୍ତରେ 'ଜୀବେ ଦୟା' ଭାବ ଦୟାକରି ଦିଅ ଭରି ।

♥କଣ୍ଟାବଣିଆ, ଛତ୍ରପଡ଼ା, ପ୍ରୀତିପୁର,ଯାଜପୁର, ଓଡ଼ିଶା
ପିନ୍ -୭୫୫୦୧୩/
ମୋ: ୮୫୯୪୮୮୫୮୯୮



# ବଲିଉଡ୍ ପାଇଁ ସମୟ ନାହିଁ: ମାଲାୟଲୀ ସିନେମାରେ ପୂରା ବ୍ୟସ୍ତ ଆନ୍ନା

ମାଲାୟଲୀ ଅଭିନେତ୍ରୀ ଆନ୍ନା ବେନ୍ ସିନେ ଜଗତରେ ନିଜ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ସୁରକ୍ଷିତ ରଖି ପାରିଛନ୍ତି । ମାତ୍ର ତିନି ବର୍ଷର ଅଭିନୟ ଜୀବନ ଭିତରେ ପାଖାପାଖି ଦଶଟି ଚଳଚ୍ଚିତ୍ରରେ ଅଭିନୟ କରି ଆଠଟି ଜାତୀୟ ସ୍ତରର ପୁରସ୍କାର ଲାଭ କରିବା ହେଉଛି ତାଙ୍କ ଦକ୍ଷତାର ପ୍ରମାଣ । କେରଳର କୋଚିଠାରେ ୧୯୯୫ ଅଗଷ୍ଟ ୭ ତାରିଖରେ ମାଲାୟଲୀ ସିନେମାର ପ୍ରଖ୍ୟାତ ଚିତ୍ରନାଟ୍ୟ ଲେଖକ ବେଣୀ ପି. ନାୟାରାମ୍ବଲମ୍ଙ୍କର କୋଳମଣ୍ଡନ କରିଥିବା ଆନ୍ନା ଫେସନ୍ ଡିଜାଇନ୍ ପାଠ୍ୟକ୍ରମରେ ସ୍ନାତକ ଡିଗ୍ରି ହାସଲ କରିଛନ୍ତି । ପଢ଼ିଲା ବେଳୁ ଜଣେ ଫେସନ ଡିଜାଇନର ହେବା ପାଇଁ ସେ ମନସ୍ଥ କରିଥିଲେ । କିନ୍ତୁ ମାଲାୟଲୀ ସିନେମାରେ ଅଭିନେତ୍ରୀ ହେବା ପାଇଁ ତାଙ୍କ ପିତାଙ୍କର ସ୍ୱପ୍ନକୁ ଆନ୍ନା ସାର୍ଥକ କରିବାକୁ ପରେ ମନ ପରିବର୍ତ୍ତନ କରିଥିଲେ । ସେ ତରବରିଆ ଭାବେ ସିନେଦୁନିଆକୁ ଲମ୍ଫ ନ ମାରି ସେଥିପାଇଁ ପ୍ରସ୍ତୁତି ଆରମ୍ଭ କରିଥିଲେ । ଶେଷରେ ପିତାଙ୍କର ସୁପାରିସ କ୍ରମେ ୨୦୧୯ରେ ସେ ମାଲାୟଲୀ ସିନେମା 'କୁମ୍ବଲଙ୍ଗି ନାଇଟ୍ସ'ରେ ପ୍ରଥମ ପଦାର୍ପଣ କରି ଦର୍ଶକ ଓ ସମୀକ୍ଷକମାନଙ୍କୁ ଚକିତ କରିଦେଇଥିଲେ । ଏହି ପ୍ରଥମ ସିନେମା ହିଁ ତାଙ୍କ ପାଇଁ ଦୁଇ ଦୁଇଟି ପୁରସ୍କାର ଆଣିଦେଇଦେଇଥିଲା । ପରବର୍ତ୍ତୀ ସିନେମା 'ହେଲେନ୍' ଓ କାପ୍ପେଲା' ମଧ୍ୟ ଆନ୍ନାଙ୍କ ପାଇଁ ଅନୁରୂପ ପ୍ରତିଷ୍ଠା ଅଜାଡ଼ି ଦେଇଥିଲା । ଏହାପରେ ସେ ଆଉ ସିନେମା ପଛରେ ଗୋଡ଼େଇବା ଦରକାର ପଡ଼ିନି, ବରଂ ସୁନାମଧନ୍ୟ ନିର୍ଦ୍ଦେଶକମାନେ ନିଜ ପ୍ରକଳ୍ପରେ ଆନ୍ନାଙ୍କୁ ନାୟିକା ରୂପେ ପାଇବା ଲାଗି ଆଗେଇ ଆସିଲେ । ପରେ ପରେ 'ସାରାସ୍', 'ନାରାଦାନ' ଓ 'ନାଇଟ୍ ଡ୍ରାଇଭ୍' ପରି ସିନେମାରେ ସେ ତାଙ୍କର ପୂର୍ବ ଲୋକପ୍ରିୟତା ଦୋହରାଇଥିଲେ । ଗତବର୍ଷ ଖେଳିଥିବା 'କାପ୍ପା' ସିନେମାରେ ଆନ୍ନାଙ୍କର ଗୁଣ୍ଡା ବିନୁ ପରି ଭିନ୍ନ ଚରିତ୍ର ଦର୍ଶକଙ୍କୁ ଭରପୂର ମନୋରଂଜନ ଯୋଗାଇପାରିଛି । କୌଣସି ଧରାବନ୍ଧା ଚରିତ୍ରରେ ନିଜକୁ ସୀମିତ ନରଖି ଆନ୍ନା ବିଭିନ୍ନ ଭୂମିକାରେ ନିଜକୁ ପରଖି ଏକ ନିଆରା ପରିଚୟ ସୃଷ୍ଟି କରିପାରିଛନ୍ତି । ଚଳିତ ବର୍ଷ ତାଙ୍କ ଅଭିନୀତ ଦୁଇଟି ମାଲାୟଲୀ ସିନେମା ମୁକ୍ତିଲାଭ ଅପେକ୍ଷାରେ ଥିବା ବେଳେ 'କୋଟ୍ଟୁକାଲି' ଚଳଚ୍ଚିତ୍ରର ସୁଟିଂରେ ସେ ଏବେ ବ୍ୟସ୍ତ ଅଛନ୍ତି । ତେବେ ମାଲାୟଲୀ ଦର୍ଶକଙ୍କ ପାଖରେ ଏପରି ପ୍ରସିଦ୍ଧି ଲାଭ କରିଥିଲେ ହେଁ ଆନ୍ନା ଏଯାଏ ବଲିଉଡ୍ ପ୍ରତି ମନ ବଳାଇନାହାନ୍ତି । ଅବଶ୍ୟ ମାଲାୟଲୀ ବ୍ୟତୀତ ଅନ୍ୟ ଦକ୍ଷିଣ ଭାରତୀୟ ଭାଷାର ସିନେମା ପାଇଁ ମଧ୍ୟ ତାଙ୍କ ହାତରେ ଏବେ ସମୟ ନାହିଁ ।

# ବଲିଉଡ ଅଭିନେତ୍ରୀ ଦୀପିକାଙ୍କୁ ଚିହ୍ନି ପାରିଲେନି ବିଦେଶୀ ମିଡିଆ



୯୫ତମ 'ଏକାଡେମି ଆୱାର୍ଡସ୍'ରେ କମାଲ କରିଥିଲା ଭାରତ । ଭାରତୀୟ ଚଳଚ୍ଚିତ୍ର 'ଆରଆରଆର'ର 'ନାଟୁ ନାଟୁ' ଗୀତ ୯୫ତମ 'ଏକାଡେମି ଆୱାର୍ଡସ୍'ରେ 'ବେଷ୍ଟ ଅରିଜିନାଲ୍ ସଙ୍ଗ୍' ବର୍ଗରେ 'ଓସ୍କାର' ବିଜୟୀ ହୋଇଥିବା ସହ କାର୍ତିକି ଗନ୍ସାଲ୍ଭେସ୍ ଏବଂ ଗୁନୀତ୍ ମୋଙ୍ଗାଙ୍କ 'ନେଟ୍ଫ୍ଲିକ୍ସ' କ୍ଷୁଦ୍ର ପ୍ରାମାଣିକ ଛବି 'ଦି ଏଲିଫ୍ୟାଣ୍ଟ୍ ୱିସ୍ପରରସ୍' ୯୫ତମ 'ଏକାଡେମି ଆୱାର୍ଡସ୍'ରେ 'ବେଷ୍ଟ୍ ଡକ୍ୟୁମେଣ୍ଟାରି ସର୍ଟ' ବର୍ଗରେ 'ଓସ୍କାର' ବିଜୟୀ ହୋଇଥିଲା ।

ଏହି ଦୁଇଟି ସଫଳତା ମଧ୍ୟରେ ଯିଏ ବିଶ୍ୱ ଦରବାରରେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ସେ ଥିଲେ ବଲିଉଡ ଅଭିନେତ୍ରୀ ଦୀପିକା ପାଦୁକୋନ । ପୁରସ୍କାର ବିତରଣ ଉତ୍ସବରେ ଦୀପିକା ପାଦୁକୋନ ଯୋଗ ଦେବା ସହ ମଞ୍ଚରେ ନିଜ ଦେଶକୁ ପ୍ରତିନିଧିତ୍ୱ କରି ସମସ୍ତଙ୍କ ହୃଦୟ ଜିତିଥିଲେ । ଏହା ପ୍ରଥମ ନଥିଲା, ଏହା ପୂର୍ବରୁ ଅନେକ ଥର ଦୀପିକା ବିଶ୍ୱ ଦରବାରରେ ଭାରତକୁ ପ୍ରତିନିଧିତ୍ୱ କରି ଦେଶର ଗୌରବ ବଢ଼ାଇଛନ୍ତି । ତେବେ ଏତେ ଲୋକପ୍ରିୟ ହୋଇ ମଧ କିଛି ବିଦେଶୀ ମିଡିଆ ଦୀପିକାଙ୍କୁ ଚିହ୍ନି ପାରିନଥିବା ଜଣାପଡ଼ିଛି ।

କିଛି ବଡ ବିଦେଶୀ ମିଡିଆ ଏଜେନ୍ସି ଦୀପିକାଙ୍କୁ ବ୍ରାଜିଲର ମଡେଲ ଏବଂ ଡିଜାଇନର୍ କାମିଲା ଅଲଭେସ୍ ବୋଲି କହି ଟ୍ରୋଲ ହୋଇଛନ୍ତି । କାମିଲା ଅଲଭେସ୍ ହେଉଛନ୍ତି ହଲିଉଡ ଅଭିନେତା ମାଥ୍ୟୁ ମ୍ୟାକକୋନାଗେଙ୍କ ପତ୍ନୀ । ସୋସିଆଲ ମିଡିଆରେ ଆନ୍ତର୍ଜାତୀୟ ଫଟୋ ଏଜେନ୍ସିର ସ୍କ୍ରିନସଟ ଭାଇରାଲ ହେବାରେ ଲାଗିଛି, ଯେଉଁଥିରେ ଦୀପିକା ପାଦୁକୋନଙ୍କ ଓସ୍କାର ଫଟୋକୁ ବ୍ରାଜିଲର ମଡେଲ ତଥା ଡିଜାଇନର୍ କାମିଲା ଅଲଭେସଙ୍କ ନାଁରେ ସେୟାର କରାଯାଇଛି ।

# ରାତିରେ ଏହି କାରଣରୁ କପିଲ ଶର୍ମାଙ୍କ ହାତରୁ ଫୋନ୍ ନେଇଯାଆନ୍ତି ପତ୍ନୀ ଗିନ୍ନି

କମେଡି କିଙ୍ଗ୍ କପିଲ୍ ଶର୍ମାଙ୍କ ଲଭ୍-ଲଇଫ୍ ବିଷୟରେ ସମସ୍ତଙ୍କୁ ଜଣା । କିପରି ସେ ନିଜ ଦୀର୍ଘ ଦିନରେ ପ୍ରେମିକା ଗିନ୍ନିଙ୍କୁ ବିବାହ କରିଛନ୍ତି ଓ ତା'ପରେ ୨ ଜଣ ପିଲାଙ୍କ ବାପା ବି ବନିଛନ୍ତି ତାହା ସମସ୍ତେ ଜାଣନ୍ତି । କପିଲ୍ ସୋ'ରେ ଯେତେ ବି ଝିଅଙ୍କ ସହ 'ଫ୍ଲର୍ଟ' କରନ୍ତୁ ପଛେ, ସେ ତାଙ୍କ ପତ୍ନୀଙ୍କୁ କେତେ ଶ୍ରଦ୍ଧା କରନ୍ତି ତାହା କାହାକୁ ଅଛପା ନାହିଁ ।

ଅଧିକାଂଶ ସମୟରେ ସେ ସୋ'ରେ ନିଜ ପତ୍ନୀଙ୍କ ନାମ ନିଅନ୍ତି ତ ପୁଣି କେବେ କେବେ ସୋସିଆଲ୍ ମିଡିଆ ପୋଷ୍ଟ ଜରିଆରେ ପତ୍ନୀଙ୍କ ପ୍ରତି ଥିବା ତାଙ୍କ ଭଲପାଇବା ସାମ୍ନାକୁ ଆସିଥାଏ । ତେବେ କପିଲଙ୍କ ପରି ତାଙ୍କ ପତ୍ନୀ ଗିନ୍ନି ମଧ୍ୟ ଖୁବ୍ ଯତ୍ନଶୀଳ ନିଜ ସଂପର୍କକୁ ନେଇ ।

ଆପଣ ଜାଣିଲେ ଆଶ୍ଚର୍ଯ୍ୟ ହେବେ ଯେ ଏକ ବିଶେଷ କାରଣ ପାଇଁ ଗିନ୍ନି ରାତିରେ କପିଲଙ୍କ ହାତରୁ ଫୋନ୍ ନେଇଯାଆନ୍ତି । କିଛି ବର୍ଷ ତଳେ ରାତିରେ ନିଶାସକ୍ତ ଅବସ୍ଥାରେ କପିଲ ଶର୍ମା କରିଥିବା ଟ୍ୱିଟ୍ ପୋଷ୍ଟ କଥା ଆପଣଙ୍କର ମନେଥିବ । ସେହି ପୋଷ୍ଟ ତାଙ୍କୁ ବିବାଦ ଭିତରକୁ ଟାଣି ନେଇଥିଲା । ଯେଉଁ କାରଣରୁ ଏବେ ବି ରାତିରେ କପିଲଙ୍କୁ ଫୋନ୍ ଧରିବାକୁ ଦିଅନ୍ତିନି ଗିନ୍ନି ।

ନିକଟରେ ଏକ ସାକ୍ଷାତ୍କାରରେ କପିଲ ଏ ସଂପର୍କରେ କହିଛନ୍ତି । ସେ କହିଛନ୍ତି ଯେ ମଦ ପିଇବା ପରେ ଗିନ୍ନି ତାଙ୍କ ହାତରୁ ଫୋନ୍ ନେଇଯାନ୍ତି । କପିଲ ଆହୁରି ବି କହିଛନ୍ତି ଯେ 'ଏବେ ମୁଁ ସୋସିଆଲ୍ ମିଡିଆରେ ପୋଷ୍ଟ କରୁନି । ଆଗରୁ ବହୁତ କରୁଥିଲି । ଅଯଥା କଥାରେ ମୁଣ୍ଡ ପୂରେଇବାର ଅଭ୍ୟାସ ମୋର ବହୁତ ଥିଲା । ମୋତେ କେହି କିଛି ବି ବିଷୟରେ ମୋର ରାୟ ମାଗୁ ନଥିଲେ, ହେଲେ ମୁଁ ଉପରେ ପଡ଼ି ମୋର ବିଚାର ରଖୁଥିଲି । ମାତ୍ର ଏବେ ସେମିତି କରୁନି । ମୋର ପିଲା ହେଲେଣି । ପିଲାର ବାପା ହେବା ପରେ ଦାୟିତ୍ୱ ବଢ଼ିଯାଏ । କାଲି ଯେତେବେଳେ ମୋ ପିଲା ସୋସିଆଲ୍ ମିଡିଆରେ ମୋ ପୋଷ୍ଟ ପଢ଼ିବେ ତ ମୋ ବିଷୟରେ କ'ଣ ଭାବିବେ ?'



# ଯେଉଁସ୍ଥାନକୁ ଯାଇଥାଏ ପ୍ରଭୁ 'ରାମଙ୍କ ମନ୍ଦିର'କୁ ସାଥୀରେ ରଖିଥାଏ, ଓସ୍କାର ପୂର୍ବରୁ ବି ନେଇଥିଲି ଆର୍ଶୀବାଦ: ରାମ ଚରଣ

ମାର୍ଚ୍ଚ ୧୨ ତାରିଖରେ ୯୫ତମ ଓସ୍କାର ଆୱାର୍ଡ ହଲିଉଡର ଡଲ୍‌ବି ଥିଏଟରରେ ଆୟୋଜିତ ହୋଇଯାଇଛି । ୯୫ତମ 'ଏକାଡେମି ଆୱାର୍ଡସ୍'ରେ କମାଲ କରିଥିଲା ଭାରତ । ଭାରତୀୟ ଚଳଚ୍ଚିତ୍ର 'ଆରଆରଆର'ର 'ନାଟୁ ନାଟୁ' ଗୀତ ୯୫ତମ 'ଏକାଡେମି ଆୱାର୍ଡସ୍'ରେ 'ବେଷ୍ଟ ଅରିଜିନାଲ୍ ସଙ୍ଗ୍' ବର୍ଗରେ 'ଓସ୍କାର' ବିଜୟୀ ହୋଇଥିଲା । ଏଥିସହ ଏହି ବର୍ଗରେ ଓସ୍କାର ଲାଭ କରିବାରେ ପ୍ରଥମ ଭାରତୀୟ ଫିଚର ଫିଲ୍ମ ଭାବେ 'ଆରଆରଆର' ଇତିହାସ ସୃଷ୍ଟି କରିଛି । ଏହି ଓସ୍କାର ଉତ୍ସବରେ ସାମିଲ ହେବା ପାଇଁ ସାଉଥ ଷ୍ଟାର୍ ରାମ ଚରଣ ଓ୍ୱେଷ୍ଟର୍ଣ୍ଣ ବଦଳରେ ଇଣ୍ଡିଆନ୍ ଆଉଟ୍‌ଫିଟ୍ ପିନ୍ଧି ବିମାନ ବନ୍ଦରକୁ ଖାଲି ପାଦରେ ଚାଲିଚାଲି ଯାଇଥିବା ଦେଖିବାକୁ ମିଳିଥିଲା । ଆଉ ମଥାରେ ବିଭୂତି ମଧ୍ୟ ଲଗାଇଥିବା ନଜରକୁ ଆସିଥିଲା ।

ଏହି କ୍ରମରେ ଏକ ସାକ୍ଷାତକାରରେ ରାମ ଚରଣ କହିଛନ୍ତି, 'ମୁଁ ଯେଉଁ ସ୍ଥାନକୁ ବି ଯାଇଥାଏ ପ୍ରଭୁ 'ରାମଙ୍କ ମନ୍ଦିର'କୁ ସାଥୀରେ ନେଇ ଯାଇଥାଏ । ଏମିତି କି ଓସ୍କାର ଆୱାର୍ଡରେ ସାମିଲ ହେବା ପୂର୍ବରୁ ପ୍ରଭୁ ରାମଙ୍କ ପୂଜା କରିବା ସହିତ ଆର୍ଶୀବାଦ ନେଇଥିଲି । ମୋତେ ସର୍ବଦା ଧାର୍ମିକ କାମରେ ବ୍ୟସ୍ତ ରହିବାକୁ ଭଲ ଲାଗିଥାଏ ।'



# ରାଜନୀତିରେ ଯୋଗ ଦେବା ପ୍ରସଙ୍ଗରେ ମୁହଁ ଖୋଲିଲେ ସୋନୁ ସୁଦ

ବଲିଉଡ ଅଭିନେତା ସୋନୁ ସୁଦ ତାଙ୍କର ନୂଆ ଚଳଚ୍ଚିତ୍ର 'ଫତେହ'କୁ ନେଇ ଖୁବ ଚର୍ଚ୍ଚାରେ ଅଛନ୍ତି । ସୋନୁ ସୁଦ ଅଭିନେତା ହେବା ସହ ଜଣେ ଭଲ ଓ ଦୟାଳୁ ମଣିଷ ମଧ୍ୟ । ଇତିମଧ୍ୟରେ ସେ ଅନେକ ଲୋକଙ୍କୁ ସାହାଯ୍ୟ କରିବା ସହିତ ବହୁ ଲୋକଙ୍କ ସମସ୍ୟାର ସମାଧାନ ବି କରିଛନ୍ତି । ଲୋକେ ତାଙ୍କର ଏଭଳି କାମ ପାଇଁ ଦେବତା ଭଳି ବି ପୂଜା କରୁଛନ୍ତି ।

ଏହାକୁ ନେଇ ଅନେକଲୋକ ଅନୁମାନ କରୁଛନ୍ତି କି ସୋନୁ ବୋଧ ହୁଏ ରାଜନୀତିରେ ଯୋଗ ଦେବେ । ସମ୍ପ୍ରତି ସୋନୁ ଏହି ପ୍ରସଙ୍ଗରେ ନିଜର ପ୍ରତିକ୍ରିୟା ଦେଇ ସମସ୍ତଙ୍କ ମନରେ ଥିବା ପ୍ରଶ୍ନକୁ ସ୍ୱଷ୍ଟ କରି ଦେଇଛନ୍ତି । ସୋନୁ କହିଛନ୍ତି, 'ମୋତେ ଦୁଇଥର ରାଜ୍ୟ ସଭା ସାଂସଦ ପଦ ପାଇଁ ଅଫର ମିଳିଛି, କିନ୍ତୁ ମୁଁ ଏହାକୁ ଗ୍ରହଣ କରି ନାହିଁ । ସବୁଠାରୁ ବଡ଼ କଥା ହେଲା ଯେ ମୋତେ ଉପମୁଖ୍ୟମନ୍ତ୍ରୀ ପାଇଁ ବି ସୁଯୋଗ ମିଳିଥିଲା । ଏମିତି କେତେ ବଡ଼ବଡ଼ ପଦ ପାଇଁ ଅଫର ମିଳିଥିଲେ ହେଁ ମୋତେ ଏହା ଉତ୍ସାହିତ କରେ ନାହିଁ । ମୁଁ ନିଜ ପଥରେ ଆଗକୁ ବଢ଼ିବାକୁ ଚାହେଁ । କାହା ଅଧୀନରେ କାମ କରିବାକୁ ଇଚ୍ଛା ରଖେ ନାହିଁ ।' ସୋନୁ ସୁଦ ଶେଷଥର ପାଇଁ ଅକ୍ଷୟ କୁମାରଙ୍କ ସହ 'ସମ୍ରାଟ ପୃଥ୍ୱୀରାଜ'ରେ କାମ କରିଥିଲେ । ତେବେ ଏହି ଫିଲ୍ମଟି ବକ୍ସ ଅଫିସରେ ଚିତ ପଟାଙ୍ଗ ମାରିଥିଲା ।



# ମୋର ଅଡିସନ ନିଅ ପଛେ ମୋତେ କାମ ଦିଅ, ଦିନକୁ ୫୦ଟି ଅଡିସନ ଦେବାକୁ ମୁଁ ରାଜି: ଦିବ୍ୟା

ସବୁବେଳେ ନିଜ ରିୟାଲିଟି ସୋ' ଓ ବ୍ୟକ୍ତିଗତ ଜୀବନକୁ ନେଇ ଚର୍ଚ୍ଚାରେ ରହିଥାନ୍ତି ଅଭିନେତ୍ରୀ ଦିବ୍ୟା ଅଗ୍ରୱାଲ । ନିକଟରେ ସେ ପ୍ରେମିକ ବରୁଣ ସୁଦଙ୍କଠାରୁ ଅଲଗା ହୋଇ ବ୍ୟବସାୟୀ ଅପୂର୍ବ ପଡଗାଓଁକରଙ୍କ ସହ ନିର୍ବନ୍ଧ କରିଥିଲେ । ଏହାକୁ ନେଇ ତାଙ୍କୁ ଟ୍ରୋଲ କରାଯାଇଥିବା ବେଳେ ଏବେ ନିଜର ଏକ ଭିଡିଓକୁ ନେଇ ଚର୍ଚ୍ଚାରେ ଦିବ୍ୟା । ଦିବ୍ୟା ଅଗ୍ରୱାଲ ନିଜ ଇନଷ୍ଟାଗ୍ରାମକୁ ଯାଇ ଏକ ପୋଷ୍ଟ ସେୟାର କରିଛନ୍ତି ଯେଉଁଥିରେ ସେ ଫିଲ୍ମ ନିର୍ମାତା ଅନୁରାଗ କଶ୍ୟପଙ୍କୁ କାମ ମାଗିଥିବା ଦେଖାଯାଇଛି । କାମ ପାଇବା ପାଇଁ ସେ ଅଡିସନ ଦେବାକୁ ବି ରାଜିଥିବା କହିଛନ୍ତି । ଭିଡିଓ ସେୟାର କରି ସେ କହିଛନ୍ତି ଯେ, ଅନୁରାଗ ସାର ଏହା ଆପଣଙ୍କ ପାଇଁ ଏକ ଖୋଲା ଚିଠି । ୧୫ବର୍ଷ ହେଲାଣି ଏହି ଇଣ୍ଡଷ୍ଟ୍ରିରେ ଅଛି । ବହୁତ କାମ କରିଛି, କରୁଛି ଏବଂ ଆଗକୁ କରିବି ମଧ୍ୟ । ବହୁତ ଅଫର ମୋତେ ମିଳୁଛି । କିନ୍ତୁ ମୁଁ ଆପଣଙ୍କ ସହ କାମ କରିବାକୁ ଚାହେଁ । ମୁଁ ମୋ ସୋସିଆଲ ମିଡିଆ ଫଲୋୱର୍ସଙ୍କ ଜରିଆରେ ଆପଣଙ୍କ ପାଖକୁ ଏ ଭିଡିଓ ପହଞ୍ଚାଇବାକୁ ଚାହେଁ । ମୋ ଉପରେ ଦୟା କରି ମୋତେ କାମ ଦିଅନ୍ତୁ ବୋଲି ମୁଁ କହୁନି । ଆପଣ ମୋର ଅଡିସନ ନିଅନ୍ତୁ । ଦିନକୁ ଯେତେ ଅଡିସନ ଦେବାକୁ କହିଲେ ଦେବି । ମୋତେ ଏଭଳି କାମ ମାଗିବାକୁ ଜମା ବି ଲାଜ ଲାଗୁନାହିଁ । ମୁଁ ଆପଣଙ୍କ ସହ କାମ କରିବାକୁ ଚାହେଁ ।

# ବିଶ୍ୱସ୍ତରୀୟ ଏସ୍‌ସିବି ନିର୍ମାଣ କାର୍ଯ୍ୟ ଧିମା: ନିର୍ମାଣକାରୀ ସଂସ୍ଥା ଉପରେ ୧୫ କୋଟି ଟଙ୍କା ଜରିମାନା




କଟକ , ୧୬/୦୩ (ନି.ପ୍ର) : କଟକ ବଡ଼ ଡାକ୍ତରଖାନାକୁ ବିଶ୍ୱସ୍ତରୀୟ କରିବା ପାଇଁ ଚାଲିଥିବା ନିର୍ମାଣ କାର୍ଯ୍ୟ ୨୦୨୩ ଶେଷ ସୁଦ୍ଧା ସାରିବାକୁ ଲକ୍ଷ୍ୟଧାର୍ଯ୍ୟ ହୋଇଛି । କିନ୍ତୁ ବାରମ୍ବାର ସମୀକ୍ଷା ପରେ ବି ଯେଉଁଭଳି ଢଙ୍ଗରେ କାମ ଆଗେଇବା କଥା ତାହା ଆଗେଇ ପାରୁନି । ଅର୍ଥାତ୍ ବର୍ତ୍ତମାନ ସୁଦ୍ଧା ମାତ୍ର ୬/୭ ପ୍ରତିଶତ କାମ ଶେଷ ହୋଇଛି । ଏଭଳି ଧିମା କାମ ପାଇଁ ନିର୍ମାଣକାରୀ ସଂସ୍ଥା ଉପରେ ତିନୋଟି ପର୍ଯ୍ୟାୟରେ ୧୫ କୋଟି ଟଙ୍କାର ଜରିମାନା ଲାଗୁ କରାଯାଇଥିବା ଜଣାପଡିଛି । ଧାର୍ଯ୍ୟ ସମୟସୀମା ମଧ୍ୟରେ ଯେତିକି କାର୍ଯ୍ୟ ହେବା କଥା ତା ନହେବା ଫଳରେ ଏହି ଜରିମାନା କରା ଯାଇଥିବା ଜଣାପଡିଛି ।

ସୂଚନା ଅନୁଯାୟୀ ବିଶ୍ୱସ୍ତରୀୟ ଏସ୍‌ସିବି ନିର୍ମାଣ କାର୍ଯ୍ୟକୁ କ୍ଲିନିକାଲ ବ୍ଲକ୍ ଓ ରେସିଡେନ୍‌ସିଆଲ୍ ବ୍ଲକ୍, ଏଭଳି ଦୁଇଟି ଭାଗରେ ବିଭକ୍ତ କରାଯାଇଛି । ମୋଟ ୪୫ଏକର ସ୍ଥାନରେ ୨୬୩୬ କୋଟି ଟଙ୍କା ବ୍ୟୟରେ କ୍ଲିନିକାଲ ବ୍ଲକ୍ ଓ ୮୮୮କୋଟି ଟଙ୍କା ବ୍ୟୟରେ ରେସିଡେନ୍‌ସିଆଲ୍ ବ୍ଲକ୍ ତିଆରି ହେଉଛି । ଏଥିପାଇଁ ୧୩ଟି ଟାୱାର ଜି+୧୨କୋଠା ନିର୍ମାଣର ଯୋଜନା ରହିଛି । ଓବିସିସି ତତ୍ତ୍ୱାବଧାନରେ ଏହି ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ଏଲ୍ ଆଣ୍ଡ ଟି କ୍ଲିନିକାଲ୍ ବ୍ଲକ ଓ ନାଗାର୍ଜୁନ ରେସିଡେନ୍ସିଆଲ୍ ବ୍ଲକ୍ ନିର୍ମାଣ କାର୍ଯ୍ୟ କରୁଛି । କିନ୍ତୁ କାମ ଯେଉଁଭଳି ଆଗେଇବା କଥା ତାହା ହୋଇପାରୁନି । ଧାର୍ଯ୍ୟ ସମୟସୀମା ମଧ୍ୟରେ କେତେ କାମ କରାଯିବ, ସେ ନେଇ ନିର୍ମାଣକାରୀ ସଂସ୍ଥାକୁ ଟାର୍ଗେଟ ଦିଆଯାଇଛି । ଯଦି ସେହି ଟାର୍ଗେଟ ମଧ୍ୟରେ ସଂସ୍ଥା କାମ ନକରେ ତେବେ ସଂସ୍ଥା ଉପରେ ୫ କୋଟି ଟଙ୍କାର ଜରିମାନା ଲାଗୁ ହେବ । ଯଦି ପରବର୍ତ୍ତୀ ସମୟରେ ନିର୍ମାଣକାରୀ ସଂସ୍ଥା ଯେତିକି କାମ ହେବା କଥା ତାଠାରୁ ଅଧିକ କାମ କରାଇ ନିଏ ତାହେଲେ ତା ଉପରୁ ଜରିମାନା ଛାଡ କରାଯିବ । କିନ୍ତୁ ତିନୋଟି ପର୍ଯ୍ୟାୟରେ ଧାର୍ଯ୍ୟ ଲକ୍ଷ୍ୟ ପୂରଣ କରିବାରେ ଦୁଇଟି ଯାକ ଠିକା ସଂସ୍ଥା ବିଫଳ ହୋଇଥିବାରୁ ୧୫ କୋଟି ଟଙ୍କା ଜରିମାନା ଲାଗୁ କରାଯାଇଛି ।

# ବିଦେଶକୁ ରପ୍ତାନି ହୋଇଛି ୯୭୫ କେଜି ମିଲେଟ



ଭୁବନେଶ୍ୱର , ୧୬/୦୩ (ନି.ପ୍ର): ଚଳିତବର୍ଷ ପୂର୍ବ ଭାରତର ପ୍ରଥମ ରାଜ୍ୟ ଭାବେ ଓଡ଼ିଶାରୁ ୯୭୫ କେ.ଜି ମିଲେଟ ଦୁବାଇ ଓ ୟୁଏଇକୁ ଏପିଇଡିଏ(କୃଷି ଏବଂ ଖାଦ୍ୟ ପ୍ରକ୍ରିୟାକରଣ ରପ୍ତାନି ବିକାଶ କର୍ତ୍ତୃପକ୍ଷ) ମାଧ୍ୟମରେ ରପ୍ତାନି କରାଯାଇଛି । ୨୦୧୮-୧୯ ମସିହାରୁ ଚାଷୀମାନଙ୍କଠାରୁ ଉତ୍ପାଦିତ ହେଉଥିବା ମାଣ୍ଡିଆକୁ ଆଦିବାସୀ ଉନ୍ନୟନ ସମବାୟ ନିଗମ ଓଡ଼ିଶା(ଟିଡିସିସି) ମାଧ୍ୟମରେ ସର୍ବନିମ୍ନ ସହାୟକ ମୂଲ୍ୟରେ କ୍ରୟ କରାଯିବାର ବ୍ୟବସ୍ଥା ରହିଥିବା ସୂଚନା ଦେଇଛନ୍ତି କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ।

ବିଧାୟକ ସୌମ୍ୟରଂଜନ ପଟ୍ଟନାୟକଙ୍କ ଏକ ପ୍ରଶ୍ନର ଉତ୍ତରରେ ଶ୍ରୀ ସ୍ୱାଇଁ କହିଛନ୍ତି ଯେ ୨୦୧୭ ମସିହାରୁ ରାଜ୍ୟରେ ଓଡ଼ିଶା ମିଲେଟ ମିସନ କାର୍ଯ୍ୟକାରୀ ହେଉଛି । ଏହି ଯୋଜନାରେ ହେକ୍ଟର ପ୍ରତି ମାଣ୍ଡିଆ ଜାତୀୟ ଶସ୍ୟ ଉତ୍ପାଦନ ପାଇଁ ଚାଷୀମାନଙ୍କୁ ୩ବର୍ଷ ପର୍ଯ୍ୟନ୍ତ ଡିବିଟି ମାଧ୍ୟମରେ ବିଭିନ୍ନ ପ୍ରୋତ୍ସାହନ ରାଶି ପ୍ରଦାନ କରିବାର ସୁବିଧା ରହିଛି । ଏହି ସୁଯୋଗ ପ୍ରତ୍ୟେକ ଚାଷୀ ସର୍ବାଧିକ ୨ ହେକ୍ଟର ମାଣ୍ଡିଆ ଜାତୀୟ ଶସ୍ୟ ଚାଷ ପାଇଁ ପାଇପାରିବେ । ୨୦୧୭-୧୮ରୁ ୨୦୨୧-୨୨ ପର୍ଯ୍ୟନ୍ତ ଚାଷୀମାନଙ୍କୁ ପ୍ରୋତ୍ସାହନ ରାଶି ବାବଦରେ ୬୩୧୩,୦୨ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି । ୨୦୨୨-୨୩ ବର୍ଷଠାରୁ ଏହି ପ୍ରୋତ୍ସାହନ ରାଶିକୁ ବୃଦ୍ଧି କରାଯିବାର ବ୍ୟବସ୍ଥା କରାଯାଇଛି । ୨୦୨୧-୨୨ ମସିହାରେ ୧୫୬.୦୬ ମେଟ୍ରିକ୍ ଟନ୍ ମାଣ୍ଡିଆ ଉତ୍ପାଦନ ହୋଇଛି । ୨୦୧୮-୧୯ରେ ୧୭,୯୮୫ କ୍ୱିଣ୍ଟାଲ, ୨୦୧୯-୨୦ରେ ୯୪,୭୪୫, ୨୦୨୦-୨୧ରେ ୨,୦୩,୮୪୩, ୨୦୨୧-୨୨ରେ ୩,୨୩,୦୧୯ ଓ ୨୦୨୨-୨୩ରେ ୩,୮୫,୧୭୩ କ୍ୱିଣ୍ଟାଲ ମାଣ୍ଡିଆ କିଣାଯାଇଥିବା ବେଳେ ଏହାକୁ ୩୭,୫୭୦ କୃଷକ ବିକ୍ରି କରିଛନ୍ତି । ଚାଷୀଙ୍କ ଆୟବୃଦ୍ଧି ସଂପର୍କରେ ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ର ଦ୍ୱାରା ଏକ କ୍ଷେତ୍ରସ୍ତରୀୟ ମୂଲ୍ୟାଙ୍କନ(ମିଡ ଟର୍ମ ଇଭାଲ୍ୟୁସନ୍) କରାଯାଇଛି । ପୁଷ୍ଟିଶସ୍ୟର ଚାଷ ଦ୍ୱାରା ୨୦୧୬-୧୭ ମୂଳବର୍ଷ ତୁଳନାରେ ଚାଷୀଙ୍କ ଆୟ ୯୪୩ ଟଙ୍କାରୁ ୨୦୨୧-୨୨ ମଧ୍ୟରେ ୧୩୦୪୨ ଟଙ୍କାକୁ ବୃଦ୍ଧି ପାଇଛି ।

# ମହିଳାମାନଙ୍କୁ ବସ୍ତ୍ର ବଂଟନ

ପୁରୀ, ୧୬/୦୩ (ନି.ପ୍ର): ବୁଧୁବାର ଦିନ ଶ୍ରୀକ୍ଷେତ୍ର କଲୋନୀ ଠାରେ ଦିବା ଆଠ ଘଟିକା ସମୟରେ କିରଣଜ୍ୟୋତି ସଙ୍ଗୀତ ପରିଷଦ, ପୁରୀ ଓ ସେଂଟ ଜୋନ୍ ଜଗ୍ମାନାଥ ଧାମ ଆମ୍ବୁଲାନ୍ସ ଡ଼ିଭିଜନ ପୁରୀର ମିଳିତ ଆନୁକୂଲ୍ୟରେ ମହିଳା ମାନଙ୍କୁ ବସ୍ତ୍ର ବଂଟନ କରାଯାଇଥିଲା । କିରନ ଜ୍ୟୋତି ସଙ୍ଗୀତ ପରିଷଦ ପ୍ରତିଷ୍ଠାତା ନାରାୟଣ ଚନ୍ଦ୍ର ସିହ୍ନାଙ୍କ ତତ୍ତ୍ୱାବଧାନରେ ପାୟ ଏକଶହ ଉର୍ଦ୍ଧ ନାରୀ ଜ୍ୟୋତି ଆଞ୍ଚଳିକ ମହିଳା ମହାସଙ୍ଘର ସଦସ୍ୟମାନଙ୍କୁ ବସ୍ତ୍ର ବଂଟନ କରାଯାଇଥିଲା । ସୂଚନାଥାଉକି ମା'ଦକ୍ଷିଣକାଳୀଙ୍କ ଲାଗି ହୋଇଥିବା ବସ୍ତ ସେବକ ଜଗନ୍ନାଥ ପଣ୍ଡା ପଦକ୍ଷନ କରିଥିଲେ । ଚୈତ୍ର ମାସରେ ମକ୍ଷଙ୍କର ବସ୍ତ ଗୁଡ଼ିକୁ ଆଶ୍ରୀବଚନ ଭାବି ସମସ୍ତ ସଦସ୍ୟ ଆନନ୍ଦରେ ଗ୍ରହଣ କରିଥିଲେ ।

## ୯ ଦଫା ଦାବି ନେଇ ଜୟପୁର ଡ୍ରାଇଭରଙ୍କ ଧାରଣା

ଜୟପୁର, ୧୬/୦୩ (ନି.ପ୍ର): ଓଡିଶା ଡ୍ରାଇଭର ମହାଂଘର ଡାକରା କ୍ରମେ ଜୟପୁର ର ପ୍ରବେଶ ପଥ ଗେଟଗୁଡା ଠାରେ ଡ୍ରାଇଭରଙ୍କ ଧାରଣା ବିକ୍ଷୋଭ ଜାରିରହିଛି । ଜୟପୁର ମୋଟର କର୍ମଚାରି ସଂଘ ସଦସ୍ୟ ମାନେ ରାଜ୍ୟର ଡ୍ରାଇଭର ମାନଙ୍କ ସୁରକ୍ଷା, ସମ୍ମାନ ଓ ଅଧିକାର ପାଇ ଧାରଣା ବିକ୍ଷୋଭ କରି ୧୫ ତାରିଖ ଠାରୁ ଷ୍ଟେରିଙ୍ଗ ଛାଡ ଆନ୍ଦୋଳନ ଜାରି ରଖିଛନ୍ତି । ବିଭିନ୍ନ ଡ୍ରାଇଭର ସଂଗଠନ ତରଫରୁ ବିଭିନ୍ନ ସମୟରେ ଏବଂ ବିଭିନ୍ନ ଉପାୟରେ ଡ୍ରାଇଭର ମାନଙ୍କର ବିଭିନ୍ନ ସମସ୍ୟା ବିଷୟରେ ସରକାରଙ୍କୁ ଅବଗତ କରାଯାଉଛି । କିନ୍ତୁ ସରକାର ଭିନ୍ନ ଭିନ୍ନ ପ୍ରତିଶ୍ରୁତି ଏବଂ ଭିନ୍ନ ଭିନ୍ନ ଆଳ ଦେଖାଇ ଦାବି ପୁରଣ କରୁ ନାହାଁନ୍ତି । ତେଣୁ ରାଜ୍ୟ ସରକାର ୯ ଦଫା ଦାବି ପୂରଣ ନହେବା ଯାଏ ଆନ୍ଦୋଳନ ତୀବ୍ର ହେବ ବୋଲି ସଂଘ ତରଫରୁ ସୂଚନା ଦିଆଯାଇଛି । ଉକ୍ତ ଦାବି ଗୁଡିକ ହେଲା ଦୁର୍ଘଟଣାରେ ପ୍ରାଣ ହରାଇଥିବା ଡ୍ରାଇଭର ମାନଙ୍କ ପାଇଁ ୨୦ ଲକ୍ଷ ଟଙ୍କା ବୀମା ରାଶି ଏବଂ ଦୁର୍ଘଟଣାରେ ଆକର୍ମଣ୍ୟ ଡ୍ରାଇଭର ମାନଙ୍କୁ ୧୦ ଲକ୍ଷ ଟଙ୍କାର ବୀମା ରାଶି ସହିତ ଦୁର୍ଘଟଣାରେ ଚିକିତ୍ସା ପାଇଁ ଡ୍ରାଇଭରଙ୍କୁ ୫ ଲକ୍ଷ ଟଙ୍କା ପଯ୍ୟନ୍ତ ଚିକିତ୍ସା ବୀମା ଯୋଗାଇ ଦିଆଯାଉ, ୫୫ ବର୍ଷ ପରେ ପେନସନ ଦିଆଯାଉ, ଜନ ସାଧାରଣଙ୍କ ଆକ୍ରସରେ ଶିକାର ହେଉଥିବା ଡ୍ରାଇଭର ସମାଜର ସୁରକ୍ଷା ପାଇ ଏକ ସ୍ୱତନ୍ତ୍ର ଆଇନ ତିଆରି କରାଯାଉ, ଗାଡି ଗୁଡିକ ପାର୍କି ଏବଂ ଏବଂ ଡ୍ରାଇଭର ମାନଙ୍କ ବିଶ୍ରାମ ନେବା ପାଇଁ ପାର୍କି ସହିତ ବିଶ୍ରାମାଗାର ଏବଂ ଶୌଚାଳୟର ବ୍ୟବସ୍ଥା ପ୍ରତି ଶହେ ମିଟର ଅନ୍ତରରେ କରାଯାଉ, ରାଜ ରାସ୍ତା ଉପରେ ପ୍ରଶାସନ ପକ୍ଷରୁ ଡ୍ରାଇଭର ମାନଙ୍କୁ ହଇରାଣ କରାନଯାଉ , ଡ୍ରାଇଭର ମାନଙ୍କୁ ଆବାସ ଯୋଜନାରେ ୫ ଲକ୍ଷ ଟଙ୍କା ପ୍ରଦାନ କରାଯାଉ ଆଦି ଦାବି ରହିଛି ।

## ଷାଠିଏ ଘର ଡୁମାଲ ସମାଜର ଆଂଚଳିକ ମହାସଭା

ବଲାଙ୍ଗୀର, ୧୬/୦୩ (ନି.ପ୍ର): ଷାଠିଏ ଘର ଡୁମାଲ ସମାଜର ଆଂଚଳିକ ମହାସଭା ବ୍ରାହ୍ମଣୀଡୁଙ୍ଗୁରୀ କେନ୍ଦ୍ର ଠାରେ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ମହାସଭାରେ ବଲାଙ୍ଗିର ଜିଲ୍ଲା ସଭାପତି ଲମ୍ବୋଦର ମହାକୁର ମୁଖ୍ୟଅତିଥି ତଥା ସମ୍ମାନିତ ଅତିଥି ଭାବେ ବିଭିନ୍ନ କେନ୍ଦ୍ରରୁ ଆସିଥିବା ସଭାପତି, ସମ୍ପାଦକ ଏବଂ ବଲାଙ୍ଗୀର ଜିଲ୍ଲା କମିଟିର ସଦସ୍ୟ ବୃନ୍ଦ ଉପସ୍ଥିତ ଥିଲେ । କେନ୍ଦ୍ର ସଭାପତି ଭୃଷୁବ ଦନ୍ତାଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ପରିଚାଳନାରେ ଆଶିଷ କୁମାର କ୍ଷେତି, ନରୋତମ ଖମାରୀ, ତରଣୀସେନ ମେର୍ଲ, ଉଗ୍ରସେନ ପଧାନ, ଅଶ୍ୱିନୀ କୁମାର କ୍ଷେତି, ପ୍ରହଲ୍ଲାଦ ମେର୍ଲ, ମହାଦେବ ମେର୍ଲ, ନୀତୁ ଖମାରୀ ପ୍ରମୁଖ ସହଯୋଗ କରିଥିଲେ । ଆଂଚଳିକ ମହାସଭାରେ ମଂଚାସିନ ଅତିଥି ତଥା ବିଭିନ୍ନ ପ୍ରାନ୍ତରୁ ଆସିଥିବା ଶତାଧିକ, ଜାତିଗଙ୍ଗାଙ୍କ ଉପସ୍ଥିତିରେ ସାମାଜିକ ରୀତିନିତି, ପିଠାଖିଆ, କମ୍ ବୟସରେ ବିବାହ ଏବଂ ସଂସ୍କୃତି, ପରମ୍ପରା ଭଳି ଅତି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା ।

# ଜଙ୍ଗଲ ଜାଳୁଛି ଅବୈଧ ମକା ଚାଷ



ନବରଙ୍ଗପୁର , ୧୬/୦୩ (ନି.ପ୍ର): ନବରଙ୍ଗପୁର ଜିଲ୍ଲାରେ ମାଡ଼ି ଚାଲିଛି ଜଙ୍ଗଲ ନିଆଁ । ଗତ ଅଢ଼େଇ ମାସରେ ୧୨୦୦ ସ୍ଥାନରେ ଲାଗିସାରିଲାଣି ନିଆଁ । ଯଦି ଗତବର୍ଷ ସହ ତୁଳନା କରାଯାଏ, ତେବେ ଜାନୁଆରିରୁ ମେ ମାସ ମଧ୍ୟରେ ୧୫୭୮ଟି ସ୍ଥାନରେ ବନାଗ୍ନି ଚିହ୍ନଟ ହୋଇଥିଲା । ଚଳିତବର୍ଷ ମାର୍ଚ୍ଚ ମାସ ଶେଷ ହୋଇ ନଥିବାରୁ ବ୍ୟାପକ ଜଙ୍ଗଲ କ୍ଷତିଗ୍ରସ୍ତ ହେବ ବୋଲି ଆକଳନ କରାଯାଉଛି । ଅନ୍ୟପଟେ ଅନୁସନ୍ଧାନରୁ ଯେଉଁ ତଥ୍ୟ ସାମ୍ନାକୁ ଆସୁଛି ତାହା ଅତି ସାଂଘାତିକ । ମକା ଚାଷ ପାଇଁ ଜଙ୍ଗଲ ଜମିରେ ନିଆଁ ଲଗାଇ ଦେଉଥିବା ପ୍ରମାଣ ମିଳିଛି । କାରଣ ଚଳିତବର୍ଷ ଯେଉଁ ପରିମାଣର ଜଙ୍ଗଲରେ ନିଆଁ ଲାଗିଛି, ତାହାର ୮୦ପ୍ରତିଶତ କେବଳ ମକା ଚାଷ ପାଇଁ ନିଆଁ ଲଗାଇ ଦିଆଯାଇଛି ।

ସରକାରୀ ରେକର୍ଡ ଅନୁସାରେ, ଜିଲ୍ଲାର ୧୭ହଜାର ହେକ୍ଟର ଜଙ୍ଗଲ ଜମି ଏବେ ଜବରଦଖଲରେ ରହିଛି । ବେସରକାରୀ ଭାବେ ଜଙ୍ଗଲ ଜମି ଜବରଦଖଲ ପରିମାଣ ପ୍ରାୟ ୨୦ ହଜାର ହେକ୍ଟର ହେବ । ବେଆଇନ ଦଖଲରେ ଅଙ୍କୁଶ ଲାଗୁନଥିବା କାରଣରୁ ପ୍ରତିବର୍ଷ ଜଙ୍ଗଲ ଜମି ଜବରଦଖଲ ବଢୁଛି । ଯେଉଁଥିରେ ରାଜନେତା ତଥା ପ୍ରଭାବଶାଳୀ ବ୍ୟକ୍ତିଙ୍କ ସିଧାସଳଖ ସଂପୃକ୍ତି ରହୁଥିବାରୁ ବନ ବିଭାଗ କିମ୍ବା ପ୍ରଶାସନ ମଧ୍ୟ ବିଶେଷ ତତ୍ପରତା ଦେଖାଉନାହାନ୍ତି । ଦଖଲରେ ରହିଥିବା ଜଙ୍ଗଲ ଜମିରେ କେବଳ ମକା ଚାଷ ହିଁ ହେଉଛି । ପ୍ରଥମବର୍ଷ ଚାଷ କରିବା ସମୟରେ କୌଣସି ପ୍ରକାର ବିରୋଧ କିମ୍ବା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ପରବର୍ଷକୁ ଆଖପାଖ ଜଙ୍ଗଲକୁ ପୋଡ଼ି ଦିଆଯାଉଛି । ମାଟି ସମତୁଲ କରି ସେଥିରେ ପୁଣି ମକା ଚାଷ କରାଯାଉଛି । ଏବେ ଏହି ମକାଚାଷ ହିଁ ଜଙ୍ଗଲ ନିଆଁର କାରଣ ପାଲଟିଛି ।

ପରିସଂଖ୍ୟାନ ଅନୁଯାୟୀ, ଅଢ଼େଇ ମାସ ମଧ୍ୟରେ ଜିଲ୍ଲାର ୬ଟି ରେଞ୍ଜ୍ ମଧ୍ୟରୁ ଝରିଗାଁ ରେଞ୍ଜ୍‌ରେ ସର୍ବାଧିକ ବନାଗ୍ନି ରେକର୍ଡ କରାଯାଇଛି । ଝରିଗାଁ ରେଞ୍ଜ୍‌ରେ ୫୬୩ ସ୍ଥାନରେ ଚିହ୍ନଟ ହୋଇଥିବା ବେଳେ ରାଇଘର ରେଞ୍ଜ୍‌ରେ ୨୭୮, ଉମରକୋଟ ରେଞ୍ଜ୍‌ରେ ୨୯୯, ନବରଙ୍ଗପୁରରେ ୮୧, କୋଡ଼ିଙ୍ଗାରେ ୧୧ ଓ ଡାବୁଗାଁ ରେଞ୍ଜ୍‌ରେ ୬୪ ସ୍ଥାନରେ ବନାଗ୍ନି ଚିହ୍ନଟ ହୋଇଛି । ଚିହ୍ନଟ ହୋଇଥିବା ମୋଟ ୧୧୯୬ ବନାଗ୍ନି ମଧ୍ୟରୁ ୧୦୬୦ଟି କେବଳ ମକା ଫସଲରୁ ଲାଗିଥିବା ଜଣାପଡ଼ିଛି । ଯାହାକି ମୋଟ ବନାଗ୍ନିର ପ୍ରାୟ ୮୦ ପ୍ରତିଶତ ହେବ ।

ଉଲ୍ଲେଖଯୋଗ୍ୟ ଯେ ଗତମାସ ହୋଇଥିବା ବନାଗ୍ନି ସର୍ଭେରେ ନବରଙ୍ଗପୁର ଜିଲ୍ଲା ରାଜ୍ୟରେ ପ୍ରଥମ ସ୍ଥାନରେ ରହିଥିଲା । ତେବେ, କିଛି ଅଞ୍ଚଳରେ ନିଆଁ ଭିଲିବା ଯୋଗୁ ବର୍ତ୍ତମାନ ଚତୁର୍ଥ ସ୍ଥାନକୁ ଖସିଆସିଛି ।

# ବିଶ୍ୱ ଉପଭୋକ୍ତା ଅଧିକାର ଦିବସ ପାଳିତ

ପୁରୀ , ୧୬/୦୩ (ନି.ପ୍ର): ପ୍ରତ୍ୟେକ ବ୍ୟକ୍ତି ଜଣେ ଜଣେ ଉପଭୋକ୍ତା । ତେଣୁ ପ୍ରତ୍ୟେକ ଉପଭୋକ୍ତା ନିଜ ଅଧିକାର, ଦାୟିତ୍ୱ ଓ କର୍ତ୍ତବ୍ୟ ପ୍ରତି ସଚେତନ ହେବା ଉଚିତ ବୋଲି କହିଛନ୍ତି ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ପ୍ରଦୀପ କୁମାର ସାହୁ ।ଆଜି ପୂର୍ବାହ୍ନରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ମାପ ଓ ଓଜନ ବିଭାଗ ଆନୁକୂଲ୍ୟରେ ଏବଂ ସାମାଜିକ ଅନୁଷ୍ଠାନ ନିହିତାର ସହଯୋଗ ରେ ସର୍କିଟ ହାଉସ ଠାରେ ବିଶ୍ୱ ଉପଭୋକ୍ତା ଅଧିକାର ଦିବସ ପାଳିତ ହୋଇଥିଲା ।ଏଥିରେ ଅଧ୍ୟକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସାହୁ ସଚେତନତା ହିଁ ସତର୍କତା ଓ ସୁରକ୍ଷା ।ତେଣୁ ସମସ୍ତ ଖାଉଟି ମାନେ ଯେ କୌଣସି ଦ୍ରବ୍ୟ କ୍ରୟ କରିବା ବେଳେ ତାହାର ଗୁଣବତ୍ତା, ଦାମ୍,ଅବଧି,ଓଜନ ଇତ୍ୟାଦି କୁ ସଠିକ ଭାବେ ଅନୁଧ୍ୟାନ କରିବା ଉଚିତ । ଯୋଗାଣ ବିଭାଗ, ମାପ ଓ ଓଜନ ଇତ୍ୟାଦି ବିଭାଗ ମାନେ ନିୟମିତ ଦ୍ରବ୍ୟ ର ମାନ ଓ ଓଜନ ସମ୍ପର୍କରେ ଧରପଗଡ କରିବା ସହ ଖାଉଟି ମାନଙ୍କୁ ସଚେତନ କରାଇବାକୁ ସେ ପରାମର୍ଶ ଦେଇଥିଲେ । ବର୍ତ୍ତମାନ ସମୟରେ ଠକାମୀ କରୁଥିବା ଲୋକ ମାନଙ୍କ ସଂଖ୍ୟା ଓ କୌଶଳ ବୃଦ୍ଧି ପାଉଛି । ତେଣୁ ଆମେ ପ୍ରତ୍ୟେକ ସତର୍କ ରହିବା ସହ ଆଇନ ସହାୟତା ନେଇ ଉପଭୋକ୍ତାର ସୁରକ୍ଷାକୁ ସୁରକ୍ଷିତ ରଖିବାକୁ ମତ ଦେଇଥିଲେ ।ବରିଷ୍ଠ ଆଇନଜୀବୀ ବିଜୟାନନ୍ଦ ମିଶ୍ର ଉପଭୋକ୍ତା ସୁରକ୍ଷା ଆଇନ,ଆଇନ ରେ ସହାୟତା ବ୍ୟବସ୍ଥା ଓ ଖାଉଟି ର ଦାୟିତ୍ୱ ସମ୍ପର୍କରେ ଆହ୍ୱାନ ଦେଇଥିଲେ ।ଜିଲ୍ଲା ଯୋଗାଣ ଅଧିକାରୀ ସୁବୋଧ ହୋତା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ମାପ ଓ ଓଜନ ବିଭାଗର ଉପନିୟନ୍ତ୍ରକ ପ୍ରଗତି ନାୟକ ପ୍ରତ୍ୟେକ ଦିନ ଉପଭୋକ୍ତା ଦିବସ ।ତେଣୁ ଉପଭୋକ୍ତା ନିଜ ନିଜ ପରିସରରେ ବ୍ୟାପକ ସଚେତନ ହେବା ସହ ନିଜ ଅଧିକାରର ସୁରକ୍ଷା ପାଇଁ ଆଗଭର ହେବାକୁ ଅନୁରୋଧ କରିଥିଲେ ।କୋଣାର୍କ ଏନ ଏ ସି ର ଅଧ୍ୟକ୍ଷା ସଂଯୁକ୍ତା ତ୍ରିପାଠୀ, ଡେଲାଙ୍ଗ ବ୍ଲକ ଅଧ୍ୟକ୍ଷା ବାସନ୍ତୀ ସାହୁ, କାକଟପୁର ବ୍ଲକ ଅଧ୍ୟକ୍ଷ ଶ୍ରୀଧର ନାୟକ, ଗୋପ ବ୍ଲକ ଅଧ୍ୟକ୍ଷା ଝୁନୁ ମଲ୍ଲିକ ଖାଉଟି କଲ୍ୟାଣ ପାଇଁ ସମସ୍ତ ଙ୍କ ର ଦାୟିତ୍ୱ ରହିଛି ବୋଲି କହିବା ସହ ବ୍ଲକ ଓ ପଞ୍ଚାୟତ ସ୍ତରରେ ଏହିଭଳି ସଚେତନତା କର୍ମଶାଳା ଆୟୋଜନ କରିବାକୁ ଅନୁରୋଧ କରିଥିଲେ ।

# ଝାରସୁଗୁଡ଼ା ଜିଲ୍ଲାସ୍ତରୀୟ ଯୁବ ଉତ୍ସବ

ଝାରସୁଗୁଡ଼ା, ୧୬/୦୩ (ନି.ପ୍ର): ଝାରସୁଗୁଡ଼ା ଜିଲ୍ଲାସ୍ତରୀୟ ଯୁବ ଉତ୍ସବ ଉଦଯାପିତ ହୋଇଯାଇଛି । ଝାରସୁଗୁଡ଼ା ମହିଳା ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଏହି ଦିନିକିଆ କାର୍ଯ୍ୟକ୍ରମରେ ଜିଲ୍ଲାର ମୋଟ ୪୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମରେ ଚିତ୍ରାଙ୍କନ, କବିତା ଲିଖନ, ମୋବାଇଲ ଫଟୋଗ୍ରାଫି, ବକ୍ତୃତା ଓ ଲୋକନୃତ୍ୟ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଫଟୋଗ୍ରାଫିରେ ବେଲପାହାଡ଼ ମହାବିଦ୍ୟାଳୟ ଛାତ୍ର ସ୍ୱସ୍ତିକ ପୁରୋହିତ ପ୍ରଥମ, ମହିଳା ମହାବିଦ୍ୟାଳୟର ରୋସନ ପଦର ଦ୍ୱିତୀୟ ଓ ସୁମି ବେହେରା ତୃତୀୟ ସ୍ଥାନ ହାସଲ କରିଥିଲେ । ବକ୍ତୃତା ପ୍ରତିଯୋଗିତାରେ ବ୍ରଜରାଜନଗର ମହାବିଦ୍ୟାଳୟର ସୁମିତ ଗୁପ୍ତା ପ୍ରଥମ,ମହିଳା ମହାବିଦ୍ୟାଳୟର ସାନା ଖାନ୍ ଦ୍ୱିତୀୟ ଓ ସ୍ୱାଗତିକା ସାହୁ ତୃତୀୟ ସ୍ଥାନ ହାସଲ କରିଥିଲେ । ଲୋକନୃତ୍ୟ ପ୍ରତିଯୋଗିତାରେ ସରକାରୀ ମହିଳା ମହାବିଦ୍ୟାଳୟର କ୍ରିଷ୍ଣା ଛାତ୍ରୀ ନିବାସ ପ୍ରଥମ, ସରସ୍ୱତୀ ଛାତ୍ରୀ ନିବାସ ଦ୍ୱିତୀୟ ଓ ବ୍ରଜରାଜନଗର କଲେଜ ତୃତୀୟ ସ୍ଥାନ ହାସଲ କରିଥିଲେ । ଚିତ୍ରାଙ୍କନରେ ପ୍ରଗତି ମେହେର ପ୍ରଥମ, ସୋନିଆ କୁସୁରା ଦ୍ୱିତୀୟ ଓ ଉପହାର ନାଏକ ତୃତୀୟ ସ୍ଥାନ ହାସଲ କରିଥିବା ବେଳେ କବିତା ଲିଖନରେ ସୌମ୍ୟ କାର୍ତ୍ତା, ଫୋଜିଆ ଫିରଦୌସି ଓ ଖୁସି ମିତ୍ର ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିଲେ । ଝାରସୁଗୁଡ଼ା ଅତିରିକ୍ତ ଜିଲ୍ଲାପାଳ ପ୍ରବୀର କୁମାର ନାୟକ ମୁଖ୍ୟଅତିଥି ଭାବରେ ଯୋଗଦେଇ ଦେଶ ଗଠନରେ ଯୁବ ସମାଜର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିବା ସହ ଦେଶ ପ୍ରଗତି ପାଇଁ ଯୁବ ସମାଜ ନିଷ୍ଠା ଓ ଆନ୍ତରିକତା ପ୍ରଦର୍ଶନ ପାଇଁ ଆହ୍ୱାନ ଦେଇଥିଲେ । ଝାରସୁଗୁଡ଼ା ପୌର ପରିଷଦ ଉପାଧ୍ୟକ୍ଷ ରାଜୁ ପାଣିଗ୍ରାହୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଜୟ କୁମାର ଜେନା, କ୍ଷେତ୍ର ପ୍ରଚାର କାର୍ଯ୍ୟାଳୟ ଅଧିକାରୀ ରାମେଶ୍ୱର ନାୟକ ମହିଳା ମହାବିଦ୍ୟାଳୟର ପରିଚାଳନା କମିଟି ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ । ମହାବିଦ୍ୟାଳୟ ଅଧ୍ୟକ୍ଷ ଡ.ସରୋଜ କୁମାର କୁଅଁର ଅଧ୍ୟକ୍ଷତା କରିଥିବା ବେଳେ ବରିଷ୍ଠ ହିନ୍ଦୀ ପ୍ରାଧ୍ୟାପିକା ଡ.ମୀନା ସୋନି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ସମ୍ବଲପୁରସ୍ଥିତ କ୍ଷେତ୍ର ପ୍ରଚାର କାର୍ଯ୍ୟାଳୟ, ସେହାଡ଼ା ସ୍ୱେଚ୍ଛାସେବୀ ଅନୁଷ୍ଠାନ, ନାନ୍ ୟୁରିଆ ଓ ରାଜ ସ୍ପୋର୍ଟସ (ସୁନ୍ଦରଗଡ଼) ପ୍ରଦର୍ଶନୀ ମେଳାରେ ଅଂଶଗ୍ରହଣ କରିଥିଲେ ।

# ଗ୍ରୀଷ୍ମ ପ୍ରବାହର ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନର ସମନ୍ୱୟ ବୈଠକ

ମାଲକାନଗିରି, ୧୬/୦୩ (ନି.ପ୍ର): ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ତରଫରୁ ସମ୍ଭାବ୍ୟ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଭର୍ଚୁଆଲ ମାଧ୍ୟମରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜିଲ୍ଲାପାଳ ବିଶାଲ ସିଂ ଅଧ୍ୟକ୍ଷତା କରି ଅଧିକାରୀ ମାନଙ୍କୁ କ୍ଷେତ୍ର ଗସ୍ତ କରି ଦାୟିତ୍ୱ ତଦାରଖ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ପାନୀୟ ଜଳ ନିମନ୍ତେ କଳା ସିଂଟେକ୍ସ ବଦଳରେ ଧଳା ରଙ୍ଗର ସିଂଟେକ୍ସରେ ଜଳ ଅପେକ୍ଷାକୃତ ଥଣ୍ଡା ରହିବା ଯୋଗୁଁ ତାକୁ ବ୍ୟବହାର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଟ୍ୟୁବ୍ ୱେଲ ନିକଟରେ ଚୁଆଁ ଖୋଳି ଅବ୍ୟବହୃତ ଜଳକୁ ପଶୁପକ୍ଷୀଙ୍କ ପାନୀୟ ନିମନ୍ତେ ବ୍ୟବସ୍ଥା କରିବା ପାଇଁ କୁହାଯାଇଛି । ପ୍ରତ୍ୟେକ ବ୍ଲକ ପାଇଁ ଜଣେ ଜଣେ ଅଧିକାରୀଙ୍କୁ ନିୟୋଜିତ କରି କାର୍ଯ୍ୟ ତଦାରଖ କରିବା ଦାୟିତ୍ୱ ଦିଆଯାଇଛି । ସଂପୃକ୍ତ ବ୍ଲକ ନିମନ୍ତେ ନିୟୋଜିତ ଅଧିକାରୀ ଉତରଦାୟୀ ରହିବେ ବୋଲି କୁହାଯାଇଛି । ଜିଲ୍ଲା ଜରୁରୀକାଳୀନ ବିଭାଗ ପକ୍ଷରୁ ଚବିଶ ଘଂଟିଆ କଂଟ୍ରୋଲ ରୁମ୍ ବ୍ୟବସ୍ଥା କରାଯାଇଛି । ଜନସାଧାରଣ ଟୋଲ ଫ୍ରି ନମ୍ବର ୧୦୭୭ ଏବଂ ଲ୍ୟାଣ୍ଡ ଫୋନ୍ ନମ୍ବର ୦୬୮୬୧-୨୩୧୩୭୧ ରେ ଯୋଗାଯୋଗ କରି ସହାୟତା ନେଇପାରିବେ । ସେହିପରି ପ୍ରତ୍ୟେକ ବ୍ଲକ ଓ ପଂଚାୟତ ରେ ମଧ୍ୟ କଂଟ୍ରୋଲ ରୁମ୍ କାର୍ଯ୍ୟକାରୀ କରି ୪୮ ଘଂଟା ମଧ୍ୟରେ ଅଭିଯୋଗକୁ ସମାଧାନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ବନାଗ୍ନିକୁ ରୋକିବା ପାଇଁ ଅଗ୍ନିଶମ ଓ ବନ ବିଭାଗ ସମନ୍ୱୟ ରକ୍ଷା କରି ପଦକ୍ଷେପ ନେବେ । ଲୋକଙ୍କ ସଚେତନତା ନିମନ୍ତେ ପଂଚାୟତ , ରାଜସ୍ୱ ନିରୀକ୍ଷକ, ଅଙ୍ଗନୱାଡ଼ି କେନ୍ଦ୍ର, ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ଜନଗହଳିପୂର୍ଣ୍ଣ ସ୍ଥାନ ମାନଙ୍କରେ ପୋଷ୍ଟର ଦ୍ୱାରା ସଚେତନ କରିବା ସହ ବିଭିନ୍ନ ସାମାଜିକ ଗଣମାଧ୍ୟମ, ଟିଭି ଓ ଖବରକାଗଜରେ ସଚେତନ କରାଯିବ ।ପାନୀୟ ଜଳ ନିମନ୍ତେ ପୂର୍ବରୁ ଭାଙ୍ଗି ପଡିଥିବା ନଳକୂପ, ଗ୍ରାମ୍ୟ ଜଳ ଯୋଗାଣ ପାଇପ ଗୁଡିକୁ ଯୁଦ୍ଧ କାଳୀନ ଭିତିରେ ମରାମତି କରିବା ନିମନ୍ତେ ବିଡ଼ିଓମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ପଂଚାୟତ ଓ ସହରାଂଚଳ, ବଜାର, ହାଟ, ଛକ ଭଳି ଗୁରୁତ୍ୱପୂର୍ଣ୍ଣ ସ୍ଥାନ ମାନଙ୍କରେ ଜଳ ଛତ୍ରର ବ୍ୟବସ୍ଥା କରିବାକୁ କୁହାଯାଇଛି । ଅଂଶୁଘାତ ରୋଗୀଙ୍କ ଚିକିତ୍ସା ନିମନ୍ତେ ଜିଲ୍ଲା, ଉପଖଣ୍ଡ ଚିକିତ୍ସାଳୟ ,ପିଏଚସି, ସିଏଚସି ମାନଙ୍କରେ ସମସ୍ତ ପ୍ରକାର ବ୍ୟବସ୍ଥା ସହ ସଜାଗ ରହିବା ସହ ଓଆରଏସ, ସଲାଇନ, ଲାଇଭ ସେଭିଂ ଡ୍ରଗ, ୧୦୮ ଆମ୍ବୁଲାନ୍ସ ପ୍ରସ୍ତୁତ ରଖିବାକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଶ୍ରମିକ ମାନଙ୍କୁ ଦିନ ୧୧ଟାରୁ ୩:୩୦ ମଧ୍ୟରେ କର୍ଯ୍ୟ ପାଇଁ ବାରଣ ରହିଛି । କାର୍ଯ୍ୟ କରୁଥିବା ସ୍ଥାନ ଗୁଡ଼ିକରେ ପାନୀୟ ଜଳ, ଓଆରଏସ ଆଦି ମହଜୁଦ ରଖିବେ । ଯଦି କୌଣସି ଠିକାଦାର ନିୟମ ଉଲଘଂନ କରି ଶ୍ରମିକମାନଙ୍କୁ କାର୍ଯ୍ୟରେ ନିୟୋଜିତ କରନ୍ତି ଆଇନ ଅନୁଯାୟୀ ସେମାନଙ୍କ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି । ସରକାରୀ ଓ ଘରୋଇ ବସରେ ସଚେତନତା ବାର୍ତ୍ତା ସହ ପାନୀୟ ଜଳ, ଫାଷ୍ଟ ଏଡ୍ ବାକ୍ସ, ଓଆରଏସ ରଖିବା ସହ ଯାତ୍ରୀଙ୍କ ନିମନ୍ତେ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା କରିବାକୁ ଆଂଚଳିକ ପରିବହନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଗୃହପାଳିତ ପଶୁମାନଙ୍କ ପାଇଁ ପାନୀୟ ଜଳର ବ୍ୟବସ୍ଥା କରିବା ସହ ଗ୍ରାମାଂଚଳରେ ମୋବାଇଲ ଭ୍ୟାନ ସେବା ଯୋଗାଇଦେବାକୁ ସଂପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି । ବିଦ୍ୟୁତ୍ ବିଭାଗ ବିଦ୍ୟୁତ୍ କାଟ କୁ ଦୃଷ୍ଟିରେ ରଖି ଜରୁରୀ ପରିସ୍ଥିତିରେ ଜନସାଧାରଣଙ୍କୁ ପୂର୍ବ ସୂଚନା ଦେଇ କାର୍ଯ୍ୟ କରିବାକୁ କୁହାଯାଇଛି । ଏହାଛଡା ସାମାଜିକ ସୁରକ୍ଷା ଯୋଜନା ଅଧିନରେ ଚାଉଳ ଓ ପେନସନ ବଂଟନ ସକାଳ ୯ ଟା ପୂର୍ବରୁ ସାରିବାକୁ ନିର୍ଦ୍ଦେଶ ଦିଆଯାଇଛି । ବିଦ୍ୟାଳୟ , ମହାବିଦ୍ୟାଳୟ ଓ ଅଙ୍ଗନୱାଡ଼ି କେନ୍ଦ୍ରରେ ପର୍ଯ୍ୟାପ୍ତ ପାନୀୟ ଜଳ ବ୍ୟବସ୍ଥା ସହ ଓଆରଏସ ବ୍ୟବସ୍ଥା ସହ ବାହାର କାର୍ଯ୍ୟକ୍ରମ ବନ୍ଦ ରଖିବା ପାଇଁ କୁହାଯାଇଛି । ଏ ନେଇ ଅଭିଭାବକ ମାନଙ୍କୁ ସଚେତନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଆବଶ୍ୟକତାକୁ ଦେଖି ଜଳସମ୍ପଦ ବିଭାଗକୁ ଜଳ ଭଣ୍ଡାର ରୁ କେନାଲ ମାଧ୍ୟମରେ ଜଳ ଯୋଗାଣ ନିମନ୍ତେ କୁହାଯାଇଛି ।

## ଚୋରି ମାମଲାରେ ଜଣେ ଗିରଫ

ଜୟପୁର, ୧୬/୦୩ (ନି.ପ୍ର) :ଚୋରି ମାମଲାରେ ଜଣେ ଅଭିଯୁକ୍ତକୁ ଗିରଫ କରିଛି ଜୟପୁର ଟାଉନ ପୋଲିସ । ଗିରଫ ଅଭିଯୁକ୍ତ ଜଣକ ହେଲା କୋରାପୁଟ ଜିଲା ଦଶମନ୍ତପୁର ଥାନା ଧର୍ମଗୁଡା ଗ୍ରାମର ଅଭିଯୁକ୍ତ ମନୋଜ ବିଷୋୟୀ । ପୋଲିସ ସୁଚନା ଅନୁଯାଇ ଏସବିଏମସ ବସରୁ ୧୬୫ ଲିଟର ଡିଜେଲ ଚୋରି ହୋଇଥିବା ନେଇ ଜୟପୁର ଟାଉନ ଥାନାରେ ଅଭିଯୋଗ ହୋଇଥିଲା । ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ଅଭିଯୁକ୍ତ କୁ ଗିରଫ କରି ଚୋରି ହୋଇଥିବା ଡିଜେଲକୁ ଜବତ କରିଥିବା ଟାଉନ ଥାନା ଅଧିକାରି ସମ୍ବିତ କୁମାର ବେହେରା ସୁଚନା ଦେଇଛନ୍ତି ।

# ଜିଲ୍ଲାସ୍ତରୀୟ ଆଶା, ଗାଁ କଲ୍ୟାଣ ସମିତି ଓ ମହିଳା ଆରୋଗ୍ୟ ସମିତି ସମ୍ମିଳନୀ




ବାରିପଦା, ୧୬/୦୩ (ନି.ପ୍ର): ଆଜି ସ୍ଥାନୀୟ ଶହୀଦ ସ୍ମୃତି ଭବନ ଠାରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ଓ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ଜିଲ୍ଲା ସ୍ତରୀୟ ଆଶା, ଗାଁ କଲ୍ୟାଣ ସମିତି ଓ ମହିଳା ଆରୋଗ୍ୟ ସମିତି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ଼ା. ରୁପଭାନୁ ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମକୁ ଜିଲ୍ଲାପାଳ ବିନୀତ ଭରଦ୍ୱାଜ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦଘାଟନ କରି ବା ସହିତ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଆଶା କର୍ମୀ ମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିଶେଷ କରି କରୋନା ସମୟରେ ଅଙ୍ଗନବାଡ଼ି କର୍ମୀଙ୍କ ସହ ମିଶି ଆଶା କର୍ମୀ ମାନେ ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ତଥା ନିଜ ଜୀବନ ପ୍ରତି ଥିବା ବିପଦକୁ ଭ୍ରୁକ୍ଷେପ ନକରି ଲୋକ ମାନଙ୍କ ପାଖରେ ସ୍ୱାସ୍ଥ୍ୟ ସେବା ପହଂଚାଇ ବାରେ ସଫଳତାର ସହ କାର୍ଯ୍ୟସମ୍ପାଦନ କରିଥିବାରୁ ସେମାନେ ପ୍ରସଂଶାର ପାତ୍ର ବୋଲି କହିଥିଲେ । ଏହି ଅବସରରେ ଜିଲ୍ଲାରେ ଖୁବ ଶୀଘ୍ର କାର୍ଯ୍ୟକାରି ହେବାକୁ ଯାଉଥିବା ଆମ ଡାକ୍ତର ଖାନା ଯୋଜନା ସମ୍ବନ୍ଧରେ ପ୍ରକାଶ କରି ଜିଲ୍ଲାରେ ଥିବା ସିଏଚସି, ଏସଡିଏଚ ଏବଂ ଡ଼ିଏଚ ର ଭିତିଭୂମି ବିକାଶ ସହିତ ବିନାମୂଲ୍ୟରେ ଉନ୍ନତ ମାନର ସ୍ୱାସ୍ଥ୍ୟ ସେବା ଉପଲବ୍ଧ କରାଇବା ନେଇ ବୈଠକରେ ଆଲୋଚନା ହୋଇଥିଲା । ଏହି ଅବସରରେ ଜିଲ୍ଲା ରେ ଶ୍ରେଷ୍ଠ ବିବେଚିତ ହୋଇଥିବା ୩ ଜଣ ଆଶା କର୍ମୀ ଯଶିପୁର ବ୍ଲକ ବାଉଁଶନାଳୀ ସବସେଂଟର ର ଜ୍ୟୋସ୍ନାରକ୍ଷଣୀ ମହାନ୍ତ ପ୍ରଥମ, ବେତନଟୀ ବ୍ଲକ ନହଣ୍ଡାଷୋଳ ସବସେଂଟର ର ଜ୍ୟୋସ୍ନାରାଣୀ ମହାନ୍ତ ଦ୍ୱିତୀୟ ଓ ଶୁକ୍ରୁଳି ବ୍ଲକ ଗଲୁସାହି ସବସେଂଟର ର ସୁଭଦ୍ରା ନାଏକ କୁ ଯଥାକ୍ରମେ ୨୫,୦୦୦, ୨୦,୦୦୦ ଏବଂ ୧୫,୦୦୦ ଟଙ୍କାର ପୁରସ୍କାର ରାଶି ଓ ମାନପତ୍ର ପ୍ରଦାନ କରାଯିବାସହ, ୨୬ ଟି ବ୍ଲକର ୨୬ ଗୋଟି ଗାଁ କଲ୍ୟାଣ ସମିତିକୁ ପ୍ରତ୍ୟେକ ଙ୍କୁ ୧୦,୦୦୦ ଟଙ୍କା ଲେଖାଏଁ ପୁରସ୍କାର ରାଶି ଓ ମାନପତ୍ର ପ୍ରଦାନ କରାଯାଇଥିଲା । ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ସମ୍ମାନିତ ଅତିଥି ଭାବେଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ଼ା. ଶାନ୍ତନୁ କୁମାର ଦାଶ, ଡ଼ା. ବନମାଳୀ ପ୍ରଧାନ, ଜିଲ୍ଲା ଚିକିତ୍ସା ଅଧିକାରୀ ଡ଼ା. ଆର୍ଯ୍ୟ ମିଶ୍ର, ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ଼ା. ସୁନନ୍ଦା ମିଶ୍ର, ଜିଲ୍ଲା ପଂଚାୟତ ଅଧିକାରୀ ବୈଦ୍ୟନାଥ ମୁଣ୍ଡା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ଅନ୍ନପୂର୍ଣ୍ଣା ସିଙ୍କୁ ପ୍ରମୁଖ ଯୋଗ ଦେଇଥିବା ବେଳେ ଡି.ପି.ଏମ. ପ୍ରଭୁ ପ୍ରତ୍ୟାନ୍ତ ପତି, ଡି.ଏମ.ଆର.ସି.ଏଚ. ବିଶ୍ୱରଂଜନ ରାଉତ, ଗୋଷ୍ଠୀ ପ୍ରକ୍ରିୟାର ସହ ପରିଚାଳକ ସ୍ୱର୍ଣ୍ଣଲିକା ମହାନ୍ତି, ଆର.ବି.ଏସ.କେ. ର ପରିଚାଳକ ଶୁଭେନ୍ଦୁ ବରାଳ କାର୍ଯ୍ୟକ୍ରମ ପରିଚାଳନା ରେ ସହାୟତା କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

### ୧୯ ଯାଏଁ ବର୍ଷା, ୧୮ରେ....

ଯାଜପୁର, ଢେଙ୍କାନାଳ, କଟକ , କୋରାପୁଟ ଏବଂ ମାଲକାନଗିରି ଜିଲ୍ଲାକୁ ଚେତାବନୀ ଜାରି କରିଛି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଆସନ୍ତା ୨୪ ଘଂଟା ମଧ୍ୟରେ ସୁନ୍ଦରଗଡ, ଦେବଗଡ, କେନ୍ଦୁଝର,ମୟୁରଭଂଜ, ଝାରସୁଗୁଡ଼ା,ବରଗଡ, ମାଲକାନଗିରି, କୋରାପୁଟ ଓ ରାୟଗଡା ଜିଲ୍ଲାରେ ୪୦ ରୁ ୫୦ କିମି ବେଗରେ ପବନ ବହିବ। ଏହା ବ୍ୟତୀତ ଅନ୍ୟ ସମସ୍ତ ଜିଲ୍ଲାରେ ବିଜୁଳି ଘଡଘଡି ସହ ବର୍ଷା ହୋଇପାରେ। ଏଥିପାଇଁ ସମସ୍ତ ଜିଲ୍ଲାଗୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ୧୭ ରୁ ୧୮ ତାରିଖ ମଧ୍ୟରେ ମାଲକାନଗିରି, କୋରାପୁଟ , ରାୟଗଡା,ନବରଙ୍ଗପୁର, ଗଂଜାମ, କନ୍ଧମାଳ, ଗଜପତି, କେନ୍ଦୁଝର, ମୟୁରଭଂଜ ଓ ବାଲେଶ୍ୱର ୪୦ ରୁ ୫୦ କିମି ବେଗରେ ପବନ ବହିବ।

### ଅଫିସର ମାନଙ୍କ ଗୋଟିଏ ପଦରେ....

ସେ କହିଛନ୍ତି ଯେ ସେହିପରି ଗୋଟିଏ ଲୋକ ଏକାଧିକ ପୋଷ୍ଟ ରେ ରହିବା ବି ଅନୁଚିତ । ଅରୁଣ ବୋଥ୍ରା ଟ୍ରାନ୍ସପୋର୍ଟ କମିଶନର ଓ କ୍ରାଇମବ୍ରାଂଚ ର ଏଡ଼ିଜି ବି ରହିଛନ୍ତି । ସେହିପରି ସୁଶୀଲ କୁମାର ଲୋହାନି ବି ପଂଚାୟତିରାଜ ସଚିବ ଓ ସିଇଓ ବି ରହିଛନ୍ତି । ଏଇଟା କଣ ମୋ ସରକାର । ଏଇଟା କଣ ୫ ଟି ବୋଲି ପ୍ରଶ୍ନ କଲେ ବିରୋଧୀ ଦଳ ନେତା । ସରକାର ଏ ନେଇ ଗୃହରେ ବିବୃତି ରଖନ୍ତୁ ବୋଲି ସେ ଦାବି କରିଥିଲେ ।

### ଆନ୍ଦୋଳନ କରିବାକୁ ଘରୋଇ....

କରିଛନ୍ତି। ଦିନ ୧୦ ଟାରୁ ୧୧ ଟା ଏକ ଘଂଟା ପର୍ଯ୍ୟନ୍ତ ସମସ୍ତ ଜିଲ୍ଲାରେ ରାଜପଥ ଉପରେ ବସ ଛିଡ଼ା କରି ଆମେ ପ୍ରତିବାଦ ପ୍ରଦର୍ଶନ କରିବୁ। ଆମେ ମଧ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ ହେବୁ। ଏହାପରେ ଯଦି ସରକାର କିଛି ପଦକ୍ଷେପ ଗ୍ରହଣ ନ କରନ୍ତି, ତେବେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଆମେ ବସ ଚଳାଇବୁ ନାହିଁ। ୮ ହଜାର ବସ ମାଲିକଙ୍କର ୧୪ ହଜାର ବସ ବନ୍ଦ ରହିବ। ଏଣେ ରାଜ୍ୟ ଘରୋଇ ବସ ମାଲିକ ସଙ୍ଘ ସଭାପତି ଲୋକନାଥ ପାଣି କହିଛନ୍ତି, ବସ ଚଳାଇବା ପାଇଁ ପୁଲିସର ସହଯୋଗ ଆଦୌ ମିଳୁନାହିଁ।

## ବସ୍ତାରେ ଦେଶୀ ଓ ବିଦେଶୀ ମଦ ଜବତ : ମହିଳାଙ୍କ ସମେତ ୩ ଗିରଫ

ବସ୍ତା, ୧୬/୦୩ (ନି.ପ୍ର): ଗୁରୁବାର ସ୍କ୍ୱାର୍ଡ ଦଳ ଓ ବସ୍ତା ଅବକାରୀ ବିଭାଗ ଚଢ଼ାଉ କରି ବସ୍ତା ଥାନା ଅଧୀନ ମଥାନୀର ରାଜେଶ ପାତ୍ର କୁ ଗିରଫ ସହ ତା'ଠୁ ବିଦେଶୀ ମଦ, ବାରମାଡ଼ିଆ ରୁ ପିତାମ୍ବର ଜେନା ଓ ଭେଲୁରାରୁ ଫୁଲ ହଂସଦାକୁ ଗିରଫ ସହିତ ସେମାନଙ୍କ ଠାରୁ ଦେଶୀ ମଦ ଜବତ କରିଛନ୍ତି। ବେଆଇନ ଭାବେ ସେମାନେ ମଦ କାରବାର କରୁଥିଲେ। ଅବକାରୀ ପୁଲିସ କେଶ ରୁଜୁ ସହ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ଉଦଳା ବି.ଇ.ଓ. ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପାଠ ପଢ଼ା ଛାଡ଼ି ନିୟମିତ ଖେଳୁଛି ବାପ ଛେଉଣ୍ଡ ପୁତ୍ର 'ଶିବାନ'



ଉଦଳା, ୧୬/୦୩ (ନି.ପ୍ର): ଏହା କେଉଁ ଉପାନ୍ତ ଅଂଚଳ ନୁହେଁ, ଉଦଳା ସହର ମଧ୍ୟରେ ଥିବା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଠାରୁ ମାତ୍ର ୭୦ ମିଟର ଦୂରରେ ଥିବା ମଧୁପୁର ଗ୍ରାମର ଦୃଶ୍ୟ। ଏହି ଗ୍ରାମଟି ଉଦଳା ବ୍ଲକର ଖଲାଡ଼ି ପଂଚାୟତ ଅନ୍ତର୍ଗତ ଅଟେ । ଉକ୍ତ ଗ୍ରାମର ବାସିନ୍ଦା ବନମାଳୀ ମୁର୍ମୁ ଆଜକୁ ୩ ବର୍ଷ ତଳେ ସବୁଦିନ ପାଇଁ ଆଖିବୁଜି ଦେଲେ । ଫଳରେ ତାଙ୍କର ଏକମାତ୍ର ପୁତ୍ର 'ଶିବାନ' ବାପ ଛେଉଣ୍ଡ ହୋଇଗଲେ। ଶିବାନଙ୍କୁ ବର୍ତ୍ତମାନ ବୟସ ୯ ବର୍ଷ ଛୁଇଁଲା । ସେ ପାଠପୁର ପ୍ରାଥମିକ ବିଦ୍ୟାଳୟରୁ ପଂଚମ ଶ୍ରେଣୀ ପାସ କରିଛନ୍ତି । ଏହାପରେ ଆଜକୁ ୩ ବର୍ଷ ବିତିଗଲାଣି ସେ ଷଷ୍ଠ ଶ୍ରେଣୀରେ ନାମ ଲେଖାଇ ନାହାଁନ୍ତି। ପାଠ ପଢ଼ାରେ ଡ଼ୋରି ବାନ୍ଧି ଦେଇଛନ୍ତି । ତାଙ୍କର ମାଆ ସାଧୁମଣି ମୁର୍ମୁ ଦିନ ମଜୁରିଆ ଭାବରେ କାର୍ଯ୍ୟ କରି ଗୁଜୁରାଣ ମେଂଟାଉଛନ୍ତି, ଶିବାନଙ୍କୁ ପ୍ରତିଦିନ ଶହ ଶହ ସଂଖ୍ୟାରେ ଶିକ୍ଷକ ଶିକ୍ଷୟିତ୍ରୀ ଓ ଶିକ୍ଷା ବିଭାଗର ଅଧିକାରୀ ମାନେ ଦେଖୁଛନ୍ତି, କିନ୍ତୁ ତାଙ୍କୁ ବିଦ୍ୟାଳୟକୁ ନେବାକୁ କେହି ଉଦ୍ୟମ କରୁ ନାହାଁନ୍ତି । ଏହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିବା ସହିତ ଶିକ୍ଷା ବିଭାଗର ଅଧିକାରୀ ମାନଙ୍କର କର୍ତବ୍ୟ ଓ ନିଷ୍ଠା ପ୍ରତି ସନ୍ଦେହ ସୃଷ୍ଟି କରୁଛି । ମୟୂରଭଞ୍ଜ ଜିଲ୍ଲାପାଳ ଏଠାରେ କାର୍ଯ୍ୟରତ ଶିକ୍ଷାବିଭାଗର ଅଧିକାରୀ ମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବୀ ହେଉଛି । ପ୍ରଥମରୁ ୧୪ ବର୍ଷ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କୁ ମାଗଣା ଓ ବାଧ୍ୟତା ମୂଳକ ଶିକ୍ଷା ସରକାରଙ୍କ ଘୋଷଣା ଶିବାନଙ୍କ ପକ୍ଷେ ପ୍ରହସନ ପାଲଟି ଯାଇଛି ।

## ବ୍ଲକରେ ସରକାରୀ ଯୋଜନା ସଚେତନତା କାର୍ଯ୍ୟକ୍ରମ

ବସ୍ତା,୧୬।୩(ନିପ୍ର): ବସ୍ତା ବ୍ଲକରେ ସରକାରୀ ଯୋଜନା ସଚେତନତା କାର୍ଯ୍ୟକ୍ରମ ଓ ଓଡିଶା ଲୋକ ସେବା ଅଧିନିୟମ ପ୍ରଶିକ୍ଷଣ ଶିବିର ତହସିଲଦାର ଅତନୁ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା। ଏଥିରେ ବିଭିନ୍ନ ପଞ୍ଚାୟତ ର ସରପଞ୍ଚ , ସମିତି ସଭ୍ୟ, ଜିଲା ପରିଷଦ ସଦସ୍ୟ, କୃଷି , କୃଷି ଉଦ୍ୟାନ, ମତ୍ସ୍ୟ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ମଙ୍ଗଳ ବିଭାଗ ସମେତ ବହୁ ବିଭାଗ ଅଧିକାରୀ ଯୋଗ ଦେଇଥିଲେ। ବିଡ଼ିଓ ସତ୍ୟଜିତ ମହାନ୍ତିଙ୍କ ସମେତ ବ୍ଲକର ବିଭିନ୍ନ ବିଭାଗର ଅଧିକାରୀ ଯୋଗ ଦେଇଥିଲେ।ଜିଲା ସଂଯୋଜକ ଅପୂର୍ବ ରାୟ ଧନ୍ୟବାଦ ଅର୍ପଣ କରିଥିଲେ।

## ବାଣ ବିସ୍ଫୋରଣ ଘଟଣାରେ ମୃତ୍ୟୁ ବରଣ କରିଥିବା ଶୋକ ସନ୍ତପ୍ତ ପରିବାର ସଦସ୍ୟଙ୍କୁ ସମବେଦନା ଜଣାଇଲେ ବିଜେଡ଼ିର ବରିଷ୍ଠ ନେତ୍ରୀ



ଖୋର୍ଦ୍ଧା, ୧୬/୦୩ (ନି.ପ୍ର): ଟାଙ୍ଗୀ ଥାନା ଅଧିନସ୍ଥ ଭୂଷଣ୍ଡପୁର ଗ୍ରାମରେ ବାଣ ବିସ୍ଫୋରଣରେ ପ୍ରାଣହାନୀ ଘଟିଥିବା ଦୋଳ ଗୋବିନ୍ଦ ବେହେରା, ନିରଞ୍ଜନ ବେହେରା, ମହେଶ୍ୱର ବେହେରା, ବ୍ରଜବନ୍ଧୁ ବେହେରା ଏବଂ ସହଦେବ ବେହେରାଙ୍କ ବାସ ଭବନକୁ ଯାଇ ବିଜୁ ମହିଳା ଜନତା ଦଳ ରାଜ୍ୟ ବରିଷ୍ଠ ଉପସଭାନେତ୍ରୀ ଶ୍ରୀମତୀ ବାସନ୍ତି ମହାପାତ୍ର ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଓ ସେମାନଙ୍କ ଦୁଃଖରେ ସହଭାଗୀ ହୋଇ ବ୍ୟକ୍ତିଗତ ଭାବରେ ଆର୍ଥିକ ସହାୟତା ପ୍ରଦାନ କରିବା ସହ ଭବିଷ୍ୟତରେ ସେମାନଙ୍କ ସୁଖ ଦୁଃଖରେ ସାମିଲ ହେବା ପାଇଁ ଶ୍ରୀମତୀ ମହାପାତ୍ର ପ୍ରତିଶୃତି ଦେଇଥିଲେ।

## ଆଜି ଦୁଲୁକିବ ଠେଙ୍ଗାହାଟ ଦଶ ଦୋଳ ମେଳଣ

ଖୋର୍ଦ୍ଧା, ୧୬/୦୩ (ନି.ପ୍ର): ଖୋରଧା ସର୍ବ ପୁରାତନ ଠେଙ୍ଗାହାଟ ଦଶ ଦୋଳ ମେଳଣ ଉତ୍ସବ ଆସନ୍ତା କାଲି ରାତ୍ର ସମୟରେ ଅନୁଷ୍ଠିତ ହେବ। ଗାଦି ଠାକୁର ଶ୍ରୀ ଶ୍ରୀ ଶ୍ରୀ ସିଦ୍ଧେଶ୍ୱର ଦେବଙ୍କ ନିମନ୍ତ୍ରଣରେ ୨୧ ଗୋଟି ଠାକୁର ବିରାଟ ପଟୁଆରରେ ଦୋଳ ବିମାନରେ ଆର୍ବିଭାବ ହୋଇ ଠେଙ୍ଗା ହାଟ ପଡ଼ିଆ ଠାରୁ ବାହାରି ବିଭିନ୍ନ ସାହି ଏବଂ ସହର ପରିକ୍ରମା ସହ ପୁଣି ମେଳଣ ପଡ଼ିଆ ଠାରେ ଏକତ୍ରିତ ହେବେ। ସେଠାରେ ଭକ୍ତଙ୍କ ସମାଗମରେ ତିନି ଦିନ ରହିବା ପରେ ଆସନ୍ତା ୨୦ ତାରିଖ ଦିନ ମେଳଣ ଉତ୍ସବ ତଥା ହରିହର ଭେଟ ଓ ଫଗୁ ଖେଳ ହେବା ପରେ ନିଜ ନିଜ ଗ୍ରାମକୁ ମେଳାଣି ନେବେ। ଦୁଇ ବର୍ଷ କରୋନା କଟକଣା ଯୋଗୁଁ ହୋଇ ପାରି ନଥିବା ଉତ୍ସବ ଏଥର ଧୁମ୍ ଧାମରେ ପାଳିତ କରାଯିବ ବୋଲି କମିଟି ପକ୍ଷରୁ କୁହାଯାଇଛି। ତେବେ ଆତସ ବାଜିକୁ ସମ୍ପୂର୍ଣ୍ଣ ବନ୍ଦ କରାଯିବା ସହିତ ଶାନ୍ତି ଶୃଙ୍ଖଳା ସହିତ ସମସ୍ତ କାର୍ଯ୍ୟକ୍ରମ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି। ଶ୍ରଦ୍ଧାଳୁମାନଙ୍କ ମନୋରଂଜନ ପାଇଁ ଚଳିତ ବର୍ଷ ଆଲୋକର ଆକର୍ଷଣ ସହିତ ବିମାନରେ ପୂଜା ପାଉଥିବା ଦେବା ଦେବୀଙ୍କୁ ଛାମୁଣ୍ଡିଆ ଭିତରେ ପୂଜାର୍ଚ୍ଚନା କରାଯିବ। ୧୭ ତାରିଖ ରାତ୍ର ୧୨ଟାରୁ ୨୦ଗୋଟି ବିମାନକୁ ନେଇ ବିଭିନ୍ନ ପାରମ୍ପାରିକ ବାଦ୍ୟ ସହ ନୃତ୍ୟର ତାଳେ ତାଳେ ଭକ୍ତମାନେ ବିମାନ ଗୁଡ଼ିକୁ ଠେଙ୍ଗାହାଟ ଠାରୁ ବାହାରି ଉପରସାହି ବାଶେଳି ସାହି, ମଠସାହି, ରାଧାବଲ୍ଲଭ ସାହି, ପୁରୁଣା ଦମକଳ ଛକ, ଟ୍ରାଫିକ ଛକ, ଆଦର୍ଶ ଥାନା ଦେଇ, ସମବାୟ ବ୍ୟାଙ୍କ ଛକ, ମାଛମାର୍କେଟ, ପୌରପରିଷଦ କାର୍ଯ୍ୟାଳୟ ଦେଇ ଠେଙ୍ଗାହାଟ ମେଳଣ ପଡ଼ିଆରେ ଏକତ୍ରିତ ହେବେ। ସେହିପରି ସାଗୁଆନବଗିଚ୍ଛ, ସାମନ୍ତରାପୁର, ସ୍ୱପ୍ନେଶ୍ୱରସାହି ଗୁଡ଼ିକରୁ ମଧ ବିଭିନ୍ନ ଶୋଭାଯାତ୍ରା ସାହି ପରିକ୍ରମା କରି ପଡ଼ିଆକୁ ପ୍ରବେଶ କରିବେ।

## ବସ୍ତା ସାହିତ୍ୟ ପରିଷଦର ନୂତନ କାର୍ଯ୍ୟକର୍ତ୍ତା ମନୋନୀତ



ବସ୍ତା, ୧୬/୦୩ (ନି.ପ୍ର): ବସ୍ତାର ଏକମାତ୍ର ସାହିତ୍ୟାନୁଷ୍ଠାନ ବସ୍ତା ସାହିତ୍ୟ ସଂସ୍କୃତି କଳା ପରିଷଦର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇ ଆଗାମୀ ତିନିବର୍ଷ ପାଇଁ ନୂତନ ପଦାଧିକାରୀ ନିଯୁକ୍ତି ହେବା ସହ କାର୍ଯ୍ୟକାରିଣୀ କମିଟି ଗଠନ କରାଯାଇଛି। ତଦନୁଯାୟୀ ଜୟନ୍ତ କୁମାର ପାଣିଗ୍ରାହୀ ସଭାପତି, କୁମୁଦ ରଂଜନ ଗିରି ଉପସଭାପତି, ବିଜୟ କୁମାର ପରିଡା ସମ୍ପାଦକ, ଜଗନ୍ନାଥ ଗିରି ସହସମ୍ପାଦକ, ଅରୁଣ କୁମାର ଦାସ କୋଷାଧକ୍ଷ ଙ୍କ ସହ ଶ୍ୟାମାପ୍ରସାଦ ବେହେରା ଉପଦେଷ୍ଟା, ଡା. ପ୍ରଦୀପ ମିଶ୍ର ଓ ଶିଶିର ରଥ ସମୀକ୍ଷକ ତଥା କାର୍ଯ୍ୟକାରୀ କମିଟିରେ ରାଜକିଶୋର ମହାନ୍ତି, ରଜନୀକାନ୍ତ ବାରିକ, କମଳା ଦଳେଇ, ଜୟନ୍ତୀ ବେହେରା, ବିକର୍ତନ କବି, ନମିତା ଦାସ, ପ୍ରଶାନ୍ତ ଦାସ ପ୍ରଭୃତିଙ୍କୁ ସାମିଲ କରାଯାଇଛି। ନବଗଠିତ କାର୍ଯ୍ୟକାରିଣୀ ଙ୍କ ଦାୟିତ୍ୱ ରେ ଆସନ୍ତା ୩୦ ମାର୍ଚ୍ଚ ରେ ଏକ ଦିବସୀୟ କବିତା ପାଠୋତ୍ସବ ଅନୁଷ୍ଠିତ ହେବାସହ ବହୁ ପ୍ରତିଭାଧରଙ୍କୁ ସମ୍ବର୍ଦ୍ଧନାଉତ୍ସବରେ ସମ୍ମାନିତ କରାଯିବ ବୋଲି ସମ୍ପାଦକ ବିଜୟ ପରିଡା ଜଣାଇଛନ୍ତି ।

## ନବୀନ ନିବାସରେ ୫ଟି ସଚିବ ଭି.କେ. ପାଣ୍ଡିଆନଙ୍କ ଗୁରୁତ୍ୱପୂର୍ଣ୍ଣ ବୈଠକ



ନୀଳଗିରି, ୧୬/୦୩ (ନି.ପ୍ର): ଓଡ଼ିଶାର ୫ଟି ସଚିବ ଭି.କେ.ପାଣ୍ଡିଆନ ନବୀନ ନିବାସରେ ରାଜ୍ୟ ବିଜୁ ଯୁବ ଜନତା ଦଳର ନେତୃମଣ୍ଡଳୀଙ୍କ ସହ ରାଜ୍ୟ ବିଜୁ ଯୁବ ଜନତା ଦଳର କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ଦାସ ମଙ୍ଗରାଜ ଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ହୋଇଥିବାର ସୋସିଆଲ ମିଡିଆରୁ ଜଣାପଡ଼ିଛି । ଆଗାମୀ ୨୦୨୪ ସାଧାରଣ ନିର୍ବାଚନ ପାଇଁ ଦଳୀୟ କର୍ମକର୍ତାଙ୍କ ସହ ୫ଟି ସଚିବ ପାଣ୍ଡିଆନ ଆଲୋଚନା କରିଥିବା ବେଳେ ଶୁଭେନ୍ଦୁ ମଙ୍ଗରାଜଙ୍କ ସହ ମଧ ଦଳ ବାବଦରେ ଆଲୋଚନା କରିଥିବାର ଶୁଣିବାକୁ ମିଳିଛି । ଏନେଇ ଉଭୟଙ୍କ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେଉଥିବାର ଦେଖିବାକୁ ମିଳିଛି ।

## ମୁନିସମାଜ ମହାପଦା ଶାଖାର ବାର୍ଷିକ ଅଧିବେଶନ

ମଥାନି, ୧୬/୦୩ (ନି.ପ୍ର): ୧୦ ଘଟିକା ସମୟରେ, ଅଖିଳ ଭୂମଣ୍ଡଳୀୟ ସର୍ବଶିରୋମଣି ମୁନିସମାଜ ଓଡ଼ିଶା ପ୍ରାନ୍ତ, ମହାପଦା ଶାଖାର ବାର୍ଷିକ ଅଧିବେଶନ, ଜିଲ୍ଲା ପ୍ରଚାର ସଙ୍ଗଠନ ମନ୍ତ୍ରୀ, ଆତ୍ମଜ୍ଞାନୀ ପ୍ରାନ୍ତୀୟ ସହ ସମ୍ପାଦକ ଯୋଗୀ ଚିତ୍ତରଞ୍ଜନ ମୁନିଜୀଙ୍କ ସଭାପତିତ୍ୱରେ ମହା ସମାରୋହରେ ପାଳିତ ହୋଇଯାଇଛି ।ମୁଖ୍ୟ ଅତିଥି ହିସାବରେ ଯୋଗଦାନ କରିଥିଲେ ଆତ୍ମଜ୍ଞାନୀ ଯୋଗାଚାର୍ଯ୍ୟ ଅନନ୍ତ ମୁନି ଜୀ ମହୋଦୟ ।ମୁଖ୍ୟ ବକ୍ତା ହିସାବରେ ଯୋଗଦାନ କରିଥିଲେ ପୂର୍ବତନ ପ୍ରାନ୍ତୀୟ ଅଧକ୍ଷ ବ୍ରହ୍ମଜ୍ଞାନୀ ଯୋଗାଚାର୍ଯ୍ୟ ଲେଖକଶ୍ରୀ ଶଶଧର ମୁନିଜୀ ମହୋଦୟ ।ସମ୍ମାନୀତ ବକ୍ତା ହିସାବରେ ଯୋଗଦାନ କରିଥିଲେ, କଟକରୁ ଆସିଥିବା ଆତ୍ମଜ୍ଞାନୀ ଯୋଗଶିକ୍ଷୟତ୍ରୀ ଜେମ୍ମାମଣୀ ମହୋଦୟା ଏବଂ ମୁନିରାଜ ଅମୂଲ୍ୟ ମୁନିଜୀ ମହୋଦୟ ।ଆଶ୍ରମର ଯୋଗଶିକ୍ଷକ ସତ୍ୟନିଷ୍ଠ ସାଧକ ଯୋଗୀ ବଳଭଦ୍ର ମୁନି ବାର୍ଷିକ ବିବରଣୀ ପାଠ କରିଥିଲେ ।ଆଶ୍ରମ ସ୍ଥିତ ଶିବମୁନି ପରିବାରର ଶତାଧିକ ମୁନି ମୁନିମତୀମାନେ ଯୋଗଦାନ କରି ଅଧିବେଶନକୁ ସାଫଲ୍ୟମଣ୍ଡିତ କରିଥିଲେ । ଶେଷରେ ଯୋଗୀ ବଳଭଦ୍ର ମୁନି ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରି ସ୍ୱାଦିଷ୍ଟ ଏକାତ୍ମ ଭୋଜନରେ ଆପ୍ୟାୟିତ କରିଥିଲେ ।

## ୮୮ତମ ଓଡ଼ିଶା ଦିବସ ପାଳନ ପ୍ରସ୍ତୁତି ବୈଠକ



ଭଦ୍ରକ, ୧୬/୦୩ (ନି.ପ୍ର): ଆଗାମୀ ଅପ୍ରେଲ ୧ ତାରିଖରେ ପାଳିତ ହେବାକୁ ଥିବା ୮୮ତମ ଓଡ଼ିଶା ଦିବସ ୨୦୨୩ କୁ ଭଦ୍ରକ ଜିଲ୍ଲା ସ୍ତରରେ ପାଳନ କରାଯିବା ଉପଲକ୍ଷେ ଆଜି ସଂସ୍କୃତି ଭବନ ସମ୍ମିଳନୀ କକ୍ଷରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ରାମଦାସ ଟୁଡୁଙ୍କ ଅଧକ୍ଷତାରେ ଆୟୋଜିତ ଏହି ବୈଠକରେ ଭଦ୍ରକ ଜିଲ୍ଲା ପରିଷଦର ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ କୁଶଳ ଚନ୍ଦ୍ର ନାୟକ ଯୋଗ ଦେଇଥିଲେ। ପାଳନ କମିଟିର ଆବାହକ ତଥା ଓଡ଼ିଶା ଦିବସ ପାଳନ କାର୍ଯ୍ୟକ୍ରମର ସଂଯୋଜକ ହିସାବରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକଙ୍କ ଦ୍ୱାରା ବିଗତ ବର୍ଷର ବିବରଣୀ ଉପସ୍ଥାପନ କ୍ରମେ ଆଲୋଚନା କରାଯାଇ ଉକ୍ତ ଦିବସ ପାଳନ ନିମନ୍ତେ ନିଷ୍ପତ୍ତି ନିଆଯାଇଥିଲା। ଓଡ଼ିଶା ଦିବସ ପାଳନ ଉପଲକ୍ଷେ ପ୍ରାତଃ କାଳରୁ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ଡାକବାଜି ଯନ୍ତ୍ର ଯୋଗେ ଭଦ୍ରକ ପୌରାଞ୍ଚଳରେ ବନ୍ଦେ ଉତ୍କଳ ଜନନୀ ପରିକ୍ରମା କରାଯିବ। ପୌରାଞ୍ଚଳରେ ଥିବା ବିଦ୍ୟାଳୟ ମାନଙ୍କର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସ୍କୁଲ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ପ୍ରଭାତଫେରି କରାଯିବ। ଭଦ୍ରକ ସହର ମୁଖ୍ୟ ରାସ୍ତା ପାର୍ଶ୍ୱରେ ଥିବା ମହାପୁରୁଷ ମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବ। ଅପରାହ୍ନରେ ଶହିଦ୍ ସ୍ମୃତି ଭବନରେ ସାଧାରଣସଭା, ପୁରସ୍କାର ବିତରଣ ସହିତ ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ଦିବସ ପାଳନ ଉପଲକ୍ଷେ ଚଳିତ ମାସ ୨୭ ଓ ୨୮ ରେ ସ୍କୁଲପିଲା ମାନଙ୍କୁ ନେଇ ଜୁନିୟର ଓ ସିନିୟର ବିଭାଗ ମଧ୍ୟରେ ଓଡ଼ିଆରେ ବକ୍ତୃତା, ଓଡ଼ିଶା ସମ୍ବନ୍ଧରେ ଦେଶାତ୍ମବୋଧକ ସଙ୍ଗୀତ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ କରାଯିବା ନେଇ କାର୍ଯ୍ୟସୂଚୀ ନିର୍ଦ୍ଧାରିତ କରାଗଲା। ଏହି ସବୁ ପ୍ରତିଯୋଗିତା ଆୟୋଜନରେ ସୂଚନା ଓ ଲୋକସଂପର୍କ ବିଭାଗ ସହ ସାଳନ୍ଦୀ ହସ୍ପିଟାଲ, ସାଳନ୍ଦୀ ନର୍ସିଂ ସ୍କୁଲ, ଆସିୟାନା ଅନୁଷ୍ଠାନର ସହଯୋଗ ପ୍ରଦାନ ନେଇ ଅନୁଷ୍ଠାନ ର କର୍ମକର୍ତ୍ତାଙ୍କ ଦ୍ୱାରା ପ୍ରଦତ୍ତ ପ୍ରସ୍ତାବ ବୈଠକରେ ଅନୁମୋଦିତ ହୋଇଥିଲା। ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀ, ଡି.ଏସ୍.ପି.ଡି.ଆଇ.ବି. କମଳ ଲୋଚନ ଭୂୟାଁ, ଜନସ୍ୱାସ୍ଥ୍ୟ ବିଭାଗ ଯନ୍ତ୍ରୀ ମଧୁସୂଦନ ସିଂ, ଜିଲ୍ଲା ସଂସ୍କୃତି ଅଧିକାରୀ ତନୁଜା ସିର୍କା, ପ୍ରମୁଖ ଏହି ବୈଠକରେ ଉପସ୍ଥିତ ରହି ଆଲୋଚନାରେ ମାତାମତ ପ୍ରଦାନ କରିଥିଲେ।

## ବଳବୁଦ୍ଧି ଗ୍ରାମରେ ମୁନିସମାଜର ଜ୍ଞାନଯଜ୍ଞ

ବଳବୁଧ, ୧୬/୦୩ (ନି.ପ୍ର): ବଳବୁଧି ଗ୍ରାମସ୍ଥିତ ମୁନି ଅକ୍ଷୟ ବାବୁଙ୍କ ବାସଭବନରେ ତାଙ୍କ ସୁପୁତ୍ର ଜିତେନ୍ଦ୍ରିୟ ଙ୍କର ଶୁଭ ଜନ୍ମଦିନ, ସିଦ୍ଧ-ସାଧକ, ଆତ୍ମଜ୍ଞାନୀ ଯୋଗୀ ଜୟକୃଷ୍ଣ ମୁନିଜୀଙ୍କ ଅଧ୍ୟକ୍ଷତାରେ ମହା ସମାରୋହରେ ପାଳିତ ହୋଇଯାଇଛି। ଯୋଗ ଦାନ କରିଥିଲେ, ମୁନି ସମାଜର ପ୍ରାନ୍ତୀୟ ସହ ସମ୍ପାଦକ ଆତ୍ମଜ୍ଞାନୀ ଯୋଗୀ ଚିତ୍ତରଞ୍ଜନ ମୁନିଜୀ ମହୋଦୟ, ସିଦ୍ଧ-ସାଧକ, ଆତ୍ମଜ୍ଞାନୀ ଯୋଗୀ ମନ୍ମଥ ଆଇଚ ମହୋଦୟ, ଆଦର୍ଶ ମାତା, ମମତାମୟୀ ପରମପୂଜ୍ୟା, ଆତ୍ମଜ୍ଞାନୀ ଯୋଗଶିକ୍ଷୟତ୍ରୀ କନକଲତା ଆଇଚ ମହୋଦୟା, ଆତ୍ମଜ୍ଞାନୀ ଯୋଗୀ ମକରନ୍ଦମୁନିଜୀ ମହୋଦୟ ଇତ୍ୟାଦି ଏବଂ ପରିବାରର ସଦସ୍ୟ ସଦସ୍ୟା ବନ୍ଧୁ ବାନ୍ଧବ ସାହି ପଡିଶା ସମସ୍ତେ । ସମୂହ ପ୍ରଣବ ଶୁଭ ଭାବନା, ବେଦ ପାଠ, ଶାନ୍ତି ପାଠ କରାଯାଇ ଜିତେନ୍ଦ୍ରିୟଙ୍କୁ ସମୂହ ଶୁଭ ଆଶିର୍ବାଦ ପ୍ରଦାନ କରାଯାଇଥିଲା । ତାଙ୍କର ଆଧ୍ୟାତ୍ମିକ, ଆଦିଭୌତିକ, ଆଦି ଦୈବିକ ଉନ୍ନତି ସହିତ ଦୀର୍ଘ ନିରୋଗ ନିରାମୟ ଆନନ୍ଦମୟ ଜୀବନର ଶୁଭ କାମନା କରାଯାଇଥିଲା । ଶେଷରେ ଅକ୍ଷୟ ମୁନି ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରି ଏକାତ୍ମ ସୁସ୍ୱାଦୁ ବ୍ୟଞ୍ଜନରେ ଆପ୍ୟାୟିତ କରିଥିଲେ।

## ବିଶ୍ୱବିଦ୍ୟାଳୟରେ ବସନ୍ତ ଉତ୍ସବ ପାଳିତ : ନାଚିଲେ, ଗାଇଲେ ଓ ପରସ୍ପରକୁ ରଙ୍ଗ ବୋଳିଲେ ଛାତ୍ରଛାତ୍ରୀ



ବାରିପଦା, ୧୬/୦୩ (ନି.ପ୍ର): ସ୍ଥାନୀୟ ତକତପୁର ସ୍ଥିତ ମହାରାଜା ଶ୍ରୀରାମ ଚନ୍ଦ୍ର ଭଂଜଦେଓ ବିଶ୍ୱବିଦ୍ୟାଳୟ ପରିସରରେ ଏକ ମଧୁମୟ ପରିବେଶରେ ବିଶ୍ୱବିଦ୍ୟାଳୟର ସମସ୍ତ କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କୁ ନେଇ ହର୍ଷ ଉଲ୍ଲାସର ସହିତ ବସନ୍ତ ଉତ୍ସବ ପାଳିତ ହୋଇଯାଇଛି । ଅନୁଷ୍ଠିତ ଉତ୍ସବରେ ବିଶ୍ୱବିଦ୍ୟାଳୟର ସ୍ନାତକୋତର ପରିଷଦ ଅଧକ୍ଷ ପ୍ରଫେସର ପ୍ରମୋଦ କୁମାର ଶତପଥୀ ସଭାପତିତ୍ୱ କରିବା ସହିତ ମୁଖ୍ୟବକ୍ତା ରୂପେ ସାମ୍ବାଦିକ ସଂଜୟ ଚୌଧୁରୀ ଓ ସମ୍ମାନିତ ଅତିଥି ରୂପେ ବାଙ୍ଗିରିପୋଷି ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟର ଅଧକ୍ଷା ଡ଼ଃ. ପୁଷ୍ପା ପାତ୍ର ଯୋଗଦେଇ ବସନ୍ତର ବୈଭବମୟ ବର୍ଣ୍ଣନା ପୂର୍ବକ ପ୍ରେମ ଓ ପ୍ରକୃତିର ଅପୂର୍ବ ସଂଯୋଗ ସମ୍ପର୍କରେ ନିଜ ନିଜ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଉତ୍ସବ ଅବସରରେ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ଏକ ସ୍ୱରଚିତ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିବା ବେଳେ, ଛାତ୍ରଛାତ୍ରୀ ମାନେ ସ୍ୱରଚିତ କବିତା ଆବୃତି କରିଥିଲେ । ସମ୍ମିଳିତ ବି.ଇଡି.ଏମ୍.ଇଡି. ବିଭାଗର ଶେଷ ବର୍ଷର ଛାତ୍ର ସ୍ନେହାଶିଷ ମହାନ୍ତି ମଂଚ ସଂଚାଳନ କରିଥିବା ବେଳେ ବିଶ୍ୱବିଦ୍ୟାଳୟର ଛାତ୍ର ଶୁଭଜିତ୍ ପାଣି ଦଧି ହାଣ୍ଡି ଭାଙ୍ଗିଥିଲେ । ଅନ୍ୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅଭିଷେକ ପଣ୍ଡା, କାବ୍ୟଶ୍ରୀ ନନ୍ଦ, ଦେବାହୋତି ସେଂଟ, ସ୍ୱପ୍ନେଶ୍ୱର ଗୋଛାୟତ ଓ ସଂଜିପ କୁମାର ଦାଶ ପ୍ରମୁଖ କାର୍ଯ୍ୟକ୍ରମର ସଂଯୋଜନା ଦାୟିତ୍ୱରେ ଥିଲେ । ବିଶ୍ୱବିଦ୍ୟାଳୟର ଓଡ଼ିଆ ଭାଷା ସାହିତ୍ୟ ବିଭାଗର ମୁଖ୍ୟ ଡ଼ଃ. ବିଚିତ୍ରାନନ୍ଦ ସାହୁ କାର୍ଯ୍ୟକ୍ରମ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

ଶୁକ୍ରବାର, ମାର୍ଚ୍ଚ ୧୭, ୨୦୨୩

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ଡ୍ରାଇଭରଙ୍କ ଷ୍ଟିୟରିଂ ଛାଡ଼ ଆନ୍ଦୋଳନର ଦ୍ୱିତୀୟ ଦିନ

ବାଲେଶ୍ୱର, ୧୬/୦୩ (ନି.ପ୍ର): ବିଭିନ୍ନ ଦାବିକୁ ନେଇ ଓଡିଶା ଡ୍ରାଇଭର ଏକତା ମଞ୍ଚ ଆହ୍ୱାନ କ୍ରମେ ସମଗ୍ର ରାଜ୍ୟରେ ଚାଲିଥିବା ଷ୍ଟିୟରିଂ ଛାଡ଼ ଆନ୍ଦୋଳନ କ୍ରମଶଃ ଜଟିଳ ଅଭିମୁଖେ ଯାଉଥିବା ଲକ୍ଷ୍ୟ କରାଯାଇଛି । ବିଶେଷ କରି ମାଲ ପରିବହନ ବନ୍ଦ ଯୋଗୁଁ ବାଧାପ୍ରାପ୍ତ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣର ପ୍ରଭାବ ପରିଲକ୍ଷିତ ହୋଇଛି । ଟ୍ୟାଙ୍କର ଲରି ବନ୍ଦ ରହିବା ଫଳରେ ପେଟ୍ରୋଲ, ଡିଜେଲ ପ୍ରଭୃତିର ଅଭାବର ପ୍ରତିଫଳନ ଦେଖିବାକୁ ମିଳିଛି । ବାଲେଶ୍ୱର ସହରର ବହୁ ପେଟ୍ରୋଲ ପମ୍ପରେ ତେଲ ମିଳୁନଥିବା ବେଳେ ଯେଉଁଠାରେ ବି ଖୋଲା ରହିଛି, ସେଠାରେ ତେଲ ଭରିବାକୁ ନାହିଁନଥିବା ଭିଡ଼ ପରିଲକ୍ଷିତ ହୋଇଛି । ପେଟ୍ରୋଲ ପମ୍ପ କର୍ତ୍ତୃପକ୍ଷ ପ୍ରତି ବାଇକକୁ ୫୦ କିମ୍ବା ୧୦୦ ଟଙ୍କାର ପେଟ୍ରୋଲ ଦେଉଛନ୍ତି । ସେହିଭଳି ଡ୍ରାଇଭରଙ୍କ ଆନ୍ଦୋଳନ ଯୋଗୁଁ ଆଜି ଦ୍ୱିତୀୟ ଦିନରେ ପନିପରିବାଠାରୁ ଆରମ୍ଭ କରି ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ମୂଲ୍ୟ ବୃଦ୍ଧି ପାଇବାରେ ଲାଗିଛି । ବିଶେଷ କରି ବାହାର ରାଜ୍ୟରୁ ଆସୁଥିବା ଗାଡ଼ିକୁ ଆନ୍ଦୋଳନରତ ଡ୍ରାଇଭରମାନେ ସଂଘବଦ୍ଧ ହୋଇ ଜାତୀୟ ରାଜପଥରେ ଅଟକ ରଖିବା ଫଳରେ ଧୀରେ ଧୀରେ ଅବସ୍ଥା ସଙ୍ଗୀନ ଅଭିମୁଖେ ଯାଉଥିବା ଲକ୍ଷ୍ୟ କରାଯାଇଛି । ଟାଙ୍କିରେ ପେଟ୍ରୋଲ ଡିଜେଲ ଆଦି ବନ୍ଦ ହୋଇଯିବା ଓ ଅତ୍ୟାବଶ୍ୟକ ସାମଗ୍ରୀ ନମିଳିବା ଆଶଙ୍କାରେ ସାଧାରଣରେ ତତ୍ପରତା ପ୍ରକାଶ ପାଇଛି । ଲୋକେ ଆବଶ୍ୟକଠାରୁ ଅଧିକରୁ ଅଧିକ ସାମଗ୍ରୀ କ୍ରୟ କରିବାରେ ଲାଗିଛନ୍ତି । ସ୍ଥିତିକୁ ଲକ୍ଷ୍ୟ କରି ବ୍ୟବସାୟୀମାନେ ଫାଇଦା ପାଇଁ ଦରବୃଦ୍ଧି କରୁଥିବା ବିଭିନ୍ନ ମହଲରେ ଆରୋପ ଉଠିଛି । ତେବେ ଏ ବାବଦରେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାନଯିବା ଦୁର୍ଭାଗ୍ୟର ବିଷୟ ବୋଲି ବୁଦ୍ଧିଜୀବୀମାନେ ପ୍ରକାଶ କରିଛନ୍ତି । ତେବେ ଡ୍ରାଇଭର ଏକତା ମଞ୍ଚର ନିଷ୍ପତି କ୍ରମେ ପ୍ରଥମ ଦିନ ସ୍କୁଲ ବସ୍, ପରୀକ୍ଷା ଡ୍ୟୁଟିରେ ନିୟୋଜିତ ଗାଡି, ଛାତ୍ରଛାତ୍ରୀ ଯାଉଥିବା ଗାଡି, ଆମ୍ବୁଲାନ୍ସ, ମେଡିକାଲ ଷ୍ଟାଫ୍ ଯାଉଥିବା ଗାଡି, ବିଦ୍ୟୁତ ବିଭାଗ ଗାଡି, ଦମକଳ ଓ ଘରୋଇ ନମ୍ବର ଥିବା ଗାଡ଼ି ଚଳାଚଳରେ କୌଣସି ବ୍ୟାଘାତ ରାଯାଇ ନଥିଲା । ମାତ୍ର ଦ୍ୱିତୀୟ ଦିନ ପେଟ୍ରୋଲ ଓ ଡିଜେଲ ଅଭାବରୁ ଆପଣାଛାଏଁ ସହର ରାସ୍ତାରେ ୫୦ ପ୍ରତିଶତ ଯାନବାହାନ କମ ଚଳ ପ୍ରଚଳ କରୁଥିବା ଦେଖିବାକୁ ମିଳିଥିଲା । ତେବେ ଏହି ଆନ୍ଦୋଳନକୁ ଅଟୋରିକ୍ସା ସଂଘ ସମର୍ଥନ ଜଣାଇଥିଲେ ବି ସିଧାସଳଖ ଏଥିରେ ସାମିଲ ହୋଇନାହାନ୍ତି ।

# ଓଡିଶା-ପଶ୍ଚିମବଂଗ ଉପାନ୍ତରେ ସାଇବର ଠକ ସକ୍ରିୟ : ଦୁଇଗୋଷ୍ଠୀ ମଧ୍ୟରେ ଅନ୍ତର୍ଦ୍ୱନ୍ଦ୍ୱ

ଜଳେଶ୍ୱର, ୧୬/୦୩ (ନି.ପ୍ର): ସମଗ୍ର ଦେଶରେ ସାଇବର ଠକେଇ ଦିନକୁ ଦିନ ବଢି ଚାଲୁଥିବା ବେଳେ ବାଲେଶ୍ୱର ଓ ମେଦିନୀପୁର ଉପାନ୍ତ ଜିଲାମାନଙ୍କରେ ଏପରି କାର୍ଯ୍ୟ ହେଉଥିବା ଆଜି ସୁରାକ ମିଳିଛି । ପଶ୍ଚିମବଂଗର ପଶ୍ଚିମ ମେଦିନୀପୁର ଜିଲାର କତିପୟ ଯୁବକ ଜଳେଶ୍ୱର ଅଂଚଳର କେତେକ ଯୁବକଙ୍କୁ ହାତବାରିସୀ କରି ଗତ କିଛିଦିନ ଧରି ସାଇବର କ୍ରାଇମ୍‌ରେ ଲିପ୍ତ ରହିଛନ୍ତି । ପଶ୍ଚିମବଂଗର ମାଟିବିରୁଆ ଅଂଚଳର ଯୁବକମାନେ ଏକଚାଟିଆଭାବେ ସବୁ ଅର୍ଥ ନେଇ ଯାଉଥିବାରୁ ଜଳେଶ୍ୱର ଅଂଚଳର ଯୁବକ ମାନଙ୍କ ମଧ୍ୟରେ ହତାଶାଭାବ ସୃଷ୍ଟି ହୋଇଛି । ଫଳରେ ଦୁଇଗୋଷ୍ଠୀ ଆଜି ଉପାନ୍ତ ଗ୍ରାମ ଆମ୍ବଲିଅଠା ଠାରେ ମୁହାଁମୁହିଁ ହୋଇଥିଲେ । ପଶ୍ଚିମବଂଗର ଦୁଇ ଯୁବକକୁ ଜଳେଶ୍ୱରର ଅନ୍ୟ କେତେକ ଯୁବକ ଧରି ଜଳେଶ୍ୱର କୋର୍ଟ ପରିସରକୁ ଯାଇଥିଲେ । ସେଠାରେ ଦୁଇଗୋଷ୍ଠୀଙ୍କ ମଧ୍ୟରେ ଆପୋଷ ବୁଝାମଣା ହୋଇଥିଲେ ମଧ୍ୟ ପଶ୍ଚିମବଂଗର ଯୁବକ ଠାରୁ ୪୦ଲକ୍ଷ ଟଙ୍କା ଦାବି ନେଇ ସମସ୍ୟା ସୃଷ୍ଟି ହୋଇଥିଲା । ଆମ୍ବଲିଅଠାର ଜନୈକ ଯୁବକକୁ କିଛିଦିନ ପୂର୍ବରୁ ଏ ସଂପର୍କରେ ପୋଲିସ୍ ଉଠାଇ ନେଇ ପଚରାଉଚରା କରିଥିବା ବେଳେ ଆଜି ମଧ୍ୟ ଏହି ଯୁବକ ସହିତ ଗ୍ରାମର ଅନ୍ୟକେତେକ ଯୁବକ ସାମିଲ ହୋଇଥିବା ଦେଖିବାକୁ ମିଳିଛି । ମାଟିପୁରର ଯୁବକମାନଙ୍କୁ ଏଠାକୁ ନେଇଆସିବା ପରେ ଗ୍ରାମ ମଝିରେ ରଣକ୍ଷେତ୍ର ସୃଷ୍ଟି ହୋଇଥିଲା । ଘଟଣାସ୍ଥଳରେ ରୋକାରଣ୍ୟ ହୋଇଯାଇଥିଲା । ଘଟଣା ସଂପର୍କରେ ପ୍ରତ୍ୟେକ୍ଷଦର୍ଶୀ କିଛି ବୁଝିପାରୁନଥିବା ବେଳେ ପଶ୍ଚିମବଂଗର ଯୁବକ ମାନଙ୍କୁ କୋର୍ଟ ପରିସରକୁ ଅଣାଯିବାକୁ ନେଇ ବହୁକଥା ଶୁଣିବାକୁ ମିଳୁଛି । ପୁଲିସ୍ ପ୍ରଶାସନ ଏଥିନେଇ ଦୃଷ୍ଟି ଦେବାକୁ ଦାବି ହେଉଛି ।

## ଅଟୋରିକ୍ସା ସମନ୍ୱୟ ସମିତି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର

ବାଲେଶ୍ୱର, ୧୬/୦୩ (ନି.ପ୍ର): ବିଭିନ୍ନ ଦାବିକୁ ନେଇ ବାଲେଶ୍ୱର ଅଟୋ ରିକ୍ସା ସମନ୍ୱୟ ସମିତି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି । ସମନ୍ୱୟ ସମିତି କର୍ମକର୍ତ୍ତା ପ୍ରେମରଞ୍ଜନ ପାତ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଅତିରିକ୍ତ ଜିଲ୍ଲାପାଳ ନୀଲୁ ମହାପାତ୍ରଙ୍କୁ ସାକ୍ଷାତ ସହ ସହର ମଧ୍ୟରେ ଚଳାଚଳ କରୁଥିବା ଅଟୋ ରିକ୍ସା ଚାଳକଙ୍କ ସମସ୍ୟା ଓ ତାହାର ନିରାକରଣ ସମ୍ପର୍କରେ ଅଲୋଚନା କରିଥିଲେ । ବିଶେଷ କରି ଅଟୋ ରିକ୍ସା ଚାଳକଙ୍କୁ ପରିବହନ ଶ୍ରମିକର ମାନ୍ୟତା ପ୍ରଦାନ ସହ ସେମାନଙ୍କୁ ମାସିକ ସର୍ବନିମ୍ନ ୨୬ହଜାର ଟଙ୍କାର ଦରମା ପ୍ରଦାନ ପାଇଁ ଶ୍ରୀ ପାତ୍ର ଦାବି ଉପସ୍ଥାପନ କରିଥିଲେ । ଏହା ସହିତ ଅଟୋ ରିକ୍ସା ଚାଳକଙ୍କ ଅବସରକାଳୀନ ୧୦ହଜାର ଟଙ୍କା ପେନସନ, ଦୁର୍ଘଟଣା ଜନିତ ବୀମା ଅର୍ଥାତ ଅଟୋ ଚଳାଉଥିବା ବେଳେ ଦୁର୍ଘଟଣାରେ ମୃତ ଚାଳକଙ୍କୁ ୨୦ଲକ୍ଷ ଟଙ୍କା ଓ ବିକଳାଙ୍ଗ ହେଲେ ୧୦ଲକ୍ଷ ଟଙ୍କା କ୍ଷତିପୂରଣ, ଅଟୋ ଚାଳକଙ୍କୁ ଇପିଏଫ ଓ ଇଏସଆଇ ଯୋଜନାରେ ଅନ୍ତର୍ଭୁକ୍ତ ପ୍ରଭୃତି ସହିତ ଅଟୋ ଚାଳକଙ୍କ ପାଇଁ ଏକ କଲ୍ୟାଣ ବୋର୍ଡ ଗଠନ ପାଇଁ ସମନ୍ୱୟ ସମିତି କର୍ମକର୍ତ୍ତାମାନେ ଦାବି କରିଥିଲେ ।

## ଜଳେଶ୍ୱର ଓକିଲ ସଂଘ ନିର୍ବାଚନ : ୧୨ ନିର୍ଦ୍ୱନ୍ଦ୍ୱରେ ଓ ୪ ପଦବୀରେ ମତଦାନ

ଜଳେଶ୍ୱର, ୧୬/୩(ନି.ପ୍ର): ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ଆସନ୍ତା ୨୫ ତାରିଖରେ ବାର୍‌ଗୁଡିକର ନିର୍ବାଚନ ହେବା ନିଷ୍ପତ୍ତି ହୋଇଛି । ସେହି ଅନୁଯାୟୀ ଜଳେଶ୍ୱର ବାର୍‌ରେ ମଧ୍ୟ ନିର୍ବାଚନ ଲାଗି ପ୍ରସ୍ତୁତି ଶେଷ ହୋଇଛି । ଏଥିରେ ଉପସଭାପତିଭାବେ ଭବାନୀଶଂକର ଭଂଜ, ଯୁଗ୍ମ ସଂପାଦକଭାବେ ସବିତା ସାହୁ, ସହ ସଂପାଦକ ଭାବେ ଜଗଦୀଶ ଚନ୍ଦ୍ର ପାଳ, ପାଠାଗାର ସଂପାଦକଭାବେ ବିରେନ୍ଦ୍ର ନାଥ ମହାନ୍ତି, ପାଠାଗାର ସହ ସଂପାଦକଭାବେ ରାମକୃଷ୍ଣ ନନ୍ଦି ଓ କାର୍ଯ୍ୟକାରୀ ସଦସ୍ୟଭାବେ ଅଜିତ୍ କୁମାର ସୁର, ଅସିମ କୁମାର ଦେ, ବିଷ୍ଣୁପଦ ଦାସମହାପାତ୍ର, ଲକ୍ଷ୍ମୀ ନାରାୟଣ ପ୍ରମାଣିକ, ରେଜିଆ ସୁଲତାନା ବେଗମ୍, ସରୋଜ କୁମାର ଭୂୟାଁ, ସ୍ନିଗ୍ଧା ପାଣିଗ୍ରାହୀ ର୍ନିଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି । କିନ୍ତୁ ସଭାପତିଭାବେ କୁଂଜ ବିହାରୀ ଦାସ ଓ ପତିତପାବନ ପ୍ରଧାନ, ସଂପାଦକଭାବେ ବିଜନ କୁମାର ଦେ, ମଦନ କୁମାର ରାଉଳ ଓ ମନୋରଂଜନ ମିଶ୍ର, କୋଷାଧ୍ୟକ୍ଷଭାବେ ବିନୋଦ କୁମାର ଗିରି ଓ ଦିଲ୍ଲିପ କୁମାରଯ ମହାନ୍ତଙ୍କ ମଧ୍ୟରେ ନିର୍ବାଚନ ଅନୁଷ୍ଠିତ ହେବ ବୋଲି ଜଣାଯାଇଛି ।

## ସୁବର୍ଣ୍ଣରେଖା ବନ୍ଦର ପକ୍ଷରୁ ଜ୍ୟୋତି ମେଧାବୃତ୍ତି ପ୍ରଦାନ



ବାଲିଆପାଳ, ୧୬/୦୩ (ନି.ପ୍ର): ଆଜି ବାଲିଆପାଳ ଶାରୀରିକ ଶିକ୍ଷା ମହାବିଦ୍ୟାଳୟ ପରିସରରେ ଟାଟା ଷ୍ଟିଲ ଫାଉଣ୍ଡେସନ ଦ୍ୱାରା ସୁବର୍ଣ୍ଣରେଖା ବନ୍ଦର ସାମାଜିକ ଦାୟିତ୍ୱବୋଧ ଅନ୍ତର୍ଗତ ଜ୍ୟୋତି ମେଧାବୃତି ଶିକ୍ଷା ବର୍ଷ ୨୦୨୨ ପ୍ରଦାନ କରାଯାଇଅଛି । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସପ୍ତମ ଶ୍ରେଣୀ ଏବଂ କଲେଜ ସ୍ତରର ମୋଟ ୧୬୮ ଜଣ ଛାତ୍ରଛାତ୍ରୀଙ୍କୁ ୮ଲକ୍ଷ ୫୯ ହଜାର ୨୫୦ଟଙ୍କା ମେଧାବୃତି ଭାବେ ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମକୁ ବାଲେଶ୍ୱର ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଧେ ଏବଂ ଫକୀର ମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ.ସନ୍ତୋଷ କୁମାର ଷଡଙ୍ଗୀଙ୍କ ଦ୍ୱାରା ଛାତ୍ରଛାତ୍ରୀମାନଙ୍କୁ ମେଧାବୃତି ବଂଟନ କରାଯାଇଛି । ଏହି ଉତ୍ସବରେ ସୁବର୍ଣ୍ଣରେଖା ବନ୍ଦର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରକାଶ କୁମାର ସିଂ ଉପସ୍ଥିତ ରହି ପିଲାମାନଙ୍କର ଶିକ୍ଷାର ଉନ୍ନତି ନିମନ୍ତେ ଏହି ଭଳି ଅନେକ କାର୍ଯ୍ୟକ୍ରମ ଆଗକୁ ନିଆଯିବାର ବ୍ୟବସ୍ଥା କରାଯାଉଛି ବୋଲି କହିଥିଲେ । ଟାଟା ଷ୍ଟିଲ ଫାଉଣ୍ଡେସନର ମୁଖ୍ୟ ପ୍ରମୋଦ କୁମାର ପାତ୍ର ସଭାକାର୍ଯ୍ୟ ପରିଚାଳନା କରିଥିଲେ । ୭୦% ଶତକଡାରୁ ଅଧିକ ନମ୍ବର ରଖିଥିବା ୧୩ ଜଣ ଛାତ୍ରଛାତ୍ରୀଙ୍କୁ ଟାବଲେଟ ସହିତ ସ୍କୁଲ ବ୍ୟାଗ ତଥା ସାର୍ଟିଫିକେଟ ଅତିଥିମାନେ ପ୍ରଦାନ କରିଥିଲେ । ଏଥି ସହିତ ସଡକ ସଚେତନତା କାର୍ଯ୍ୟକ୍ରମ ଉପରେ ମଧ କୃତୀତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା ।

## ମଙ୍ଗଳପୁର ପାହାଡ଼ରେ ଲାଗିଥିବା ନିଆଁକୁ ଆୟତ କଲା ବନବିଭାଗ

ନୀଳଗିରି, ୧୬/୦୩ (ନି.ପ୍ର): କୁଲଡିହା ଅଭୟାରଣ୍ୟ ହାତିଖୁଲିଆ ବିଟ୍ ଅଧିନ ମଙ୍ଗଳପୁର ପାହାଡ଼ରେ ଲାଗିଥିବା ନିଆଁକୁ କୁଲଡିହା ରେଞ୍ଜରଙ୍କ ନିର୍ଦ୍ଦେଶରେ ହାତିଖୁଲିଆ ଫରେଷ୍ଟର ପଦ୍ମାବତୀ ବେହେରା, ଫରେଷ୍ଟ ଗାର୍ଡ ଜୟନ୍ତ ପ୍ରଧାନ ଓ ଗାଇଡ ତଥା ସମାଜସେବୀ ମନୋରଂଜନ ଦାସଙ୍କ ସହ ବାଲେଶ୍ୱର ର ବିଶ୍ୱଜିତ୍ ପଣ୍ଡା, ଅସୀମ ଜେନା, ଶୁଭସ୍ମିତା ପଣ୍ଡା, ଜୟନ୍ତ ପଲାଇ, ଚନ୍ଦନ ମିଶ୍ର ପ୍ରମୁଖ ମଶି ଉକ୍ତ ନିଆଁକୁ ଲିଭାଇବାରେ ସାହାଯ୍ୟ କରିଥିଲେ । ସନ୍ଧ୍ୟା ପ୍ରାୟ ୬ ଘଂଟା ଠାରୁ ରାତ୍ର ୨.୩୦ ମି. ସମୟ ପର୍ଯ୍ୟନ୍ତ ଏହି ନିଆଁ ଲିଭା କାର୍ଯ୍ୟ ଚାଲିଥିଲା । ଶେଷରେ ନିଆଁକୁ ଆୟତ କରାଯାଇ ପାରିଥିଲା ।

## ସାପ କାମୁଡ଼ାରେ କଇନଗରି ଯୁବକ ମୃତ

ବସ୍ତା, ୧୬/୦୩ (ନି.ପ୍ର): ବସ୍ତା ବ୍ଲକର କଇନଗରି ପଞ୍ଚାୟତ ଅନ୍ତର୍ଗତ କଇନଗରି ଗ୍ରାମ ର ଶ୍ରୀମନ୍ତ ବେହେରାଙ୍କ ପୁଅ ଧର୍ମପଦ ବେହେରା ବୟସ(୪୦)ବର୍ଷ ସେ ବୁଧବାର ସନ୍ଧ୍ୟା ସମୟରେ ବିଲରୁ ଘରକୁ ଫେରୁଥିବା ସମୟରେ ଏକ ବିଷାକ୍ତ ସାପ କାକୁଡି ଦେଇଥିଲା । ପରିବାର ଲୋକେ ବସ୍ତା ହସ୍ପିଟାଲ ନେଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ । ଖବର ପାଇ ସିଂଲା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଶବ ଜବତ କରିବା ସହ କେଶ ନଂ ୭/୨୩ ମୂଳେ ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇ ଥିବା ସୂଚନା ମିଳିଛି । ମୃତ୍ୟୁ ଖବର ପାଇ ଜିଲ୍ଲା ପରିଷଦ ପ୍ରତିନିଧି ଅଞ୍ଜନ ଦଣ୍ଡପାଟ, ପୂର୍ବତନ ବ୍ଲକ ଅଧକ୍ଷ ଲକ୍ଷ୍ମୀଧର ଦାସ, ସାହାଡା ସରପଞ୍ଚ ଜଗବନ୍ଧୁ ବର, ଇଡିଦା ପୂର୍ବତନ ସରପଞ୍ଚ ଦେବୀପ୍ରସାଦ ଭଞ୍ଜ, କଇନଗରି ପୂର୍ବତନ ସରପଞ୍ଚ ପ୍ରତିନିଧି କିଶୋରାମ ସି, କଇନଗରି ପଞ୍ଚାୟତ ସରପଞ୍ଚ ପ୍ରତିନିଧି ରାଧାପଙ୍କଜ ମଣ୍ଡଳ ପ୍ରମୁଖ ତାଙ୍କ ବାସଭବନ ରେ ପହଞ୍ଚି ମରଶରୀର ରେ ପୁଷ୍ପ ମାଲ୍ୟାର୍ପଣ କରିବା ସହିତ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଶାନ୍ତନା ଦେଇଥିଲେ । ଏହି ପରିବାରକୁ ଖୁବଶୀଘ୍ର ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି କରିଛନ୍ତି । ତାଙ୍କ ମୃତ୍ୟୁରେ ଉକ୍ତ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

## ବସ୍ତା ଲାୟନ୍ସ କ୍ଲବ ତରଫରୁ ବିଦ୍ୟାଧରପୁର ଅଗ୍ନି ବିପନ୍ନଙ୍କୁ ସହାୟତା



ବସ୍ତା, ୧୬/୦୩ (ନି.ପ୍ର): ବସ୍ତା ଲାୟନ୍ସ କ୍ଲବ ତରଫରୁ ପତ୍ରଝଡା ଗ୍ରାମ ପଞ୍ଚାୟତ ବିଦ୍ୟାଧର ପୁର ରେ ବୁଧବାର ଗ୍ରାମରେ ଗତ ସପ୍ତାହରେ ସର୍ଟ ସର୍କିଟ ଘଟି ୯ ଜଣଙ୍କ ପରିବାର ଅଗ୍ନିକାଣ୍ଡ ଘଟି ସମ୍ପୂର୍ଣ୍ଣ ଜଳି ପାଉଁଶ ହୋଇଯାଇଛି । ରହୁଥିବା ଅଗ୍ନି ବିପର୍ନ୍ନଙ୍କ ଅବସ୍ଥା ଅତ୍ୟନ୍ତ ଦୟନୀୟ । ଏଭଳି ଅବସ୍ଥାରେ ବିଭିନ୍ନ ସେଚ୍ଛା ସେବି ଅନୁଷ୍ଠାନ ରାଜନୈତିକ ଦଳ କର୍ମକର୍ତ୍ତା ସହାୟତାରହାତ ବଡାଇଛି । ବସ୍ତା ଲାୟନ୍ସ କ୍ଲବ ଦ୍ୱାରା ଅଗ୍ନି ବିପର୍ଣ ଙ୍କୁ ସହାୟତାପ୍ରଦାନ କରାଯାଇଛି । କ୍ଲବରସଭାପତି ଅସିତ ମହାନ୍ତି ସମ୍ପାଦକ ଯୁବ ସମାଜସେବୀ ସୁମନ୍ତ କୁମାର ଜେନା, ଲାୟନ୍ସ ସତ୍ୟନାରାୟଣ କର୍ଣାନି, ସତ୍ୟନାରାୟଣ ଗୁପ୍ତା, ବାସୁ ଦେବ ପ୍ରଧାନ, ଅମରକୁମାର ପାଳ, ସର୍ବେଶ୍ୱର ଜେନା ବିଜୟ କୁମାର ପରିଡା, ନବେନ୍ଦୁ ପ୍ରଧାନ, ସୁଶିଲ କର୍ଣ୍ଣାନି, ସୁଭ୍ରଂଶୁ ଦାସ, ରାଜେଶ ବେହେରା, ବାବୁଲା ମହାନ୍ତି, ଜଗନ୍ନାଥ ଭୂୟାଁ ପ୍ରମୁଖ ଉପସ୍ଥିତ ରହି ସାହାଯ୍ୟ ଯୋଗାଇ ଦେଇ ଥିଲେ ।

## କୁଡୁମୀ ସେନା ପକ୍ଷରୁ ମାର୍ଚ୍ଚ ୨୧ରେ ୬ଘଂଟିଆ ମୟୂରଭଂଜ ବନ୍ଦ



ବାରିପଦା, ୧୬/୦୩ (ନି.ପ୍ର): କୁଡୁମି ସେନାର ଏକ ବୈଠକ ଶ୍ୟାମାଖୁଂଟା ବ୍ଲକ ଧନପୁର ଶିବମନ୍ଦିର ଠାରେ ରାଜ୍ୟ ସଭାପତି ଜୈମୁନି କୁମାର ମହାନ୍ତଙ୍କ ଆହ୍ୱାନ କ୍ରମେ ବ୍ଲକ ସୋଭାପତି ବୀରେନ୍ଦ୍ର ମହାନ୍ତଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଆଗାମୀ ମାର୍ଚ୍ଚ ୨୦ ତାରିଖ ଦିନ ସନ୍ଧ୍ୟା ୬ ଘଟିକା ସମୟରେ ହଜାର ହଜାର ସଂଖ୍ୟାରେ କୁଡୁମି ଛାତ୍ରସେନା, ଯୁବସେନା ଓ ମହିଳାସେନା ମଧୁବନ ଠାରୁ ଛଉପଡ଼ିଆ ପଡିଆ ପର୍ଯ୍ୟନ୍ତ ମଶାଲ ଶୋଭାଯାତ୍ରା କରିବା ସହିତ ୨୧ ତାରିଖ ଦିନ ସକାଳ ୬ ଘଟିକା ଠାରୁ ମଧାହ୍ନ ୧୨ ଘଟିକା ପର୍ଯନ୍ତ ମୟୁରଭଂଜବନ୍ଦ ଡାକରା ଦିଆଯାଇଛି । ଆଗାମୀ ଦିନରେ କୁଡୁମି ଜାତିକୁ ଆଦିବାସୀ ମାନ୍ୟତା ନମିଳିଲେ ଏ ଆନ୍ଦୋଳନ ଉଗ୍ରରୁ ଉଗ୍ର ରୂପ ନେବ । ଏଥିପାଇଁ ସରକାର ଦାୟୀ ରହିବେ ବୋଲି କୁହାଯାଇଛି । ବୈଠକ କରେ କୁଡୁମି ଛାତ୍ରସେନାର ସଭାପତି ସୁଧୀର କୁମାର ମହାନ୍ତ ଉପସଭାପତି ଲୋହିତ କୁମାର ମହାନ୍ତ ସମ୍ପାଦକ ସତ୍ୟବ୍ରତ ମହାନ୍ତ ସହସମ୍ପାଦକ ରବୀନ୍ଦ୍ର ମହାନ୍ତ ପ୍ରମୁଖଙ୍କ ସହିତ ଯୁବ, ଛାତ୍ର ଓ ମହିଳା ସେନାର ବହୁ କର୍ମକର୍ତା ଉପସ୍ଥିତ ଥିଲେ ।

## ବୈଜ୍ଞାନିକଙ୍କ ଜଳ ସଂରକ୍ଷଣ ସଚେତନତା

ଜଳେଶ୍ୱର, ୧୬/୩(ନି.ପ୍ର): ସମଗ୍ର ଉତ୍ତର ବାଲେଶ୍ୱରରେ ଭୂତଳ ଜଳର ବ୍ୟାପକ ଅଭାବ ଦେଖାଦେବା ସମ୍ଭାବନା ଯୋଗୁଁ ଭାରତ ସରକାରଙ୍କ ଜନୈକ ବୈଜ୍ଞାନୀକ ତାଙ୍କ କଷ୍ଟଲବ୍ଧ ଅର୍ଥରେ ସୁଗୋଠାରେ ୨ଟି ପୁଷ୍କରିଣୀ ଖନନ କରି ଇତିହାସ ରଚିବାକୁ ଯାଉଛନ୍ତି । ଏହା ଦ୍ୱାରା ଭୂତଳ ଜଳ ସମତା ରକ୍ଷା ହେବା ସହିତ ଗରିବ କୃଷକମାନେ ସ୍ୱଳ୍ପପାଣି ବ୍ୟବହାର କରି କୃଷିର ଉନ୍ନତି ଘଟାଇପାରିବେ ବୋଲି ଆଜି ଆୟୋଜିତ ସଚେତନତା ସଭାରେ ମତପ୍ରକାଶ ପାଇଛି । ଭାରତ ସରକାରଙ୍କ ଜଳ ନିର୍ଦ୍ଦେଶାଳୟର ମୁଖ୍ୟ ବୈଜ୍ଞାନୀକ ଡ. ଦିଲ୍ଲିପ କୁମାର ପଣ୍ଡା ଏକ ବୈଜ୍ଞାନୀକ ଓ ଇଞ୍ଜିନୀୟର ଦଳ ସହିତ ତାଙ୍କ ପରିଚିତ ସୁଗୋ ଗାଁ ଠାରେ ପହଞ୍ଚିଥିଲେ । ସେଠରେ ୨୦୧୫ ମସିହାରେ ୫ଲକ୍ଷ ଟଙ୍କା ବ୍ୟୟରେ ଖନନ କରି ଜନସାଧାରଣଙ୍କୁ ଉର୍ସ୍ୱଗ କରିଥିବା ପୋଖରୀ ବୁଲି ଦେଖିଥିଲେ । ଚଳିତବର୍ଷ କେନ୍ଦ୍ର ସରକାରଙ୍କ ପକ୍ଷରୁ ତାଙ୍କ ଗବେଷଣା ବାବଦକୁ ୪ଲକ୍ଷ ଟଙ୍କା ମିଳିଥିବାରୁ ନିକଟରେ ଆଇଏକ ପୁଷ୍କରିଣୀ ଖନନ କରିବେ ବୋଲି ସ୍ଥାନ ପରିଦର୍ଶନ କରିଛନ୍ତି । ଭୂତଳ ଜଳ ସ୍ତର ଖସି ଖସି ଚାଲିଥିବାରୁ ସମଗ୍ର ଉତ୍ତର ବାଲେଶ୍ୱର ପିଇବାପାଣି ସଂକଟ ଉତ୍କଟ ହେବାକୁ ଯାଉଥିବାରୁ ତାର ନିରାକରଣ ଲାଗି ସେ ଗତ କିଛିବର୍ଷ ଧରି ଉତ୍ତର ବାଲେଶ୍ୱରର ବିଭିନ୍ନ ସ୍ଥାନରେ ସଚେତନତା ସେବା କରିଆସୁଛନ୍ତି । ସମଗ୍ର ଉତ୍ତର ବାଲେଶ୍ୱରରେ ଭୂତଳ ଜଳ ନ ମିଳିବା ସଂପର୍କରେ ଭବିଷ୍ୟବାଣୀ ଶୁଣାଇଛନ୍ତି । ତେଣୁ ର ରିଚାର୍ଯ୍ୟ ଏକାନ୍ତ ଆବଶ୍ୟକ ବୋଲି ସେ ଜନସଚେତନତା କରି ଆସୁଛନ୍ତି । ଏବେ ୧୦୦ ଫୁଟରୁ ତଳକୁ ଜଳସ୍ତର ଖସିଥିବା ଏବଂ ଚାଷୀମାନେ କୃଷି ମଧ୍ୟରେ ଧାନଚାଷକୁ ଅଧିକ ଗୁରୁତ୍ୱ ଦେଉଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ସେ ସୂଚନା ଦେଇଛନ୍ତି । ପୂର୍ବରୁ ତାଙ୍କୁ ସରକାରୀ ସହାୟତା ମିଳିଥିବା ୫ଲକ୍ଷ ଟଙ୍କାରେ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ପୋଖରୀ ଖନନ କରିଥିବା ବେଳେ ଆଜି ୨ୟ ପୋଖରୀ ଖନନ ଲାଗି ପହଞ୍ଚିଥିଲେ । ତାଙ୍କ ସହିତ ସରପଂଚ ଜୟନ୍ତୀ ପରିଡା, ୱାର୍ଡ ସଦସ୍ୟ ଅମୀୟ ପାତ୍ର, ଝୁନି ପାତ୍ର, ସୁବ୍ରତ ଜେନା, ଭବତାରଣ ପରିଡା, ସତ୍ୟଜିତ୍ ପ୍ରଧାନ, ଦେବଜିତ୍ ପ୍ରଧାନ, ନିରାଶ୍ରୟ ପରିଡା, ଗୋପାଳ ପରିଡା, ଅତୁଲ ଭୂୟାଁ, ସଂଜିବ ପ୍ରଧାନ, ତ୍ରିଲୋଚନ ନାୟକ ପ୍ରମୁଖ ଯାଇ ଏକ ସରକାରୀ ସ୍ଥାନରେ ପୋଖରୀ ଖୋଳା ପାଇଁ ପ୍ରସ୍ତାବ ଦେଇଥିଲେ । ଏଥିଲାଗି ଶ୍ରୀ ପଣ୍ଡା ତହସିଲଦାର ଓ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ

# ୧୦୭ତମ ବିଜୁ ଜୟନ୍ତି ଉପଲକ୍ଷେ ନୀଳଗିରିରେ ବିଶାଳ ମହିଳା ସମାବେଶ



ନୀଳଗିରି, ୧୬/୦୩ (ନି.ପ୍ର): ୧୦୭ତମ ବିଜୁ ଜୟନ୍ତି ଉପଲକ୍ଷେ ନୀଳଗିରିରେ ଏକ ବିଶାଳ ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଅଛି । ନୀଳଗିରି ବିଜେଡି ଦଳ ନେତା ସନ୍ତୋଷ ଖଟୁଆଙ୍କ ନେତୃତ୍ୱରେ ମହିଳା ସମାବେଶ ଆୟୋଜନ କରାଯାଇଥିବା ବେଳେ ନୀଳଗିରି କେ.ସି. ହାଇସ୍କୁଲ ପଡ଼ିଆରେ ଆୟୋଜିତ ମହିଳା ସମାବେଶରେ ୧୦ହଜାରରୁ ଅଧିକ ମହିଳାଙ୍କ ସମାବେଶ ନୀଳଗିରିରେ ପ୍ରଥମ । ନୀଳଗିରି ଜଗନ୍ନାଥ ମନ୍ଦିରରୁ ମହିଳାମାନେ ଏକତ୍ରିତ ହୋଇ ଏକ ବିରାଟ ଶୋଭାଯାତ୍ରାରେ ବାହାରି ସମାବେଶସ୍ଥଳକୁ ଆସିଥିଲେ । ଏତେ ସଂଖ୍ୟକ ମହିଳାମାନଙ୍କ ସମାବେଶରେ ନୀଳଗିରି ବଡ଼ଦାଣ୍ଡ ଏକପ୍ରକାର ଜାମ ହୋଇଯାଇଥିଲା । ମହିଳା ନେତ୍ରୀ ପ୍ରତୀକ୍ଷା ସିଂ ମଂଚ ପରିଚାଳନା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ବିଜେଡିର ରାଜ୍ୟ କାର୍ଯ୍ୟକାରୀ ସଭାନେତ୍ରୀ ସୁବାସିନୀ ଜେନା ମଂଚାସିନ ରହି ପ୍ରଦୀପ ପ୍ରଜ୍ୱଳନ କରି ମହିଳା ସମାବେଶକୁ ଉଦ୍‌ଘାଟନ କରିଥିଲେ । ବିଜୁ ବାବୁଙ୍କ ୧୦୭ତମ ଜୟନ୍ତି ଅବସରରେ ଆଜିର ଏହି ବିଶାଳ ମହିଳା ସମାବେଶକୁ ଦେଖି ନବୀନବାବୁଙ୍କ ପ୍ରତି ମହିଳାମାନଙ୍କର ଭଲ ପାଇବା ଏଥିରୁ ଜଣାପଡ଼ିଛି ବୋଲି ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ । ବାଲେଶ୍ୱର ବିଜୁ ଜନତା ଦଳର ମହିଳା ସଭାନେତ୍ରୀ ବିନ୍ଦୁବାଳା ନନ୍ଦୀ ଯୋଗଦେଇ ଓଡ଼ିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମହିଳାଙ୍କୁ ସମ୍ମାନ, ସମାନତା ଓ ସଶକ୍ତିକରଣ କ୍ଷେତ୍ରରେ ବହୁବିଧ ଯୋଜନା ପ୍ରଣୟନ କରି ମହିଳାମାନଙ୍କର ଆର୍ଥିକ ମାନଦଣ୍ଡକୁ ସୁଦୃଢ଼ କରିଛନ୍ତି ବୋଲି ପ୍ରକାଶ କରିଥିଲେ । ସେହିପରି ଏନ.ଏ.ସି. ର ଅଧକ୍ଷା ଅମ୍ବିକା ଦାସ, ନୀଳଗିରି ବ୍ଲକ ଅଧକ୍ଷା ଶୁଭଲକ୍ଷ୍ମୀ ମାଝୀ, ଔପଦା ବ୍ଲକ ଚେୟରମ୍ୟାନ, ରଜନୀ ମହାନ୍ତି, କମଳାମଣି ପରିଡ଼ା, ସବିତା ନାୟକ, ସରସ୍ୱତୀ ପାତ୍ର, ଜିଲ୍ଲା ଉପସଭାନେତ୍ରୀ ରଂଜିତା ମହାପାତ୍ର, ରୋଜି ପଟ୍ଟନାୟକ, ଜୟନ୍ତି ଦତ, ଅଶ୍ରିତା ତରେଇ, ଆଦ୍ୟାତା ଦାସ, ସମେତ ବହୁ ମହିଳା ନେତ୍ରୀ ମଂଚାସୀନ ରିହ ନିଜ ନିଜର ବକ୍ତବ୍ୟ ରଖିଥିଲେ । ବିଭିନ୍ନ ପଂଚାୟତରୁ ଆସିଥିବା ଆଦିବାସୀ ଭାଇଭଉଣୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମହିଳା ସମାବେଶକୁ ବିଜେଡି ନେତା ସନ୍ତୋଷ ଖଟୁଆ, ଗତିକୃଷ୍ଣ ନନ୍ଦ, ଶିଶିର କୁମାର ରାଉତ, ଧର୍ମେନ୍ଦ୍ର ମହାପାତ୍ର, ସମେତ ବହୁ ନେତୃତ୍ୱଙ୍କ ସହଯୋଗରେ ନୀଳଗିରି ଇତିହାସରେ ଏତେ ସଂଖ୍ୟକ ମହିଳା ସମାବେଶ ପ୍ରଥମ ଥର ହୋଇଛି ବୋଲି ଚର୍ଚ୍ଚା ଚାଲିଛି ।

## ଜଳେଶ୍ୱର ପୌରାଞ୍ଚଳରୁ ଜଳନିଷ୍କାସନ ବ୍ୟବସ୍ଥା : ମାଷ୍ଟର ପ୍ଲାନରେ ଖର୍ଚ୍ଚହେବ ୧ କୋଟି

ଜଳେଶ୍ୱର, ୧୬/୩(ନି.ପ୍ର): ଜଳେଶ୍ୱର ସହରରୁ ବର୍ଷାପାଣି ଓ ବର୍ଯ୍ୟ ପାଣି ନିଷ୍କାସନ ଲାଗି ଦୀର୍ଘବର୍ଷ ଧରି ଦାବି ହୋଇ ଆସୁଥିବା ବେଳେ ଏବେ ନଗର ଉନ୍ନୟନ ବିଭାଗ ପକ୍ଷରୁ ପ୍ରସ୍ତୁତ ଆରମ୍ଭ ହୋଇଛି । ବିଶୃଙ୍ଖଳିତ ନିର୍ମାଣ ଯୋଗୁଁ ଜଳ ନିଷ୍କାସନ ହୋଇ ପାରୁନଥିବାରୁ ଦୀର୍ଘଦିନ ଧରି ବର୍ଷଜଳ ବ୍ୟାପକ କ୍ଷତି ଘଟାଇଥାଏ । ପୌରସଭାର ଅଧିବେସନକୁ ଗୁରୁତ୍ୱ ଦେଇ ଡିପିଆର୍ ପ୍ରସ୍ତୁତ ହୋଇଥିବାର ପୌରପାଳ ପ୍ରଦୀପ କୁମାର ପ୍ରଧାନ ସୂଚନା ଦେଇଛନ୍ତି । ମାଷ୍ଟର ପ୍ଲାନ ଲାଗି ୧ କୋଟି ଟଙ୍କା ବ୍ୟୟ ହେବାକୁ ଯାଉଥିବା ବେଳେ ସ୍ଥାୟୀ ଜଳ ନିଷ୍କାସର ବ୍ୟବସ୍ଥା ହେବ ବୋଲି ସେ ସୂଚନା ଦେଇଛନ୍ତି । ଚଳିତବର୍ଷ ବାରମୁହଁ ପୋଲ ଠାରୁ ନନ୍ଦିକା ଯାଏ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ଜଳ ନିଷ୍କାସନ ପଥ ପରିଷ୍କାର ହୋଇଥିବା ବେଳେ ଏବେ ଶାନ୍ତିଆ ନିକଟରୁ ଏହି ଜଳ ନିଷ୍କାସନ ହେବ ବୋଲି କୁହାଯାଉଛି । ପଶ୍ଚିମ ବଂଗରୁ କେତେକ ଅଂଚଳରୁ ଏବଂ ସ୍ଥାନୀୟ ଉଦ୍‌ବୃତ୍ତ ବର୍ଷାପାଣି ବିଭିନ୍ନ ୱାର୍ଡରେ ଜମା ହେଉଥିବାରୁ ଏହାର ନିଷ୍କାସନ ଲାଗି ଜଳେଶ୍ୱର-ପଶ୍ଚିମବାର୍ଡ ରାସ୍ତା କଡେ କଡେ ବ୍ୟବସ୍ଥା ହେବା ଲାଗି କେତେକ ଦାବି କରିଛନ୍ତି । ଦୀର୍ଘବର୍ଷପରେ ଜଳନିଷ୍କାସନ ପଥ ପରିଷ୍କାର ହେବାକୁ ଯାଉଥିବାରୁ ଆପାତତଃ ସମାଧାନ ହେବ ବୋଲି ଜଣାଯାଇଛି ।

ବିବେକାନନ୍ଦ ଶିକ୍ଷାକେନ୍ଦ୍ର

ମୁଖୁରା, ରେମୁଣା, ବାଲେଶ୍ୱର

ଶିକ୍ଷାବର୍ଷ-୨୦୨୩-୨୪

COR No-VSKMRB/237/2022
UDISE CODE-21080913971

ରାଜ୍ୟ ସରକାରଙ୍କ ସ୍ୱୀକୃତିପ୍ରାପ୍ତ ଏହି ଅନୁଷ୍ଠାନରେ ଶ୍ରେଣୀ କେଜି ୧ ଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ନାମଲେଖା ଚାଲୁଅଛି । ଓଡ଼ିଶା ସରକାରଙ୍କର RTE Act ଅନୁଯାୟୀ ୨୫% ଆସନ ଆର୍ଥିକ ଅନଗ୍ରସର, ଦିବ୍ୟାଙ୍ଗ ଓ ଅନୁସୂଚୀତ ଜାତି ଓ ଜନଜାତିର ଛାତ୍ରଛାତ୍ରୀମାନଙ୍କୁ ମାଗଣା ଶିକ୍ଷାଦାନ ପାଇଁ ଉଦ୍ଦିଷ୍ଟ । ଯେଉଁମାନଙ୍କର ବାସସ୍ଥାନ ବିଦ୍ୟାଳୟରୁ ୧ କି.ମି ଦୂରତା ମଧ୍ୟରେ ହୋଇଥିବ ଉକ୍ତ ପିଲାମାନଙ୍କ ପାଇଁ ନମେଲେଖା ଫର୍ମ ବିମା ମୂଲ୍ୟରେ ପ୍ରାପ୍ତ ହୋଇପାରିବ । ଆବଶ୍ୟକୀୟ କାଗଜପତ୍ର ଦାଖଲ କରି ଛାତ୍ରଛାତ୍ରୀମାନେ ଉକ୍ତ ସୁବିଧା ପାଇପାରିବେ ।

ପ୍ରଧାନ ଶିକ୍ଷକ
ବିବେକାନନ୍ଦ ଶିକ୍ଷାକେନ୍ଦ୍ର
ମୁଖୁରା, ରେମୁଣା, ବାଲେଶ୍ୱର

Mob - 9337628861, 9437256685, 8280193353

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo